- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-104 ◆WEDNESDAY ◆07 OCTOBER 2026 ◆PAGE-12 ◆₹ 7.00 | SAMBALPUR | ◆ବର୍ଷ-୪୪ ◆ସଂଖ୍ୟା-୧୦୪ ◆ବୁଧବାର ◆୦୭ ଅକ୍ଟୋବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




ନେତୃତ୍ୱ ଛାଡ଼ିଲେ ହର୍ମନ୍‌ପ୍ରୀତ୍

▶ ଖେଳ ପୃଷ୍ଠା ଦେଖନ୍ତୁ...





| | 125 | NS 125 | N160 S/SS | NS 160 | 220 | NS 400 |
|---|---|---|---|---|---|---|
| एक्स-शोरूम कीमत | ₹95 191/- | ₹1 04 082/- | ₹1 21 988/- | ₹1 27 304/- | ₹1 42 166/- | ₹1 86 806/- |
| कैश ऑफर | ₹2 500/- | ₹2 500/- | ₹3 000/- | ₹3 000/- | ₹3 000/- | ₹5 000/- |
| PF सेविंग्स + 5 फ्री सर्विसेस | ₹3 500/- | ₹3 700/- | ₹4 500/- | ₹4 500/- | ₹4 700/- | ₹7 000/- |
| कुल बचत | ₹6 000/- | ₹6 200/- | ₹7 500/- | ₹7 500/- | ₹7 700/- | ₹12 000/- |

Flipkart amazon.in पर भी उपलब्ध*

10 YEAR WARRANTY | BAJAJ SECURE • AMC • ROAD SIDE ASSISTANCE

72198 21111

SHRIRAM Finance | IDFC FIRST Bank ALWAYS YOU FIRST | BAJAJ AUTO CREDIT | L&T Finance | TATA CAPITAL Two Wheeler Loans

*नियम और शर्तें लागू. बचत 31 अक्टूबर 2026 तक लागू है. दर्शाई गई कुल सेविंग्स का तात्पर्य है कैश ऑफ़र से प्राप्त बचत की कुल राशि, ज़ीरो प्रोसेसिंग फ़ीस और 5 फ्री सर्विसेस (2 अतिरिक्त फ्री सर्विसेस). शून्य पीएफ़ पर सेविंग्स, फ़ायनान्सर पर निर्भर करते हुए लोकेशन्स के अनुसार बदल सकती हैं. फ़ायनान्स उपलब्ध है फ़ायनान्सर के अपने स्व-निर्णय पर. लागू होने वाले ऑफ़र अलग-अलग मॉडल या क्षेत्र के हिसाब से अलग-अलग हो सकते हैं. बताई गई एक्स-शोरूम कीमतें संबंधित मॉडल के बेस वैरिएंट की हैं. स्टंट्स, एक्सपर्ट्स द्वारा प्रोफ़ेशनल सुपरविज़न के तहत, आम जनता या आम रास्तों से हट कर नियंत्रित और बंद सीमित वातावरण में किए गए हैं. कृपया इन स्टंट्स की नक़ल करने का प्रयास न करें और हर समय ट्रैफ़िक तथा सुरक्षा नियमों का पालन करें.

**Authorised Dealers for Bajaj Auto Ltd.: Sambalpur: UJJWAL BAJAJ 9853155550, Sonepur UJJWAL BAJAJ 9348711920 • Bargarh UJJWAL BAJAJ 9124042012 •Dungripalli UJJWAL BAJAJ 9937679753 • Keonjhar JR BAJAJ 9937697094 / 9439008692• Angul: JAMUNA BAJAJ 7682899351 Chendipada 9692646493 • Rourkela** RM BAJAJ 9078083803 • **Sundergarh** RM BAJAJ 9078083500 • **Bolangir** URBASI BAJAJ 7381052046 • **Bhawanipatna** KALINGA AUTO SERVICE 8763863692 • **Jharsuguda UTKAL BAJAJ** 9337200356.

# ୨୦୦୦ତମ ଏରୋ-ଇଞ୍ଜିନ୍ ବାୟୁସେନାକୁ ହସ୍ତାନ୍ତର

## ଶକ୍ତି ଇଞ୍ଜିନ୍ ପ୍ରକଳ୍ପର ଶିଳାନ୍ୟାସ କଲେ ପ୍ରତିରକ୍ଷା ମନ୍ତ୍ରୀ




ସୁନାବେଡ଼ା,୬ ।୧୦(ସମିସ): ପ୍ରତିରକ୍ଷା ଓ ଏରୋସ୍ପେସ୍ କ୍ଷେତ୍ରରେ ଓଡ଼ିଶାର ଭୂମିକାକୁ ଆହୁରି ମଜବୁତ କରି ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍‌ର କୋରାପୁଟ ଡିଭିଜନ୍ ମଙ୍ଗଳବାର ଏକ ବଡ଼ ମାଇଲଖୁଣ୍ଟ ହାସଲ କରିଛି। ସୁନାବେଡ଼ାସ୍ଥିତ ହାଲ୍‌ର ୨୦୦୦ତମ ଏରୋ-ଇଞ୍ଜିନ୍‌କୁ ଭାରତୀୟ ବାୟୁସେନାକୁ ପ୍ରତୀକାତ୍ମକ ଭାବେ ହସ୍ତାନ୍ତର କରାଯିବା ସହ ଶକ୍ତି ଇଞ୍ଜିନ୍‌ର ଦ୍ୱିତୀୟ ଉତ୍ପାଦନ ଲାଇନ୍ ଉଦ୍‌ଘାଟିତ ହୋଇଛି। ରକ୍ଷାମନ୍ତ୍ରୀ ରାଜନାଥ ସିଂହ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

୧୯୬୪ରୁ ଏରୋ-ଇଞ୍ଜିନ୍ ନିର୍ମାଣ କରିଆସୁଥିବା ହାଲ୍ କୋରାପୁଟ ଛଅ ଦଶନ୍ଧିରେ ଦେଶର ପ୍ରତିରକ୍ଷା କ୍ଷମତାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଛି। ମିଗ୍-୨୧, ମିଗ୍-୨୭, ମିଗ୍-୨୯ ଓ ସୁଖୋଇ-୩୦ ଏମ୍‌କେଆଇ ଭଳି ଯୁଦ୍ଧବିମାନ ପାଇଁ ଇଞ୍ଜିନ୍ ନିର୍ମାଣ ସହ ୯ ହଜାରରୁ ଅଧିକ ଇଞ୍ଜିନ୍‌ର ଓଭରହଲ୍ କରିଛି ଏହି ଡିଭିଜନ୍।

ରକ୍ଷାମନ୍ତ୍ରୀ କହିଛନ୍ତି, ବିମାନର ଇଞ୍ଜିନ୍ ତାହାର ହୃଦୟ ସଦୃଶ। ତେଣୁ ଏରୋ-ଇଞ୍ଜିନ୍‌ର ଡିଜାଇନ୍, ବିକାଶ, ପରୀକ୍ଷଣ, ଉତ୍ପାଦନ ଓ ରକ୍ଷଣାବେକ୍ଷଣରେ ସ୍ୱଦେଶୀ କ୍ଷମତା ବଢ଼ାଇବା ଆତ୍ମନିର୍ଭର ପ୍ରତିରକ୍ଷା ବ୍ୟବସ୍ଥା ପାଇଁ ଅତ୍ୟନ୍ତ ଜରୁରୀ। ଏଏଲ୍-୩୧ ଏଫ୍‌ପି ଇଞ୍ଜିନ୍‌ର ବାର୍ଷିକ ଉତ୍ପାଦନ କ୍ଷମତା ୩୦ରୁ ୫୦କୁ ବଢ଼ାଇବା ପାଇଁ ୩୩୫ କୋଟି ଟଙ୍କା ବିନିଯୋଗ ହେବ। ଶକ୍ତି ଇଞ୍ଜିନ୍‌ର ଦ୍ୱିତୀୟ ଉତ୍ପାଦନ ଲାଇନ୍ ପାଇଁ ୨୧୮ କୋଟି ଟଙ୍କା ଖର୍ଚ୍ଚ ହେବ। ଏହି ଲାଇନ୍‌ରୁ ବାର୍ଷିକ ୧୦୦ଟି ପର୍ଯ୍ୟନ୍ତ

**■ ଦେଶର ପ୍ରତିରକ୍ଷା କ୍ଷେତ୍ରରେ ହାଲ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ: ରାଜନାଥ**
**■ ରାଜ୍ୟରେ ସ୍ଥାପନ ହେଉ ଆଉ ଏକ ପ୍ରତିରକ୍ଷା ନିର୍ମାଣ ୟୁନିଟ୍: ମୋହନ**

ଇଞ୍ଜିନ୍ ଉତ୍ପାଦନ ହୋଇପାରିବ ଏବଂ ୨୦୨୮-୨୯ ସୁଦ୍ଧା ପୂର୍ଣ୍ଣ କ୍ଷମତାରେ ଚାଲିବ। ଧ୍ରୁବ ଓ ପ୍ରଚଣ୍ଡ ଭଳି ସ୍ୱଦେଶୀ ହେଲିକପ୍ଟର ପାଇଁ ଏହା ଇଞ୍ଜିନ୍ ଯୋଗାଇବ। ଏଥିସହ ସ୍ୱଦେଶୀ ହାଇ-ଥ୍ରଷ୍ଟ ଏରୋ-ଇଞ୍ଜିନ୍ ବିକାଶ ପାଇଁ ପ୍ରାୟ ୫,୦୦୦ କୋଟି ଟଙ୍କାର କାର୍ଯ୍ୟକ୍ରମ ଚାଲିଛି। କଞ୍ଚାମାଲର ସ୍ୱଦେଶୀକରଣ ସହ ଦେଶର ପ୍ରଥମ ସ୍ୱଦେଶୀ ହାଇ-ଥ୍ରଷ୍ଟ ଇଞ୍ଜିନ୍ ପରୀକ୍ଷଣ କେନ୍ଦ୍ର ପ୍ରତିଷ୍ଠା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି।

କୋରାପୁଟକୁ ଏକ ବୃହତ୍ ଏରୋସ୍ପେସ୍ ପ୍ରପଲସନ୍ କେନ୍ଦ୍ରରେ ପରିଣତ କରିବାକୁ ହାଲ୍‌କୁ ରାଜନାଥ ଆହ୍ୱାନ ଦେଇଛନ୍ତି। ଏଥିପାଇଁ କ୍ଷୁଦ୍ର, ଲଘୁ ଓ ମଧ୍ୟମ ଉଦ୍ୟୋଗ, ଷ୍ଟାର୍ଟଅପ୍, ଘରୋଇ ଶିଳ୍ପ, ବିଶ୍ୱବିଦ୍ୟାଳୟ ଓ ଗବେଷଣା ସଂସ୍ଥାକୁ ଯୋଡ଼ିବା ଉପରେ ସେ ଜୋର ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ମାଝୀ କହିଛନ୍ତି, ଓଡ଼ିଶାର ଧାତୁ ଡାଉନଷ୍ଟ୍ରିମ୍, ସେମିକଣ୍ଡକ୍ଟର ଓ ସୂଚନା ପ୍ରଯୁକ୍ତି କ୍ଷେତ୍ରର ବିକାଶ ପ୍ରତିରକ୍ଷା ଶିଳ୍ପ ପାଇଁ ନୂଆ ସୁଯୋଗ ସୃଷ୍ଟି କରୁଛି। ରାଜ୍ୟରେ ଆଉ ଏକ ପ୍ରତିରକ୍ଷା ଉତ୍ପାଦନ ୟୁନିଟ୍ ପାଇଁ ସେ ପ୍ରସ୍ତାବ ଦେଇଛନ୍ତି। ଢେଙ୍କାନାଳର ଗଜମରାରେ ଏରୋସ୍ପେସ୍ ଓ ପ୍ରତିରକ୍ଷା ଉପକରଣ ଉତ୍ପାଦନ କମ୍ପ୍ଲେକ୍ସକୁ ମଞ୍ଜୁରି ମିଳିବା ମଧ୍ୟ ଏହି ଦିଗରେ ଏକ ପଦକ୍ଷେପ। ହାଲ୍ କୋରାପୁଟ ଓ ଚାନ୍ଦିପୁରର ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନର ପରୀକ୍ଷଣ କେନ୍ଦ୍ର ସହ ଓଡ଼ିଶାର ଶିଳ୍ପ ଭିତ୍ତିଭୂମି, ବନ୍ଦର, ଖଣିଜ ସମ୍ପଦ ଓ କୁଶଳୀ ମାନବସମ୍ବଳ ରାଜ୍ୟକୁ ଦେଶର ଏକ ପ୍ରମୁଖ ପ୍ରତିରକ୍ଷା ହବ୍‌ରେ ପରିଣତ କରିବାର ଭିତ୍ତି ସୃଷ୍ଟି କରୁଛି।

# ଆଜି ମଶାଲ ଶୋଭାଯାତ୍ରା; ୮ରେ ଓଡ଼ିଶା ବନ୍ଦ

ଭୁବନେଶ୍ୱର, ୬।୧୦(ସମିସ): ଆସନ୍ତା ୮ ଅକ୍ଟୋବରରେ ଓଡ଼ିଶା ବନ୍ଦକୁ ସଫଳ କରିବା ପାଇଁ ଇଣ୍ଡିଆ ବ୍ଲକ ପକ୍ଷରୁ ପ୍ରସ୍ତୁତି ଜୋରଦାର କରାଯାଇଛି। ଏନେଇ ମଙ୍ଗଳବାର କଂଗ୍ରେସ ଭବନରେ ଇଣ୍ଡିଆ ବ୍ଲକର ଅଂଶୀଦାର ଦଳଗୁଡ଼ିକର ଏକ ବୈଠକ ଅନୁଷ୍ଠିତ ହୋଇ ବନ୍ଦର ଚୂଡ଼ାନ୍ତ ପ୍ରସ୍ତୁତି ଓ ରଣନୀତି ନେଇ ଆଲୋଚନା କରାଯାଇଛି। ଏଥିସହ ଆଜି ମଶାଲ ଶୋଭାଯାତ୍ରା କରାଯିବ ବୋଲି ଜଣାପଡ଼ିଛି।

**ବନ୍ଦକୁ ସଫଳ କରିବାକୁ ଇଣ୍ଡିଆ ବ୍ଲକର ପ୍ରସ୍ତୁତି**

ବନ୍ଦକୁ ଜିଲ୍ଲା ଓ ବ୍ଲକସ୍ତରରେ ସଫଳ କରିବା ସହ ସମସ୍ତ ଦଳ ଓ ସଂଗଠନ ମଧ୍ୟରେ ସମନ୍ୱୟ ରକ୍ଷା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି। ବନ୍ଦକୁ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ଭାବେ ପାଳନ କରିବା ସହ ଗଣତାନ୍ତ୍ରିକ ଓ ଧର୍ମନିରପେକ୍ଷ ଶକ୍ତିଗୁଡ଼ିକୁ ଏଥିରେ ସାମିଲ କରିବା ପାଇଁ ଆହ୍ୱାନ ଦିଆଯାଇଛି। ଇଣ୍ଡିଆ ବ୍ଲକର କହିବାନୁଯାୟୀ, ରାଜ୍ୟର ଗଣତାନ୍ତ୍ରିକ ଅଧିକାର, ରାଜ୍ୟ ସ୍ୱାର୍ଥ, ଲୋକଙ୍କ ଅଧିକାର ଓ ସାମ୍ବିଧାନିକ ମୂଲ୍ୟବୋଧର ସୁରକ୍ଷା ଦାବିରେ ବନ୍ଦ ଡକାଯାଇଛି। ଏହା ସହିତ ଏମ୍‌ଏମ୍‌ଡିଆର୍ ସଂଶୋଧନ ଆଇନ ସମ୍ପୂର୍ଣ୍ଣ ରଦ୍ଦ, ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ବରଖାସ୍ତ, ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଏବଂ ବନ୍ୟା ପ୍ରଭାବିତଙ୍କୁ ପର୍ଯ୍ୟାପ୍ତ ରିଲିଫ୍ ଯୋଗାଇବା ଆଦି ୪ଟି ପ୍ରମୁଖ ଦାବି ରହିଛି।

ବନ୍ଦ ସମୟରେ ବସ୍, ଟ୍ରକ୍, ଅଟୋ ସମେତ ସାଧାରଣ ପରିବହନ, ବ୍ୟବସାୟିକ ପ୍ରତିଷ୍ଠାନ, ବଜାର, ଦୋକାନ, ଅଦାଲତ ଏବଂ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ବନ୍ଦ ରଖିବାରେ ସହଯୋଗ କରିବାକୁ ଆହ୍ୱାନ ଦିଆଯାଇଛି। ତେବେ ହସ୍ପିଟାଲ, ଆମ୍ବୁଲାନ୍ସ, ଅଗ୍ନିଶମ ସେବା, ଔଷଧ ଦୋକାନ, ଦୁଧ ଯୋଗାଣ ଭଳି ଅତ୍ୟାବଶ୍ୟକ ସେବାକୁ ବନ୍ଦରୁ ବାଦ ଦିଆଯିବ ବୋଲି କୁହାଯାଇଛି। ବରିଷ୍ଠ କଂଗ୍ରେସ ନେତା ତଥା ରାଜ୍ୟ ଉପସଭାପତି ସନ୍ତୋଷ ସିଂ ସାଲୁଜାଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ କଂଗ୍ରେସ, ସିପିଆଇ, ସିପିଆଇ(ଏମ୍), ସିପିଆଇ(ଏମ୍‌ଏଲ୍) ଲିବରେସନ, ଫରୱାର୍ଡ ବ୍ଲକ, ଏନ୍‌ସିପି (ଶରଦ ପୱାର), ସମାଜବାଦୀ ପାର୍ଟି, ଆର୍‌ଜେଡି ଓ ଜେଏମ୍‌ଏମ୍ ସମେତ ବିଭିନ୍ନ ଦଳର ନେତାମାନେ ଯୋଗ ଦେଇଥିଲେ। ରାଜ୍ୟବାସୀଙ୍କୁ ବନ୍ଦରେ ସହଯୋଗ କରି ଗଣତାନ୍ତ୍ରିକ ପ୍ରତିବାଦକୁ ଶକ୍ତିଶାଳୀ କରିବାକୁ ଇଣ୍ଡିଆ ବ୍ଲକ ପକ୍ଷରୁ ଆହ୍ୱାନ ଦିଆଯାଇଛି।

# ଗୁଳିକରି ଯୁବକଙ୍କୁ ହତ୍ୟା



ଅନୁଗୋଳ,୬।୧୦(ସମିସ): ଅନୁଗୋଳ ଜିଲ୍ଲା ବନ୍ତଳା ଥାନା ଅନ୍ତର୍ଗତ ବନ୍ତଳା ଗାଁର ନିମ ଛକରେ ମଙ୍ଗଳବାର ଗୁଳିକାଣ୍ଡ ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ବନ୍ତଳା ଗାଁର ସୁଶାନ୍ତ ପ୍ରଧାନ। ସେହି ରାସ୍ତା ଦେଇ ସୁଶାନ୍ତ ଯାଉଥିବାବେଳେ କେହି ଦୁର୍ବୃତ୍ତ ତାଙ୍କୁ ଗୁଳିମାଡ଼ କରି ଚାଲିଯାଇଥିଲା। ଏଥିରେ ସୁଶାନ୍ତ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ବନ୍ତଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ତେବେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହି ଗୁଳିକାଣ୍ଡ ପରେ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଗୁଳିମାଡ଼ କରିଥିବା ଦୁର୍ବୃତ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବାବେଳେ ଘଟଣାସ୍ଥଳରେ ଏକ ବନ୍ଧୁକ ପଡ଼ିଥିବା ଦେଖିବାକୁ ମିଳିଛି। ଖବର ପାଇ ବନ୍ତଳା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିଛି। କିଏ ଓ କେଉଁ କାରଣରୁ ସୁଶାନ୍ତଙ୍କ ଉପରକୁ ଗୁଳି ଚଳାଇଲା, ତାହା ଖବର ଲେଖାହେବା ଯାଏଁ ସ୍ପଷ୍ଟ ହୋଇପାରିନାହିଁ। ତଦନ୍ତ ପରେ ଗୁଳିକାଣ୍ଡ ପଛର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି।

# ଗ୍ରାମ୍ୟ ଉନ୍ନୟନ ସଚିବଙ୍କୁ ହାଇକୋର୍ଟରେ ହାଜର ନିର୍ଦ୍ଦେଶ

କଟକ,୬ ।୧୦(ସମିସ): ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମଜିଏସୱାଇ) ଅଧୀନରେ ଶ୍ରମିକଙ୍କ ବର୍ଦ୍ଧିତ ସର୍ବନିମ୍ନ ମଜୁରୀ ଠିକାଦାରଙ୍କୁ ଭରଣା କରାଯିବା ନେଇ ରହିଥିବା ସରକାରଙ୍କ ଗାଇଡଲାଇନକୁ ନେଇ ହାଇକୋର୍ଟ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏହି ମାମଲାରେ ସ୍ପଷ୍ଟୀକରଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ଆସନ୍ତା ୧୫ତାରିଖରେ ଭର୍ଚୁଆଲ ମାଧ୍ୟମରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଡ.ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଅମିତା ଚୌଧୁରୀଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଗତ ୨୦୧୭ମାର୍ଚ୍ଚ୩ରେ ଜାରି ହୋଇଥିବା ବିଭାଗୀୟ ଗାଇଡଲାଇନ ଅନୁଯାୟୀ ବର୍ଦ୍ଧିତ ସର୍ବନିମ୍ନ ମଜୁରୀ ଭରଣା ପାଇଁ ଠିକାଦାରଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ଆଣିବାକୁ ପଡ଼ିବ। ଗାଇଡଲାଇନର ଧାରା ୧୦ ଅନୁସାରେ କେବଳ ସେହି କ୍ଷେତ୍ର ଗୁଡ଼ିକରେ ବର୍ଦ୍ଧିତ ମଜୁରୀ ଭରଣା କଥା ବିଚାର କରାଯିବ, ଯେଉଁଥିରେ ହାଇକୋର୍ଟ ଆଦେଶ ପାରିତ କରିଥିବେ। ଠିକାଦାରଙ୍କୁ ସେମାନଙ୍କର ପ୍ରାପ୍ୟ ପାଇବା ପାଇଁ ଅଦାଲତଙ୍କ ଦ୍ୱାରସ୍ଥ ହେବାକୁ ବାଧ କରୁଥିବା ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗର ଏକ ନିୟମାବଳୀ (ଗାଇଡଲାଇନ) କୁ ନେଇ ହାଇକୋର୍ଟ ମଧ୍ୟ ପୂର୍ବରୁ ଆଶ୍ଚର୍ଯ୍ୟ ପ୍ରକାଶ କରିଥିଲେ। ମାମଲାରୁ ପ୍ରକାଶ ଯେ ଆବେଦନକାରୀ ଠିକାଦାର ପିଏମଜିଏସୱାଇ ଯୋଜନା ଅଧୀନରେ କିଛି ନିର୍ମାଣ କାର୍ଯ୍ୟ ହାତକୁ ନେଇଥିଲେ। ପରବର୍ତ୍ତୀ ସମୟରେ ସରକାର ଶ୍ରମିକମାନଙ୍କ ସର୍ବନିମ୍ନ ମଜୁରୀ ବୃଦ୍ଧି କରିବା ପରେ ସେହି ଅନୁସାରେ ବର୍ଦ୍ଧିତ ଅର୍ଥରାଶି ଭରଣା କରିବା ପାଇଁ ସେ ୨୦୨୫ ଏପ୍ରିଲ ୧୫ରେ ଏକ ଆବେଦନ କରିଥିଲେ। ମାତ୍ର ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ୨୦୧୭ର ଏକ ଗାଇଡଲାଇନ ଆଧାରରେ ତାଙ୍କର ଆବେଦନକୁ ଖାରଜ କରିଦିଆଯାଇଥିଲା। ଫଳରେ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

**ପଞ୍ଚାୟତ ଓ ପୌର ନିର୍ବାଚନ ପ୍ରସ୍ତୁତି**

# ଅକ୍ଟୋବର ୨୬ରୁ ଘରକୁ ଘର ସର୍ଭେ

ଭୁବନେଶ୍ୱର,୬।୧୦(ସମିସ): ରାଜ୍ୟରେ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ-୨୦୨୭ ପାଇଁ ସ୍ୱଚ୍ଛ, ନିରପେକ୍ଷ ଓ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଯାଉଛି। ଏହି କ୍ରମରେ ମଙ୍ଗଳବାର ରାଜ୍ୟ ନିର୍ବାଚନ ଆୟୋଗ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। ରାଜ୍ୟ ନିର୍ବାଚନ ଆୟୁକ୍ତ ମଧୁସୂଦନ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ମାନ୍ୟତାପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନେ ଯୋଗଦେଇ ଆଗାମୀ ନିର୍ବାଚନ ପାଇଁ ଭୋଟର ତାଲିକା ପ୍ରସ୍ତୁତି ସମ୍ପର୍କରେ ନିଜ ନିଜ ମତାମତ ଓ ପରାମର୍ଶ ରଖିଛନ୍ତି।




ବୈଠକରେ ଆଗାମୀ ଅକ୍ଟୋବର ୨୬ ତାରିଖରୁ ଆରମ୍ଭ ହେବାକୁ ଥିବା ଘରକୁ ଘର ସର୍ଭେ ସମ୍ପର୍କରେ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ଅବଗତ କରାଯାଇଥିଲା। ଏହି ସର୍ଭେ ମାଧ୍ୟମରେ ଭୋଟର ତାଲିକାକୁ ଅଧିକ ସଠିକ, ଅଦ୍ୟତନ ଓ ତ୍ରୁଟିଶୂନ୍ୟ କରିବା ସହ ଯୋଗ୍ୟ ଭୋଟରମାନଙ୍କ ନାମ ତାଲିକାରେ ସଠିକ ଭାବେ ସ୍ଥାନ ପାଇବା ଏବଂ ଅଯୋଗ୍ୟ, ସ୍ଥାନାନ୍ତରିତ କିମ୍ବା ମୃତ ଭୋଟରଙ୍କ ସମ୍ପର୍କିତ ତଥ୍ୟ ଯାଞ୍ଚ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ରାଜ୍ୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ସମସ୍ତ ରାଜନୈତିକ ଦଳକୁ ଏହି ଘରକୁ ଘର ସର୍ଭେ ପ୍ରକ୍ରିୟାରେ ସକ୍ରିୟ ଭାବେ ସହଯୋଗ କରିବାକୁ ଅନୁରୋଧ କରାଯାଇଛି। ବିଶେଷକରି, ପ୍ରତ୍ୟେକ ରାଜନୈତିକ ଦଳ ନିଜର ବୁଥ୍‌ସ୍ତରୀୟ ଏଜେଣ୍ଟ (ବିଏଲ୍ଏ) ମାନଙ୍କୁ ରାଜ୍ୟର ସମସ୍ତ ମତଦାନ କେନ୍ଦ୍ର ଗୁଡିକରେ ନିୟୋଜିତ କରିବା ସହ ସର୍ଭେ ସମୟରେ ସେମାନଙ୍କର ସକ୍ରିୟ ଅଂଶଗ୍ରହଣ ସୁନିଶ୍ଚିତ କରିବାକୁ ଆୟୋଗ ପକ୍ଷରୁ ଅନୁରୋଧ କରାଯାଇଛି। ସମସ୍ତ ରାଜନୈତିକ ଦଳମାନଙ୍କୁ ଅକ୍ଟୋବର ୧୫ ତାରିଖ ସୁଦ୍ଧା ବିଏଲ୍ଏଙ୍କ ତଥ୍ୟ ସହାୟକ ନିର୍ବାଚକ ପଞ୍ଜୀକରଣ ଅଧିକାରୀ (ଏଇଆର୍‌ଓ) ତଥା ଗ୍ରାମାଞ୍ଚଳ ପାଇଁ ବିଡିଓଙ୍କ ପାଖରେ ସହରାଞ୍ଚଳ ପାଇଁ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ମହାନଗର ନିଗମ ପାଇଁ ଡେପୁଟି କମିଶନର/ଆସିଷ୍ଟାଣ୍ଟ କମିଶନରଙ୍କ

**■ ତ୍ରୁଟିଶୂନ୍ୟ ଭୋଟର ତାଲିକା ଉପରେ ଆୟୋଗଙ୍କ ଗୁରୁତ୍ୱ**
**■ ରାଜନୈତିକ ଦଳଙ୍କ ସହ ନିର୍ବାଚନ ଆୟୋଗଙ୍କ ଆଲୋଚନା**

ପାଖରେ ଦାଖଲ କରିବା ପାଇଁ ଅନୁରୋଧ କରାଯାଇଛି। ବୈଠକରେ ରାଜନୈତିକ ଦଳର ପ୍ରତିନିଧିମାନେ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ଭୋଟର ତାଲିକା ପ୍ରସ୍ତୁତି ସମ୍ପର୍କରେ ବିଭିନ୍ନ ପରାମର୍ଶ ଦେବା ସହ ଘରକୁ ଘର ସର୍ଭେ ପ୍ରକ୍ରିୟାରେ ଆବଶ୍ୟକ ସହଯୋଗ ପ୍ରଦାନ କରିବାକୁ ଆଶ୍ୱାସନା ଦେଇଥିଲେ। ଏହି ବୈଠକରେ ଆୟୋଗର ସଚିବ ସନ୍ତୋଷ କୁମାର ଦାଶ, ଉପସଚିବ ଦୁର୍ଗା ଚରଣ ମୁର୍ମୁ ଓ ସମସ୍ତ ରାଜନୈତିକ ଦଳର ପ୍ରତିନିଧିବୃନ୍ଦ ଉପସ୍ଥିତ ଥିଲେ।

# ଜାମିନ୍ ପାଇଁ ହାଇକୋର୍ଟରେ ଗିରଫ ଜେଲ୍ ଅଧୀକ୍ଷକ

କଟକ,୬ ।୧୦(ସମିସ): ଚୌଦ୍ୱାର ସର୍କଲ ଜେଲ୍‌ର ନିଲମ୍ବିତ ବରିଷ୍ଠ ଅଧୀକ୍ଷକ ସୁଜିତ କୁମାର ରାଉଳ ହାଇକୋର୍ଟରେ ଜାମିନ ଆବେଦନ କରିଛନ୍ତି। ସେପ୍ଟେମ୍ବର ୩୦ରେ କଟକ ଅତିରିକ୍ତ ଦୌରା ଜଜ ତଥା ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଶ୍ରୀ ରାଉଳଙ୍କ ନିୟମିତ ଜାମିନ ଆବେଦନକୁ ଖାରଜ କରିବା ପରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗତ ସେପ୍ଟେମ୍ବର ୨୧ରେ ଶ୍ରୀ ରାଉଳଙ୍କୁ ଗିରଫ କରି ଚୌଦ୍ୱାର ପୁଲିସ କୋର୍ଟ ଚାଲାଣ କରିଥିଲା। ଚୌଦ୍ୱାର ଜେଲରୁ ଦୁଇ ଦୁର୍ଦ୍ଦାନ୍ତ କଏଦୀ ଫେରାର ଘଟଣା ପରେ ବରିଷ୍ଠ ଅଧୀକ୍ଷକ ଶ୍ରୀ ରାଉଳଙ୍କ ବିରୋଧରେ ଚୌଦ୍ୱାର ଥାନାରେ ଚୌଦ୍ୱାର ଜେଲ୍‌ର ପୂର୍ବତନ ଜେଲର୍ ଗୁରୁତର ଅଭିଯୋଗ ଆଣି ଏତଲା ଦେଇଥିଲେ। ସରକାରୀ ରେକର୍ଡ ହେରଫେର ଓ ସରକାରୀ ଡ୍ୟୁଟିରେ ଥାଇ ଅପରାଧିକ ବ୍ୟବହାର ଭଳି ସଙ୍ଗିନ କାର୍ଯ୍ୟରେ ସଂପୃକ୍ତ ଥିବା ନେଇ ଶ୍ରୀ ରାଉଳଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ଗତ ଅଗଷ୍ଟ ୨୯ରେ ଶ୍ରୀ ରାଉଳଙ୍କୁ ଆଗୁଆ ଜାମିନ ଦେବାକୁ ହାଇକୋର୍ଟ ମନା କରିଥିଲେ।

# ବିପର୍ଯ୍ୟୟ ପରିଚାଳନା ପାଇଁ ହାତ ମିଳାଇଲେ ଓଡ଼ିଶା-ଗୁଜରାଟ

ଭୁବନେଶ୍ୱର,୬।୧୦(ସମିସ): ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଅଭିଜ୍ଞତା ଏବଂ ଜ୍ଞାନ ବିନିମୟ ସହ ପରସ୍ପର ସହଯୋଗକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ଓଡ଼ିଶା ଓ ଗୁଜୁରାଟ ହାତ ମିଳାଇଛନ୍ତି। ଏହି କ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ନେତୃତ୍ୱରେ ଓସ୍‌ଡମାର ଏକ ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳୀ ଗୁଜରାଟ ଗସ୍ତ କରିଛନ୍ତି। ଗସ୍ତ ସମୟରେ ମନ୍ତ୍ରୀଙ୍କ ସହ ଏସ୍ଆରସି ରାଜେଶ ପ୍ରଭାକର ପାଟିଲ୍ ଏବଂ ଅନ୍ୟ ବରିଷ୍ଠ ଅଧିକାରୀବୃନ୍ଦ ଗାନ୍ଧୀନଗରସ୍ଥିତ ଗୁଜରାଟ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ 'ଗୁଜୁରାଟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡିଜାଷ୍ଟର ମ୍ୟାନେଜ୍‌ମେଣ୍ଟ' ପରିଦର୍ଶନ କରିବା ସହ ଭୁଜସ୍ଥିତ ସ୍ମୃତିବନ ଭୂମିକମ୍ପ ସ୍ମାରକୀ ଏବଂ ସଂଗ୍ରହାଳୟ ପରିଦର୍ଶନ କରି ବିପର୍ଯ୍ୟୟ ପରିଚାଳନାର ବିଭିନ୍ନ ପ୍ରାସଙ୍ଗିକ ଦିଗ ସମ୍ପର୍କରେ ଅନୁଭୂତି ଓ ଜ୍ଞାନ ଆହରଣ କରିଥିଲେ।

ଏହି ଅବସରରେ ମନ୍ତ୍ରୀ ଶ୍ରୀ ପୂଜାରୀ ଗୁଜରାଟର ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ରଭାଇ ପଟେଲଙ୍କୁ ସାକ୍ଷାତ କରି ଉଭୟ ରାଜ୍ୟର ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଗ୍ରହଣ କରାଯାଉଥିବା ପଦକ୍ଷେପ ସମ୍ପର୍କରେ ମତ ବିନିମୟ କରିଥିଲେ। ଏହାସହ ଗୁଜରାଟର ରାଜସ୍ୱ ଓ ବିପର୍ଯ୍ୟୟ




ପରିଚାଳନା ରାଷ୍ଟ୍ରମନ୍ତ୍ରୀ ସଞ୍ଜୟସିଂହ ବିଜୟସିଂହ ମହିଦା, ଗୁଜୁରାଟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ବରିଷ୍ଠ ଅଧିକାରୀମନଙ୍କ ସହ ଆଲୋଚନା କରାଯାଇଥିଲା। ଆଲୋଚନାରେ ବିପର୍ଯ୍ୟୟ ପ୍ରସ୍ତୁତି, ପ୍ରଶିକ୍ଷଣ, କ୍ଷମତା ବିକାଶ, ପ୍ରଯୁକ୍ତିର ବ୍ୟବହାର, ମକ୍ ଡ୍ରିଲ୍, ଜନସଚେତନତା ଏବଂ ବିପର୍ଯ୍ୟୟ ପରବର୍ତ୍ତୀ ପୁନର୍ବାସ ଓ ପୁନର୍ନିର୍ମାଣ ଆଦି କ୍ଷେତ୍ରରେ ଉଭୟ ରାଜ୍ୟର ଅଭିଜ୍ଞତା ଏବଂ ଜ୍ଞାନ ବିନିମୟ ହୋଇଥିଲା। ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଉଭୟ ରାଜ୍ୟର ସହଯୋଗକୁ ଏକ ନୂତନ ସ୍ତରକୁ ନେବା ପାଇଁ ପ୍ରଶିକ୍ଷଣ ଓ ଜ୍ଞାନ ବିନିମୟ ମାଧ୍ୟମରେ କ୍ଷମତା ବୃଦ୍ଧି, ଏବଂ ଯୁଗ୍ମ ଅଭ୍ୟାସ ଓ କର୍ମଶାଳା ଆୟୋଜନ ଉପରେ ଗୁରୁତ୍ୱ ଦିଆଯାଇଛି। ଏହାଦ୍ୱାରା ଉଭୟ ରାଜ୍ୟର ବିପର୍ଯ୍ୟୟ ପ୍ରତିରୋଧ, ପ୍ରସ୍ତୁତି ଓ ତ୍ୱରିତ ପ୍ରତିକ୍ରିୟା ବ୍ୟବସ୍ଥା ଆହୁରି ସୁଦୃଢ଼ ହେବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ଓଡ଼ିଶା ଓ ଗୁଜରାଟ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲାରେ ନିଜସ୍ୱ ଅଭିଜ୍ଞତା ଓ ପ୍ରତିଷ୍ଠାନଗତ ଦକ୍ଷତା ବିକଶିତ କରିଛନ୍ତି। ପରସ୍ପରର ଅଭିଜ୍ଞତା ଓ କାର୍ଯ୍ୟପଦ୍ଧତିରୁ ଶିକ୍ଷା ଗ୍ରହଣ କରି ଉଭୟ ରାଜ୍ୟ ଏକ ସୁଦୃଢ଼, ସୁବ୍ୟବସ୍ଥିତ, ପ୍ରସ୍ତୁତ ଓ ବିପର୍ଯ୍ୟୟ-ସହନଶୀଳ ସମାଜ ଗଠନ ଦିଗରେ ମିଳିତ ଭାବେ ଅଗ୍ରସର ହେବାକୁ ସହମତ ହୋଇଛନ୍ତି।

**ବିଜେଡି ମିଡିଆ ସେଲ୍‌ର ପ୍ରଥମ ସମନ୍ୱୟ ବୈଠକ**

# କାର୍ଯ୍ୟପ୍ରଣାଳୀର ସୁଦୃଢ଼ୀକରଣ ଲାଗି ବିଚାରବିମର୍ଶ

ଭୁବନେଶ୍ୱର,୬।୧୦(ସମିସ): ବିଜେଡି ମିଡିଆ ସେଲ୍‌ର ପ୍ରଥମ ସମନ୍ୱୟ ବୈଠକ ଆଜି ସକାଳ ୧୦ଟା ସମୟରେ ଭୁବନେଶ୍ୱରସ୍ଥିତ ଶଙ୍ଖ ଭବନ ରେ ଅନୁଷ୍ଠିତ ହୋଇଛି। ବୈଠକରେ ବିଜେଡି ମିଡିଆ ସେଲ୍‌ର କାର୍ଯ୍ୟପ୍ରଣାଳୀକୁ ଅଧିକ ସୁଦୃଢ଼ କରିବା ଉପରେ ବ୍ୟାପକ ଚର୍ଚ୍ଚା ଆଲୋଚନା କରାଯାଇଛି। ଏହାସହ ଦଳର କାର୍ଯ୍ୟକ୍ରମ, ବିବୃତ୍ତି, ନୀତି ଓ କାର୍ଯ୍ୟକଳାପଗୁଡ଼ିକୁ କିପରି ସମସ୍ତ ଗଣମାଧ୍ୟମ ଏବଂ ଡିଜିଟାଲ ପ୍ଲାଟଫର୍ମରେ ପ୍ରଭାବଶାଳୀ ଢଙ୍ଗରେ ଓ ସର୍ବାଧିକ ପ୍ରଚାର ପ୍ରସାର ହୋଇପାରିବ, ସେନେଇ ନେତୃବୃନ୍ଦ ମତାମତ ଦେଇଥିଲେ।



ଏହି ବୈଠକରେ ବରିଷ୍ଠ ନେତା ସଞ୍ଜୟ ଦାସବର୍ମା, ପ୍ରତାପ ଜେନା, ଡ. ଅରୁଣ କୁମାର ସାହୁ, ଦେବେଶ ଆଚାର୍ଯ୍ୟ, ଗୌତମବୁଦ୍ଧ ଦାସ, ପ୍ରଣବ ବଳବନ୍ତରାୟ, ଡ. ଲେନିନ୍ ମହାନ୍ତି, ଡ. ପ୍ରିୟବ୍ରତ ମାଝୀ, ସ୍ୱର୍ଣ୍ଣପ୍ରକାଶ ମହାପାତ୍ର ଏବଂ ଅମରେଶ ପତ୍ରୀ ଯୋଗଦେଇଥିଲେ।

## ଓଲଟ ପାଲଟ



ସଂଶୋଧନ ବହି ବଣ୍ଟା ହେଉ ହେଉ
ହୋଇଗଲା ଅକ୍ଟୋବର,
ସେପ୍ଟେମ୍ବର ମାସ ପରୀକ୍ଷା ନୋହିଲା
ଅବହେଳା ଗୁରୁତର।
କେଉଁଠାରେ ସ୍କୁଲ ଘର ଖଣ୍ଡେ ନାହିଁ
ନାହାନ୍ତି କାହିଁ ଶିକ୍ଷକ,
ପାଞ୍ଚ ଶ୍ରେଣୀକୁ ଦୁଇ ଶିକ୍ଷକ
ଡିଲା ଏଠି ଅଖ ଚକ।
ଅବସର ପ୍ରାପ୍ତ ଶିକ୍ଷକଙ୍କୁ ନେଇ
କରିଥିଲେ ଯେଉଁ ନାଟ,
ଶିକ୍ଷିତ ଯୁବକ ନିଯୁକ୍ତି ଦେଲନି
ବାଜିଲା ଆଇନ ଛାଟ॥

ଯାଯାବର

**ଦଳ ସମର୍ଥିତ ଛାତ୍ରନେତାଙ୍କୁ ଜିତାଇବାକୁ ବିଜେପି ନେତାଙ୍କୁ ଫତୱା**

# ଦବଦବା ଦେଖାଇବାକୁ ଆମଦାନୀ ନେତାଙ୍କ ଆପ୍ରାଣ ଉଦ୍ୟମ

ଭୁବନେଶ୍ୱର,୬।୧୦(ସମିସ): ସୋମବାର ରାଜ୍ୟ ସରକାର ରାଜ୍ୟର ସମସ୍ତ ସରକାରୀ ବିଶ୍ୱ ବିଦ୍ୟାଳୟ, ସରକାରୀ ଓ ଅଣସରକାରୀ ଅନୁଦାନପ୍ରାପ୍ତ ଡିଗ୍ରୀ କଲେଜରେ ଛାତ୍ର ସଂସଦ ନିର୍ବାଚନ ହେବା ନେଇ ଘୋଷଣା କରିଛନ୍ତି। ଏହି ଘୋଷଣା ପରେ ଶାନ୍ତ କଲେଜ ପରିସର ହଠାତ୍ ଉଷ୍ମ ହୋଇ ଉଠିଛି। ନିର୍ବାଚନକୁ ନେଇ ଛାତ୍ରଛାତ୍ରୀ ବେଶ୍ ଉତ୍ସାହିତ ଥିବାବେଳେ କ୍ୟାମ୍ପସରେ ଆଇନ ଶୃଙ୍ଖଳା ପରିସ୍ଥିତି ଏବେ ରାଜ୍ୟ ପୁଲିସ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଶାସକ ବିଜେପି ପାଇଁ ଛାତ୍ର ସଂସଦ ନିର୍ବାଚନ ଆତ୍ମ ସମ୍ମାନର ପ୍ରଶ୍ନ ପାଲଟିଥିବାରୁ କଳେ ବଳେ କୌଶଳେ ଅଧିକରୁ ଅଧିକ କଲେଜ ଦଖଲ କରିବାକୁ ଶାସକ ଦଳର ସମର୍ଥିତ ଛାତ୍ର ନେତାମାନେ ଆପ୍ରାଣ ଉଦ୍ୟମ ଆରମ୍ଭ କରି ଦେଇଛନ୍ତି। ବିଶେଷକରି ଅନ୍ୟ ଦଳରୁ ଆସି ବିଜେପିରେ ସାମିଲ ନେତା ଓ ବିଧାୟକମାନେ ନିଜର ଦବଦବା ଦେଖାଇବାକୁ କଲେଜଗୁଡ଼ିକୁ ପ୍ରକୃଷ୍ଟ ମଞ୍ଚ ବୋଲି ବିଚାର କରୁଥିବା ଯୋଗୁଁ ପରିସ୍ଥିତି ଆହୁରି ଗୁରୁତର ହୋଇଛି। ଏପଟେ ବିଜେଡି, କଂଗ୍ରେସ, ବାମଦଳ ତଥା ବିଭିନ୍ନ ସ୍ୱାଧୀନ ଛାତ୍ର ସଂଗଠନ ମଧ୍ୟ ଲଢ଼େଇ ମୁଡରେ ଆଗକୁ ଆସିଛନ୍ତି। ଏପରି ସ୍ଥିତିରେ ଆସନ୍ତା ନିର୍ବାଚନରେ ହିଂସା, ଛାତ୍ର ଅଶାନ୍ତି ନେଇ ଆଶଙ୍କା କରୁଛି ରାଜ୍ୟ ପୁଲିସ ପ୍ରଶାସନ। ଏପରିକି ତାରିଖ ଘୋଷଣା ହେଉ ହେଉ ଗଞ୍ଜାମ ଖଲ୍ଲିକୋଟରେ ଛାତ୍ର ଅଶାନ୍ତି ଦେଖିବାକୁ ମିଳିଛି। ଏହିକ୍ରମରେ ରାଜ୍ୟ ପୁଲିସ ମୁଖିଆ ମଙ୍ଗଳବାର ଏକ ଉଚ୍ଚସ୍ତରୀୟ ବୈଠକ ମଧ୍ୟ କରିଛନ୍ତି। ବୈଠକରେ ଶାନ୍ତିପୂର୍ଣ୍ଣ କଲେଜ ନିର୍ବାଚନ ନେଇ ପୁଲିସ ଡିଜି ବିଭିନ୍ନ ରେଞ୍ଜର ଆଇଜି, ଡିଆଇଜି ତଥା ବରିଷ୍ଠ ପୁଲିସ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି।

**■ ଅଧିକାଂଶ ଜିଲ୍ଲାର କଲେଜଗୁଡ଼ିକରେ ଭୟଙ୍କର ପରିସ୍ଥିତି**
**■ ଛାତ୍ର ସଂସଦ ନିର୍ବାଚନ ପୁଲିସ-ପ୍ରଶାସନ ପାଇଁ ମୁଣ୍ଡବିନ୍ଧା**

ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ଇସ୍ତଫା ନେଇ ଦେଶବ୍ୟାପୀ ଜେନ୍-ଜି ଆନ୍ଦୋଳନ ଜାରି ରହିଥିବା ବେଳେ ଛାତ୍ରଛାତ୍ରୀ ମହଲରେ ବିଜେପି ବିରୋଧରେ ଏକ ବାତାବରଣ ସୃଷ୍ଟି ହୋଇଛି । ଏହାବ୍ୟତୀତ କଲେଜ ଓ ଅନ୍ୟ ପ୍ରସଙ୍ଗକୁ ନେଇ ବିଜେପି ବିରୋଧରେ ଛାତ୍ର ସମାଜ ଆନ୍ଦୋଳନ, ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏପରିସ୍ଥଳେ ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ ଘୋଷଣା ହୋଇଥିବା ବେଳେ ଏହା ବିଜେପି ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ଓଡ଼ିଶାରେ ଯେ ବିଜେପି ବିରୋଧରେ ଛାତ୍ର ଅସନ୍ତୋଷ ସେତେଟା ପ୍ରଭାବୀ ନାହିଁ, ଅଧିକରୁ ଅଧିକ କ୍ୟାମ୍ପସ ଦଖଲ କରି ବିଜେପି ଏହାକୁ ପ୍ରମାଣିତ କରିବାକୁ ଚାହୁଁଛି। ସେହିପରି ରାଜ୍ୟରେ ସରକାର ଥିବାରୁ ଅଧିକରୁ ଅଧିକ ଛାତ୍ରନେତାଙ୍କୁ ଜିତାଇ ସମାନ୍ତରାଳ ଭାବରେ ନିଜର ଲୋକପ୍ରିୟତା ପ୍ରମାଣିତ କରିବାକୁ ଦଳ ଏହାକୁ ପ୍ରକୃଷ୍ଟ ସମୟ ବୋଲି ବିଚାର କରୁଛି। ସେଥିପାଇଁ ନିଜର ସମର୍ଥିତ ଛାତ୍ର ସଂଗଠନ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏଭିବିପି) କିପରି ଅଧିକରୁ ଅଧିକ କ୍ୟାମ୍ପସ ଦଖଲ କରିବ, ସେଥିପାଇଁ ପ୍ରତ୍ୟକ୍ଷ ସହଯୋଗ କରିବାକୁ ଦଳ ପକ୍ଷରୁ ସମସ୍ତ ବିଧାୟକ, ନେତୃବୃନ୍ଦଙ୍କୁ ଅଘୋଷିତ ନିର୍ଦ୍ଦେଶନାମା ଜାରି ହୋଇଥିବା ଶୁଣାଗଲାଣି। ଅପରପକ୍ଷେ ଅନ୍ୟ ଦଳରୁ ଆସି ବିଜେପିରେ ମିଶିଥିବା ନେତାମାନେ ଏହି ନିର୍ବାଚନରେ ଜରିଆରେ ବିଜେପିରେ ନିଜର ଦବଦବା ଦେଖାଇବାକୁ ଏକରକମ ଅଣ୍ଟା ଭିଡି ସାରିଛନ୍ତି। ଗଞ୍ଜାମରୁ ଆରମ୍ଭ କରି ଯାଜପୁର, ଜଗତସିଂହପୁର, ବାଲେଶ୍ୱର, କଟକ, ସୁନ୍ଦରଗଡ଼, ସମ୍ବଲପୁର, ବଲାଙ୍ଗୀର ଆଦି ଜିଲ୍ଲାଗୁଡ଼ିକରେ ଦେଖିବାକୁ ମିଳିଲାଣି। ବିଜେପିର ମୂଳ ନେତାମାନଙ୍କଠାରୁ ଏମାନେ ଯେ ସାଂଗଠନିକ ସ୍ତରରେ ଅଧିକ ଦକ୍ଷ; ଏହି ଛାତ୍ର ସଂସଦ ନିର୍ବାଚନ ଦ୍ୱାରା ପ୍ରମାଣିତ କରିବାକୁ ଚାହୁଁଛନ୍ତି। ସେଥିପାଇଁ ଯେତେମାତ୍ରାରେ ସମ୍ଭବ ଅର୍ଥବଳ, ଏବଂ ବାହୁବଳ ପ୍ରୟୋଗ କରାଯାଇପାରେ, ସେମାନେ କରିବାକୁ ପ୍ରସ୍ତୁତ ବୋଲି ନିଜର ସମର୍ଥିତ ଛାତ୍ର ସଂଗଠନକୁ ଜଣାଇ ଦେଇଛନ୍ତି। ଏପରିକି ଯେଉଁଠାରେ ଏହି ନେତାମାନଙ୍କ ସମର୍ଥିତ ପ୍ରାର୍ଥୀ ଜିତିବାର ସମ୍ଭାବନା କ୍ଷୀଣ ରହିବ, ସେଠାରେ ଶେଷ ମୂହୂର୍ତ୍ତରେ ନିର୍ବାଚନ ବାତିଲ୍ ପାଇଁ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି କରାଯାଇପାରେ ବୋଲି ଛାତ୍ରଛାତ୍ରୀମାନେ ଆଶଙ୍କା ପ୍ରକାଶ କରୁଛନ୍ତି। ଏହାକୁ ନେଇ ପୁଲିସ ପ୍ରଶାସନ ଚିନ୍ତାରେ ପଡ଼ିଥିବା କୁହାଯାଉଛି।

ଏହିକ୍ରମରେ ଥାନା ଭାରପ୍ରାପ୍ତ ଅଧିକାରୀ ଓ ଏସ୍‌ଡିପିଓମାନଙ୍କ ପାଇଁ ଡ଼ିଜି ଏକ ମାର୍ଗଦର୍ଶିକା ଜାରି କରିଛନ୍ତି। ଛାତ୍ର ନେତାମାନଙ୍କ ସହ ବୈଠକ କରି ଶାନ୍ତିପୂର୍ଣ୍ଣ ନିର୍ବାଚନ ପାଇଁ ସମନ୍ୱୟ ରଖିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ କଲେଜ ପରିସରକୁ ଅଣଛାତ୍ର ଓ ଅସାମାଜିକ ବ୍ୟକ୍ତିଙ୍କ ପ୍ରବେଶ ରୋକିବା, ଛାତ୍ରାବାସ ଓ ମେସ୍‌ଗୁଡ଼ିକ ଉପରେ ନଜର ରଖିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି ।

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-104 ◆WEDNESDAY ◆07 OCTOBER 2026 ◆PAGE-12 ◆₹ 7.00

◆ବର୍ଷ-୪୪ ◆ସଂଖ୍ୟା-୧୦୪ ◆ବୁଧବାର ◆୦୭ ଅକ୍ଟୋବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦



# ପଦାର୍ଥ ବିଜ୍ଞାନରେ ଫ୍ରାନ୍ସିସଙ୍କୁ ନୋବେଲ

ଷ୍ଟକହୋମ୍,୬।୧୦(ଏଜେନ୍ସି): ବେଲଜିୟମର ପଦାର୍ଥ ବିଜ୍ଞାନୀ ଫ୍ରାନ୍ସିସ ହାଲଜେନଙ୍କୁ ୨୦୨୬ ପାଇଁ ପଦାର୍ଥ ବିଜ୍ଞାନ ନୋବେଲ ପୁରସ୍କାରରେ ସମ୍ମାନିତ କରାଯାଇଛି। ଆଇସକ୍ୟୁବ୍ ନିଉଟ୍ରିନୋ ଅବଜରଭେଟରୀ ନିର୍ମାଣରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ମହାକାଶରୁ ଆସୁଥିବା ଉଚ୍ଚ ଶକ୍ତିସମ୍ପନ୍ନ ନିଉଟ୍ରିନୋର ଆବିଷ୍କାର ପାଇଁ ରୋୟାଲ ସ୍ୱିଡିସ ଏକାଡେମୀ ଅଫ ସାଇନ୍ସେସ ପକ୍ଷରୁ ଏହି ପୁରସ୍କାର ଘୋଷଣା କରାଯାଇଛି। ନିଉଟ୍ରିନୋ ହେଉଛି ସୂର୍ଯ୍ୟ, ତାରା ଏବଂ ମହାକାଶର ଅତ୍ୟନ୍ତ ଶକ୍ତିଶାଳୀ ଘଟଣାଗୁଡ଼ିକରୁ ସୃଷ୍ଟି ହେଉଥିବା ସୂକ୍ଷ୍ମ କଣିକା। ଏଗୁଡ଼ିକ ଅନ୍ୟ ପଦାର୍ଥ ଦେଇ ସହଜରେ ପାର୍ ହୋଇଯାଉଥିବାରୁ ଏହାଙ୍କୁ ଚିହ୍ନଟ କରିବା ଅତ୍ୟନ୍ତ କଠିନ। ଏହି ସମସ୍ୟାର ସମାଧାନ ପାଇଁ ୧୯୮୮ ମସିହାରେ ଫ୍ରାନ୍ସିସ ହାଲଜେନ ଦକ୍ଷିଣ ମେରୁର ବରଫକୁ ବ୍ୟବହାର କରି ନିଉଟ୍ରିନୋ ଚିହ୍ନଟ କରିବାର ପ୍ରସ୍ତାବ ଦେଇଥିଲେ।

## ସିଇସି ଜ୍ଞାନେଶଙ୍କ ଇସ୍ତଫା ଦାବି

# ସଂସଦରୁ ସଡ଼କ

## ଦିଲ୍ଲୀରେ ୨୦ ଦଳର ୩୦୦ ସାଂସଦଙ୍କ ପଦଯାତ୍ରା

■ ନୂଆଦିଲ୍ଲୀ, ୬।୧୦: ଏସ୍ଆଇଆର ଜରିଆରେ ୧୩ କୋଟି ଭୋଟରଙ୍କ ନାମ କାଟି 'ଭୋଟ ଚୋରି' ବିବାଦରେ ଫସିଥିବା ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ହଟାଇବା ଲାଗି ଚାଲିଥିବା ଆନ୍ଦୋଳନକୁ ତୀବ୍ର କରିବାକୁ ଯାଇ ରାସ୍ତାକୁ ଓହ୍ଲାଇଛି ଇଣ୍ଡିଆ ମେଣ୍ଟ। ଆଜି ମେଣ୍ଟର ନେତାମା ।।ନେ ସେମାନଙ୍କର ହଜାର ହଜାର ସମର୍ଥକଙ୍କ ସହିତ

- ■ ଆକାଶବାଣୀ ଭବନରେ ରାହୁଲ, ପ୍ରିୟଙ୍କାଙ୍କ ଧାରଣା
- ■ ଅଖିଳେଶ, ଅଭିଷେକଙ୍କୁ ଅଟକ ରଖିଲା ପୁଲିସ

ଦିଲ୍ଲୀରେ ମିଳିତ ହୋଇ ଜ୍ଞାନେଶ କୁମାରଙ୍କ ବିରୋଧରେ ଗର୍ଜନ କରିଛନ୍ତି। ଜ୍ଞାନେଶଙ୍କ ଦିନ ସରୁଛି, ତାଙ୍କୁ ଇସ୍ତଫା ଦେବାକୁ ପଡ଼ିବ। ଏଭଳି ଗର୍ଜନ ସହ ସଂସଦ ଭବନରୁ ବାହାରି ଏହି ପଦଯାତ୍ରା ନିର୍ବାଚନ କମିସନ ଅଫିସ ଆଡ଼କୁ ଅଗ୍ରସର ହେଉଥିବା ବେଳେ ରାସ୍ତାରେ ନେତାମାନଙ୍କୁ ଅଟକାଇଥିଲା ପୁଲିସ। ତେବେ ପୁଲିସକୁ ଚକମା ଦେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ପ୍ରିୟଙ୍କା ଗାନ୍ଧୀ ନିକଟବର୍ତ୍ତୀ



ଆକାଶବାଣୀ ଭବନକୁ ଯାଇ ସେଠାରେ ଧାରଣା ଦେବାପରେ ପୁଲିସ ପ୍ରଶାସନ ପାଇଁ ମୁଣ୍ଡବ୍ୟଥା ବଢ଼ିଯାଇଥିଲା। ମୁଖ୍ୟ ନିର୍ବାଚନ କମିସନର ଏବଂ ଅନ୍ୟ ଦୁଇ ଜଣ କମିସନରଙ୍କୁ ଭେଟିବା ଜିଦରେ ସେମାନେ ସେଠାରେ ଧାରଣା ଦେଇଥିଲେ। ଧାରଣା ଦେବାର ୯ ଘଣ୍ଟା ପରେ ପୁଲିସ ସେମାନଙ୍କୁ ଉଠାଇନେଇ ଅଟକ ରଖିବା ପରେ ଛାଡ଼ିଦେଇଛି।

ଜ୍ଞାନେଶ କୁମାରଙ୍କ ଇସ୍ତଫା/ବହିଷ୍କାର ଦାବିରେ ଇଣ୍ଡିଆ ମେଣ୍ଟର ନେତାମାନେ ଆଜି ପଦଯାତ୍ରା କରିବେ ବୋଲି ପୂର୍ବରୁ କାର୍ଯ୍ୟକ୍ରମ ଧାର୍ଯ୍ୟ ହୋଇଥିବାରୁ ରାଜଧାନୀ ଦିଲ୍ଲୀରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ସଂସଦ ଭବନ ସାମନାରେ ମେଣ୍ଟର ନେତା ଓ ସାଂସଦ ଏକତ୍ରିତ ହୋଇ ପଦଯାତ୍ରା ଆରମ୍ଭ କରିଥିଲେ। ଏହି ପଦଯାତ୍ରା ଯେତେ ଆଗକୁ ବଢ଼ୁଥିଲା, ଏଥିରେ ହଜାର ହଜାର ଲୋକ ସାମିଲ ହେବାକୁ ଲାଗିଥି।।ଲେ। କିଛି ସମୟ ମଧ୍ୟରେ ଏହା ଜନସମୁଦ୍ରରେ ପରିଣତ ହୋଇଯାଇଥିଲା। ପଦଯାତ୍ରାରେ କଂଗ୍ରେସ, ଟିଏମସି, ସମାଜବାଦୀ ପାର୍ଟି, ଆରଜେଡି, ଜେଏମଏମ, ଉଦ୍ଧବ ସେନା, ଶରଦ ଏନସିପି, ବାମପନ୍ଥୀ ଦଳ, ନେସନାଲ କନଫେ।।ରେନ୍ସ ଓ ବିଜେଡି ସମେତ ୨୦ଟି ଦଳର ନେତା ଏବଂ ମେଣ୍ଟର ୩୦୦ ସାଂସଦ ସାମିଲ ହୋଇଥିଲେ। ପଦଯାତ୍ରା ବେଳେ କେନ୍ଦ୍ର ସରକାର ଏବଂ ଜ୍ଞାନେଶ କୁମାର ବିରୋଧୀ ସ୍ଲୋଗାନରେ କମ୍ପିଥିଲା ରାଜଧାନୀ। ଆରଏସଏସ୍ ବେଶରେ ଜ୍ଞାନେଶ କୁମାରଙ୍କ ଏକ କଟଆଉଟ୍ ଧରିବା ସହିତ 'ବିଜେପି ହେଁ, ସିଇସି ହେଁ', 'ଭୋଟ୍ ଚୋର, ଗଦି ଛୋଡ଼' ଏବଂ 'ଡେମୋକ୍ରାସି ନଟ୍ ଫର ସେଲ୍' ଭଳି ସ୍ଲୋଗାନ ଦେଉଥିଲେ।

ଜ୍ଞାନେଶଙ୍କ ଇସ୍ତଫା ଦାବିରେ ନେତାମାନେ ନିର୍ବାଚନ ସଦନ ଆଡ଼କୁ ଅଗ୍ରସର ▶ପୃଷ୍ଠା-୭

## ଏସ୍ଆଇଆର୍ ବିରୋଧୀ ପଦଯାତ୍ରାରେ ସାମିଲ ହେଲା ବିଜେଡି

# ସିଇସିଙ୍କ ଇସ୍ତଫା ପର୍ଯ୍ୟନ୍ତ ଆନ୍ଦୋଳନ

■ ଭୁବନେଶ୍ୱର,୬।୧୦(ସମିସ): ଏସ୍ଆଇଆର ପ୍ରସଙ୍ଗରେ ସିଇସି ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ମଙ୍ଗଳବାର ବିରୋଧୀ ଦଳଗୁଡ଼ିକ ପକ୍ଷରୁ ପଦଯାତ୍ରାରେ ସାମିଲ ହୋଇଛି ବିଜେଡି। ବିଜେଡି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ



ନିର୍ଦ୍ଦେଶକ୍ରମେ ଦଳର ରାଜ୍ୟସଭାରେ ସଂସଦୀୟ ଦଳ ନେତା ମାନସ ରଞ୍ଜନ ମଙ୍ଗରାଜ, ମୁଖ୍ୟ ସଚେତକ ସୁଲତା ଦେଓ ଏବଂ ପୂର୍ବତନ ରାଜ୍ୟସଭା ସାଂସଦ ମୁଜିବୁଲ୍ଲା ଖାନ ଏଥିରେ ସାମିଲ ହୋଇଛନ୍ତି। ଯେତେପର୍ଯ୍ୟନ୍ତ ଜ୍ଞାନେଶ କୁମାରଙ୍କୁ ମୁଖ୍ୟ ନିର୍ବାଚନ ଆୟୁକ୍ତ ପଦବୀରୁ ହଟାଯାଇ ନାହିଁ, ଆମର ଆନ୍ଦୋଳନ ଜାରି ରହିବ ବୋଲି ଶ୍ରୀ ମଙ୍ଗରାଜ ସ୍ପଷ୍ଟ କରିଛନ୍ତି।

### କୌଣସି ମେଣ୍ଟରେ ବିଜେଡି ସାମିଲ ନାହିଁ: ମାନସ

ସେ କହିଛନ୍ତି ଯେ ଏସ୍ଆଇଆର୍‌ରେ ଯାବତୀୟ ଅନିୟମିତା ଧରା ପଡ଼ିବା ପରେ ଜ୍ଞାନେଶ କୁମାର ସିଇସି ପଦରେ ରହିବାର ନୈତିକତା ହରାଇ ସାରିଛନ୍ତି। ତାଙ୍କର ଇସ୍ତଫା ବା ବହିଷ୍କାର ଆମର ଦାବି । ଏକ ଦାୟିତ୍ୱସମ୍ପନ୍ନ ଆଞ୍ଚଳିକ ଦଳ ଭାବରେ ଆମର ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ପ୍ରତିବାଦ ପଦଯାତ୍ରାରେ ଯୋଗ ଦେଇଛୁ। ଆମେ ଏନ୍‌ଡିଏ କିମ୍ବା ଇଣ୍ଡିଆ ମେଣ୍ଟରେ ନ ଥିଲେ ହେଁ ବିରୋଧୀ ଦଳରେ ରହିଛୁ ଓ ପଦଯାତ୍ରାରେ ଅଂଶଗ୍ରହଣ କରିଛୁ। ଏସ୍ଆଇଆର ପ୍ରକ୍ରିୟାରେ ସାରା ଦେଶରେ ୧୩ କୋଟିରୁ ଅଧିକ ଏବଂ ଓଡ଼ିଶାରେ ୨୦ ଲକ୍ଷରୁ ଅଧିକ ଭୋଟରଙ୍କ ନାମ କାଟି ଦିଆଯାଇଛି। ଅତ୍ୟନ୍ତ ତଞ୍ଚକତା କରି ଏହି ଭୋଟରମାନଙ୍କ ▶ପୃଷ୍ଠା-୭

# ଅଶିଣରେ ବୈଶାଖ ଭ୍ରମ

■ ଭୁବନେଶ୍ୱର, ୬।୧୦ (ସମିସ): ମୌସୁମୀ ଅପସାରଣ ପ୍ରକ୍ରିୟା ଜାରି ରହିଥିବା ବେଳେ ନିର୍ମଳ ଆକାଶ ଯୋଗୁଁ ରାଜ୍ୟରେ ଦିନର ତାପମାତ୍ରା ବଢ଼ିଚାଲିଛି। ଅଶିଣରେ ଅନୁଭୂତ ହେଉଛି ବୈଶାଖ ପରି ତାତି। ରାଜ୍ୟର ଅଧିକାଂଶ ସ୍ଥାନରେ ପାରଦ ୩୫ ଡିଗ୍ରୀ ଉପରେ ରହିଛି। ପୁରୀରେ ସୋମବାର ୩୬.୬ ଡିଗ୍ରୀ ତାପମାତ୍ରା ଦୀର୍ଘ ୧୩୦ ବର୍ଷର ରେକର୍ଡ ଭାଙ୍ଗିଛି। ଏହିକ୍ରମରେ ମଙ୍ଗଳବାର ମଧ୍ୟ ତାତିରୁ ଆଶ୍ୱସ୍ତି ମିଳିନାହିଁ। ପୁରୀରେ ୩୬.୬ ଡିଗ୍ରୀ, ଭୁବନେଶ୍ୱରରେ ୩୫.୮, ଚାନ୍ଦବାଲିରେ ୩୫.୮, ବାଲେଶ୍ୱର ଓ ଗୋପାଳପୁରରେ ୩୫.୨ ଏବଂ କଟକରେ ୩୪.୬ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ଅନେକ ସ୍ଥାନରେ ଏହା ସ୍ୱାଭାବିକ ତାପମାତ୍ରାଠାରୁ ପ୍ରାୟ ୪ ଡିଗ୍ରୀ ଅଧିକ।

ଅନ୍ୟପକ୍ଷରେ ତାତି ସାଙ୍ଗକୁ ରାଜ୍ୟର କେତେକ ଅଞ୍ଚଳରେ ବର୍ଷା ମଧ୍ୟ ହୋଇଛି। ଓଡ଼ିଶା ଉପରେ ଥିବା ଟ୍ରଫ୍‌ଲାଇନ୍ ଯୋଗୁଁ ପୂର୍ବାଳୀ ପବନ ରାଜ୍ୟକୁ ପ୍ରବେଶ କରୁଛି। ବାୟୁମଣ୍ଡଳରେ ଜଳୀୟବାଷ୍ପର ପରିମାଣ ଅଧିକ ଥିବାରୁ ଉତ୍ତର ଓଡ଼ିଶାର କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ଼ ସମେତ କେତେକ ସ୍ଥାନରେ ବର୍ଷା ହୋଇଛି। ଆସନ୍ତା ୩ ଦିନ ପାଇଁ ବର୍ଷା, ଘଡ଼ଘଡ଼ି ଓ ▶ପୃଷ୍ଠା-୭

- ■ ସ୍ୱାଭାବିକଠାରୁ ୪ ଡିଗ୍ରୀ ଉପରେ ରହିଛି ତାତି
- ■ ୩୫ ଡିଗ୍ରୀ ଉପରେ ଅଧିକାଂଶ ସହରର ତାପମାତ୍ରା
- ■ ପୁରୀରେ ଭାଙ୍ଗିଲା ୧୩୦ବର୍ଷର ଅକ୍ଟୋବର ରେକର୍ଡ
- ■ ରାଜ୍ୟରେ ୩ ଦିନ ବର୍ଷା-ବଜ୍ରପାତ ପାଇଁ ସତର୍କତା






# ମଧ୍ୟାହ୍ନ ଭୋଜନ ପାଚିକା ରାଜ୍ୟସଂଘ ପକ୍ଷରୁ ବିକ୍ଷୋଭ

ରାଉରକେଲା,୬।୧୦(ସମିସ)



ରାଉରକେଲା ମହାନଗର ନିଗମ ନିଖିଳ ଓଡିଶା ମଧ୍ୟାହ୍ନଭୋଜନ ପାଚକ ପାଚିକା ରାଜ୍ୟ ସଂଘ ପକ୍ଷରୁ ୭ ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପାନପୋଷ ଉପଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ସରକାରଙ୍କ ଠାରେ ଉପସ୍ଥାପିତ ପାଚିକାଙ୍କ ସର୍ବନିମ୍ନ ୭ ଦଫା ଦାବି ପୂରଣ ହୋଇନଥିବା ବେଳେ, ପାଚିକା ମା'ମାନେ କରିଥିବା କାମ ପାଇଁ ୩ ମାସର ପ୍ରାପ୍ୟ ନ ମିଳିବା ପ୍ରତିବାଦରେ ପାନପୋଷ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଉପଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି।

ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି ଯେ, ବିଜୁ ସାମ୍ମୁଖ୍ୟ ସହବନ୍ଧିତ ନିଖିଳ ଓଡ଼ିଶା ମଧ୍ୟାହ୍ନଭୋଜନ ପାଚକ ପାଚିକା ରାଜ୍ୟସଂଘ ଆନୁକୂଲ୍ୟରେ ରାଉରକେଲା ମହାନଗର ନିଗମର ସମସ୍ତ ମଧ୍ୟାହ୍ନ ଭୋଜନ ପାଚକ ପାଚିକାମାନେ, ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗତ ୩୦ ବର୍ଷ ଧରି ମଧ୍ୟାହ୍ନଭୋଜନ ପ୍ରସ୍ତୁତ ସହ ଅନ୍ୟାନ୍ୟ ଆନୁସଙ୍ଗିକ କାର୍ଯ୍ୟ କରିଆସୁଥିଲେ। ସେଥିପାଇଁ ସରକାରଙ୍କ ନିର୍ଦ୍ଧାରିତ ସର୍ବନିମ୍ନ

**● ୭ ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର**
**● ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ**

ମଜୁରି ଦାବି କରିଆସୁଥିଲେ ମଧ ଅଦ୍ୟାବଧି ମାସକୁ ମାତ୍ର ୩ ହଜାର ଟଙ୍କା ମିଳୁଛି। ସଂଘ ପକ୍ଷରୁ ସର୍ବନିମ୍ନ ପାରିଶ୍ରମିକ ୪୭୨ ଟଙ୍କା ସହ ଅନ୍ୟାନ୍ୟ ୭ ଦଫା ଦାବି ପୂରଣ ପାଇଁ ବାରମ୍ବାର ଅନୁରୋଧ କରିଥିଲେ ମଧ ସେହି ଦାବିକୁ କେହି କର୍ଣ୍ଣପାତ କରୁନାହାନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଗତ ତିନି ମାସ ଧରି ସେହି ପ୍ରାପ୍ୟ ବି ମିଳିନାହିଁ। ଏଭଳି ଏକ ଦୁଃଖଦ ପରିସ୍ଥିତିରେ ପାଚକ ପାଚିକା ରାଜ୍ୟ ସଂଘ ପକ୍ଷରୁ ମୌଳିକ ୭ ଦଫା ଦାବିକୁ ପୂରଣ କରିବା ସହିତ ପୂଜା ପୂର୍ବରୁ ସମସ୍ତ ପାଚକ ପାଚିକାଙ୍କ ବକେୟା ଦରମା ପ୍ରଦାନ ପାଇଁ ଦାବି କରାଯାଇଛି। ନଚେତ୍ ସମଗ୍ର ରାଜ୍ୟରୁ ପାଚକ ପାଚିକାମାନେ ଜୋର୍‌ଦାର ଆନ୍ଦୋଳନ କରିବାକୁ ବାଧ ହେବେ ବୋଲି ସଂଘ ପକ୍ଷରୁ ବୋଲି ଚେତାବନୀ ଦିଆଯାଇଛି।

୭ ଦଫା ଦାବି ମଧ୍ୟରେ ରହିଛି ଦୀର୍ଘ ୩୦ ବର୍ଷ ଧରି କାର୍ଯ୍ୟ କରିଆସୁଥିବା ମା'ମାନଙ୍କୁ ତୁରନ୍ତ ନିଯୁକ୍ତିପତ୍ର ସହିତ ପରିଚୟ ପତ୍ର ପ୍ରଦାନ। ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଦୈନିକ ସର୍ବନିମ୍ନ ମଜୁରୀ ୪୭୨ ଟଙ୍କା ହିସାବରେ ମାସିକ ୧୪,୧୬୦ ଟଙ୍କା, ତୁରନ୍ତ ସ୍କୁଲ୍ ମ୍ୟାନେଜ୍‌ମେଣ୍ଟ କମିଟି ନିକଟରୁ ମା'ମାନଙ୍କର ନିୟନ୍ତ୍ରଣ ବ୍ୟବସ୍ଥାକୁ ମୁକ୍ତ କରାଯାଇ ସରକାର ଶିକ୍ଷା ବିଭାଗ ନିଯୁକ୍ତି ଓ ପ୍ରତ୍ୟାହାର ବ୍ୟବସ୍ଥାକୁ ନିଜ ନିୟନ୍ତ୍ରଣରେ ରଖିବାକୁ ଆହ୍ୱାନ ଦିଆଯାଇଛି।

ଖୁବ୍ କମ୍ ଦରମାରେ ମଧ୍ୟାହ୍ନଭୋଜନ ଯୋଗାଇ ଆସୁଥିବା ମା'ମାନଙ୍କୁ ୬୦ ବର୍ଷ ବୟସର ଆଳ ଦେଖାଇ ବାହାର କରାଯାଉଥିବା ବେଳେ ପୁନଃ ସେମାନଙ୍କ ପରିବାରର ଜଣକୁ ନିଯୁକ୍ତି ଦିଆଯିବା ସହ କାର୍ଯ୍ୟରତ ଅବସ୍ଥାରେ ମୃତ୍ୟୁ ହେଲେ ଦେବାକୁ ଥିବା ୧ ଲକ୍ଷ ଟଙ୍କାକୁ ଅବସରକାଳୀନ ଭତ୍ତା ସ୍ୱରୂପ ଦେବା ପ୍ରମୁଖ ଦାବି ରହିଛି। ସମସ୍ତ କ୍ଷେତ୍ରରେ କାର୍ଯ୍ୟରତ ସରକାରୀ କର୍ମଚାରୀଙ୍କୁ ୧୨ ମାସର ଦରମା ଦିଆଯାଉଥିବା ବେଳେ କେବଳ ପାଚିକା ମା'ମାନଙ୍କୁ ୧୦ ମାସର ଦିଆଯାଉଛି। ସେମାନଙ୍କୁ ବି ୧୨ ମାସର ଦରମା ପ୍ରଦାନ କରାଯିବାକୁ ଦାବି କରାଯାଇଛି। ନିଖିଳ ଓଡିଶା ପାଚକ ପାଚିକା ରାଜ୍ୟ ସଂଘର ରାଜ୍ୟ ସଭାପତି ଯୋଗେନ୍ଦ୍ର ସ୍ୱାଇଁ, ରାଜ୍ୟ ଉପସଭାପତି ଶାନ୍ତି ଲୋହାର, ରାଜ୍ୟ କୋଷାଧ୍ୟକ୍ଷ ସନ୍ଧ୍ୟାରାଣୀ ସ୍ୱାଇଁ, ଉପଦେଷ୍ଟା ସନ୍ଧ୍ୟା ଲାକ୍ରା, ଉପଦେଷ୍ଟା ପ୍ରଶାନ୍ତ ସେଠୀଙ୍କ ସମେତ ବାସନ୍ତୀ ସ୍ୱାଇଁ, ଫରଜାନୋ ବାନୋ, ଜ୍ୟୋତି କୁଜୁର, ରେଖା ଦେବୀ, ସସ୍ମିତା ନାୟକ, ମଞ୍ଜୁରଷ ବାରିକ, ଦଲିତା ସିଂହ, କୁନି କୁମ୍ଭାର, ଅଞ୍ଜଳୀ ବାରିକ, ସୀତା ଦେବୀ, ଅନିତା ପ୍ରଧାନ, ବିମଳା କୁଜୁର, ପାର୍ବତୀ ସିଂହ, ଶ୍ରୀମତୀ ଟପ୍ପୋ, ସାବିତ୍ରୀ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

**● ଶେଷରେ ହଟିଲେ ପାନପୋଷ ଉପଜିଲ୍ଲାପାଳ**

## ପ୍ରଭାତ କୁମାର ପରିଡ଼ା ନୂତନ ଉପଜିଲ୍ଲାପାଳ

ରାଉରକେଲା,୬।୧୦(ସମିସ): ରାଉରକେଲା ସର୍କିଟ ହାଉସରେ ଅପରାଧିକ କାର୍ଯ୍ୟକଳାପକୁ ପ୍ରୋତ୍ସାହନ ଦେବା, ବେଆଇନ ଭାବେ ଅସାମାଜିକ ବ୍ୟକ୍ତିଙ୍କ ପାଇଁ ସର୍କିଟ ହାଉସର ରୁମ ଖୋଲା କରିବା, ସର୍କିଟ ହାଉସର ୧୦୭ ନମ୍ବର ରୁମରୁ ଗୁଳି ଭର୍ତ୍ତି ବନ୍ଧୁକ ସହ ଅପରାଧୀମାନେ ଗିରଫ ହେବା ଘଟଣାରେ ବିବାଦୀୟ ହୋଇ ପଡିଥିବା ପାନପୋଷ ଉପଜିଲ୍ଲାପାଳ ଚନ୍ଦ୍ରକାନ୍ତ ମଲ୍ଲିକଙ୍କ ଶେଷରେ ବଦଳି କରାଯାଇଛି। ତାଙ୍କୁ ଭୁବନେଶ୍ୱର ସଚିବାଳୟ ସ୍ଥିତ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗକୁ ଉପସଚିବ ଭାବେ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ବରିଷ୍ଠ ଓଡିଶା ପ୍ରଶାସନିକ ଅଧିକାରୀ ପ୍ରଭାତ ପରିଡାଙ୍କୁ ଅବସ୍ଥାପିତ କରାଯାଇଛି। ପ୍ରଭାତ କୁମାର ପରିଡା ସମ୍ପ୍ରତି ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗରେ କାର୍ଯ୍ୟରତ ଥିବାବେଳେ ସେ ପୂର୍ବରୁ ଭବାନୀପାଟଣାର ଉପଜିଲ୍ଲାପାଳ ଭାବେ କାର୍ଯ୍ୟ କରୁଥିଲେ।

**● କାଳ ହେଲା ବେଆଇନ ଗୋଚାଲାଣ**

## ଗୋରୁଙ୍କ ଆକ୍ରମଣରେ ଯୁବକଙ୍କ ମୃତ୍ୟୁ

କୁତ୍ରା,୬।୧୦(ସମିସ): ବେଆଇନ ଗୋଚାଲାଣ ବେଳେ ଗୋରୁ ବୋଝେଇ ପିକ୍‌ଅପ୍ ଗାଡ଼ିରେ ଗୋରୁଙ୍କୁ ଦେଖିବାକୁ ଯାଇ ଗୋରୁ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଗତକାଲି ବିଳମ୍ବିତ ରାତିରେ ଗଡ଼ପୋଷରୁ ଖତକୁରବାହାଲ ଅଭିମୁଖେ ଯାଉଥିବା ଏକ ଗୋରୁ ବୋଝେଇ ପିକ୍‌ଅପ୍ ଗାଡ଼ିରେ ଏହି ଅଘଟଣ ଘଟିଛି। ମୃତକ ହେଲେ ଖତକୁରବାହାଲ ଗ୍ରାମର ଏମଡି ହମିଦ୍ ଉଲ୍ଲା। ସୂଚନା ଅନୁଯାୟୀ, ଗୋରୁ ବୋଝେଇ ପିକ୍‌ଅପ୍‌ଟି ଗଡ଼ପୋଷରୁ ଖତକୁରବାହାଲ ଆଡ଼କୁ ଯାଉଥିବାବେଳେ ଗାଡ଼ି ଭିତରେ ଗୋରୁମାନେ ଏପଟସେପଟ ହେବାକୁ ଲାଗିଥିଲେ। ଏହା ଦେଖି ଚାଳକ ଗାଡ଼ିକୁ ଅଟକାଇଥିଲେ। ଗୋରୁମାନଙ୍କ ସ୍ଥିତି ଦେଖିବାକୁ ହମିଦ୍‌ଙ୍କୁ ଗାଡ଼ି ଭିତରକୁ ପଠାଯାଇଥିଲା। ସେ ଗାଡ଼ିରେ ଚଢ଼ି ଗୋରୁମାନଙ୍କୁ ଦେଖୁଥିବାବେଳେ ହଠାତ୍ ଗୋରୁମାନେ ତାଙ୍କୁ ଆକ୍ରମଣ କରିଥିଲେ। ଏଥିରେ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ତୁରନ୍ତ ରାଜଗାଙ୍ଗପୁର ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ବୟସ ପ୍ରାୟ ୩୦ ବର୍ଷ ହେବ। ଘଟଣା ପରେ ଗାଡ଼ି ଚାଳକ ପିକ୍‌ଅପ୍ ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ପୁଲିସ ଏକ ମାମଲା ରୁଜୁ କରିଛି। ଶବ ବ୍ୟବଚ୍ଛେଦ ପରେ ପୁଲିସ ଘଟଣାର ବିଭିନ୍ନ ଦିଗ ନେଇ ଅଧିକ ତଦନ୍ତ ଜାରି ରଖିଛି।

## ଅବସର ଭବନରେ ନୂତନ କର୍ମକର୍ତ୍ତା ନିର୍ବାଚନ



ରାଉରକେଲା,୬।୧୦(ସମିସ): ରାଉରକେଲା ଇସ୍ପାତ କାରଖାନା ଅବସରପ୍ରାପ୍ତ କର୍ମଚାରୀ ସଂଘର ୨୦୨୬-୨୯ ବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ ସମାପନ ହୋଇଛି। ସଭାପତି ଭାବେ ରାଧାମୋହନ ନାୟକ, ଉପସଭାପତି ଭାବେ ବଳବୀର ସିଂହ ଓ ସୁରେନ୍ଦ୍ର କୁମାର ରାଉତ, ସାଧାରଣ ସମ୍ପାଦକ ଭାବେ ଚାନ୍ଦମଣି ବେହୁରା, ସହ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ସାମଲ, କୋଷାଧ୍ୟକ୍ଷ ସଚ୍ଚିଦାନନ୍ଦ ମିଶ୍ର, ସମ୍ପାଦକ ଭାବେ ବିବେକାନନ୍ଦ ସାହୁ ଓ ରତିନ୍ଦ୍ରନାଥ ପ୍ରଧାନ ପ୍ରମୁଖ ନିର୍ବାଚିତ ହୋଇଥିଲେ। ସମସ୍ତ ପଦବୀ ପାଇଁ ଗୋପନ ବାଲାଟ ମାଧ୍ୟମରେ ନିର୍ବାଚନ କରାଯାଇଥିଲା।

**ରାଧାମୋହନ ସଭାପତି ଓ ଚାନ୍ଦମଣି ସମ୍ପାଦକ**

ସୂଚନାଯୋଗ୍ୟ ଯେ, ଗତ ସେପ୍ଟେମ୍ବର ୧୩ରେ ନିଜ ନିଜ ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ କାର୍ଯ୍ୟକାରୀ ସଦସ୍ୟ ମାନେ ଅଂଶଗ୍ରହଣ କରିଥିଲେ। ସେହି ସଦସ୍ୟମାନଙ୍କ ମଧ୍ୟରୁ ୧୩ ଜଣ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ବେଳେ ୧୧ଜଣ ନିର୍ବାଚନରେ ବିଜୟୀ ହୋଇଥିଲେ। ସେହିପରି ୩ଟି ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥୀ ପତ୍ର ଦାଖଲ ହୋଇନଥିବାରୁ ତାହା ଖାଲି ରହିଛି। କାର୍ଯ୍ୟକାରୀ କମିଟିରୁ ଧନଞ୍ଜୟ ଦାଶ, ପ୍ରମୋଦ କୁମାର ମହାନ୍ତି, ସୁରେନ୍ଦ୍ର କୁମାର ରାଉତ, ବିବେକାନନ୍ଦ ସାହୁ, ଚାନ୍ଦମଣି ବେହୁରା, ନାରାୟଣ ଚନ୍ଦ୍ର ସାମଲ, ବିପ୍ରଚରଣ ସେଠୀ, ଶାନ୍ତନୁ କୁମାର ମହାନ୍ତି, ସନ୍ତୋଷ କୁମାର ମହାପାତ୍ର, ପ୍ରେମାନନ୍ଦ ସାମଲ, ଲତିକା ପଟ୍ଟନାୟକ, କୁମାରେଶ ପାଣି, ବଳବୀର ସିଂହ, ବିକ୍ରମ ପ୍ରଧାନ, ସଚ୍ଚିଦାନନ୍ଦ ମିଶ୍ର, ଜ୍ୟୋତିରଞ୍ଜନ ମହାପାତ୍ର, ଜଗନ୍ନାଥ ସାହୁ, ରତିନ୍ଦ୍ରନାଥ ପ୍ରଧାନ, ବିକାଶ କୁମାର ରାଉତରାୟ, ଅକ୍ଷୟ କୁମାର ନାୟକ, ଅଭୟ କୁମାର ଦାସ, ରାଧାମୋହନ ନାୟକ, ଦୀପକ କୁମାର ଦାସ, ବସନ୍ତ କୁମାର ଜେନା ପ୍ରମୁଖ ୨୪ ଜଣ ନିର୍ବାଚିତ ହୋଇଥିଲେ। ଏହି ନିର୍ବାଚନକୁ ପ୍ରାକ୍ତନ ସଭାପତି ଇଂ ଅଭୟ କୁମାର ଦାସ ପରିଚାଳନା କରିଥିବାବେଳେ ଅମରେନ୍ଦ୍ର ରାଉତ ଓ କପିଳେଶ୍ୱର ମହାରଣା ପ୍ରମୁଖ ସହଯୋଗ କରିଥିଲେ।

## ଆର୍‌ଏସ୍‌ପି ସିଲିକନ୍ ଷ୍ଟିଲ୍ ମିଲ୍ ଦ୍ୱାରା ପ୍ରଥମ ଅର୍ଦ୍ଧବାର୍ଷିକ (ଏଚ୍-୧) ରେ ଉତ୍ପାଦନ ରେକର୍ଡ



ରାଉରକେଲା, ୬।୧୦ (ସମିସ): ରାଉରକେଲା ଇସ୍ପାତ କାରଖାନା ସିଲିକନ୍ ଷ୍ଟିଲ୍ ମିଲ୍ (ଏସ.ଏସ.ଏମ.) ଏପ୍ରିଲ୍ ରୁ ସେପ୍ଟେମ୍ବର ୨୦୨୬ (୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ଅର୍ଦ୍ଧବାର୍ଷିକ ଅବଧି ମଧ୍ୟରେ ୪୦ହଜାର ୭୩୦ ଟନ୍‌ର ସର୍ବଶ୍ରେଷ୍ଠ ବିକ୍ରୟଯୋଗ୍ୟ ଉତ୍ପାଦନ ହାସଲ କରିଛି। ଏହି ସଫଳତା ୨୦୦୮-୦୯ ର ପ୍ରଥମ ଅର୍ଦ୍ଧବାର୍ଷିକରେ ରେକର୍ଡ କରାଯାଇଥିବା ପୂର୍ବତନ ସର୍ବଶ୍ରେଷ୍ଠ ୪୦ହଜାର ୬୦୮ ଟନ୍‌ର ଉତ୍ପାଦନକୁ ଅତିକ୍ରମ କରିଛି। ଏହି ମିଲ୍ ୨୦୨୬-୨୭ର ପ୍ରଥମ ଅର୍ଦ୍ଧବାର୍ଷିକରେ ୪୦ହଜାର ୪୨୪ ଟନ୍‌ର ସର୍ବଶ୍ରେଷ୍ଠ ବିକ୍ରୟଯୋଗ୍ୟ ଇସ୍ପାତ ପ୍ରେରଣ (ଡିସପାଚ୍) ମଧ ନଥିଭୁକ୍ତ କରିଛି, ଯାହା ୨୦୧୦-୧୧ର ସମାନ ଅବଧିରେ ହାସଲ କରାଯାଇଥିବା ପୂର୍ବତନ ସର୍ବଶ୍ରେଷ୍ଠ ୩୯ହଜାର ୮୨୭ ଟନ୍‌କୁ ଅତିକ୍ରମ କରିଛି।

ଗତବର୍ଷର ସମାନ ଅବଧି ତୁଳନାରେ ଏହି ଅତୁଳନୀୟ ପ୍ରଦର୍ଶନ ଉତ୍ପାଦନରେ ୨୮.୭% ଏବଂ ପ୍ରେରଣରେ ୩୦.୭%ର ଉଲ୍ଲେଖନୀୟ ଅଭିବୃଦ୍ଧିକୁ ଦର୍ଶାଉଛି।

ଏସ.ଏସ.ଏମ. ଟିମ୍ ର ସାମୂହିକ ପ୍ରଚେଷ୍ଟା ଏବଂ ସମସ୍ତ ସମ୍ପୃକ୍ତ ତଥା ସହାୟକ ବିଭାଗଗୁଡ଼ିକ ଦ୍ୱାରା ପ୍ରଦାନ କରାଯାଇଥିବା ବହୁମୂଲ୍ୟ ସହଯୋଗ ଏହି ମାଇଲଖୁଣ୍ଟ ହାସଲ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଏହି ସଫଳତା ପାଇଁ ଟିମ୍ ଏବଂ ନେତୃତ୍ୱକୁ ଶୁଭେଚ୍ଛା ଜଣାଇ ଆର୍‌ଏସ୍‌ପିର ନିର୍ଦ୍ଦେଶକ ପ୍ରଭାରୀ ଆଲୋକ ବର୍ମା କହିଛନ୍ତି, ସିଲିକନ୍ ଷ୍ଟିଲ୍ ମିଲ୍ କୁ ଏହାର ସାମର୍ଥ୍ୟର ଆହୁରି ଅଧିକ ବିନିଯୋଗ କରିବାକୁ ହେବ ଏବଂ ଏହାର ସ୍ୱତନ୍ତ୍ର ଉତ୍ପାଦ ଗୁଡ଼ିକ ମାଧ୍ୟମରେ ଆର୍‌ଏସ୍‌ପିର ମୋଟ ଲାଭକୁ ବୃଦ୍ଧି କରିବାକୁ ହେବ।

**● ୭୦ହଜାର ଶବ୍ଦର କାବ୍ୟ ରଚନା କରି ରେକର୍ଡ**

## 'ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ'ରେ ଆନନ୍ଦିତା

ରାଉରକେଲା, ୬।୧୦(ସମିସ): ରାଉରକେଲାର ଝିଅ ଆନନ୍ଦିତା ଆଚାର୍ଯ୍ୟ 'ମାୟା ଭବନ ଡିମାଣ୍ଡସ୍ ଜଷ୍ଟିସ୍' ଶୀର୍ଷକରେ ସବୁଠାରୁ ଦୀର୍ଘ କାବ୍ୟ ଉପନ୍ୟାସ ଲେଖିଥିବା ସବୁଠାରୁ କମ୍ ବୟସର ଲେଖିକା ଭାବରେ 'ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ'ରେ ସ୍ଥାନ ପାଇ ରାଉରକେଲା ପାଇଁ ଗୌରବ ଆଣିଛନ୍ତି।

ସେକ୍ଟର-୨୦ ସ୍ଥିତ ଏସ.ଏସ. ଆର.ଭି.ଏମ୍ ଇସ୍ପାତ ଇଂଲିଶ ମିଡିୟମ ସ୍କୁଲର ଅଷ୍ଟମ ଶ୍ରେଣୀର ଛାତ୍ରୀ ଆନନ୍ଦିତା ମାତ୍ର ୭ମାସ ମଧ୍ୟରେ ୭୦ ହଜାରରୁ ଅଧିକ ଶବ୍ଦ ବିଶିଷ୍ଟ ଏହି ୫୦୦ ପୃଷ୍ଠାର କାବ୍ୟ ଉପନ୍ୟାସକୁ ସମ୍ପୂର୍ଣ୍ଣ କରିଛନ୍ତି। ସେ ନିଜର ନିୟମିତ ପାଠପଢ଼ା ଏବଂ ବିଭିନ୍ନ ସାମାଜିକ ଓ ପାଠ୍ୟକ୍ରମ ଅତିରିକ୍ତ କାର୍ଯ୍ୟକଳାପରେ ଭାଗ ନେବା ସହିତ ଏହି ମହତ୍ତ୍ୱାକାଂକ୍ଷୀ ଲେଖା ପ୍ରକଳ୍ପକୁ ଆଗେଇ ନେଇଥିଲେ। ତାଙ୍କର ସୃଜନଶୀଳ ରୁଚି ମଧ୍ୟରେ ଗଳ୍ପ ଲେଖିବା, ଶ୍ଳୋକ ଆବୃତ୍ତି, ତର୍କ ସଭା, ନୃତ୍ୟ, ସଙ୍ଗୀତ ଏବଂ ଦୃଶ୍ୟ କଳା ଅନ୍ତର୍ଭୁକ୍ତ, ଯଦିଓ କବିତା ତାଙ୍କ ହୃଦୟର ସବୁଠାରୁ ନିକଟତର ହୋଇ ରହିଛି।

ନିଜର ଏହି ସଫଳତା ବିଷୟରେ ଆନନ୍ଦିତା କୁହନ୍ତି, ତାଙ୍କ ପିତାମାତା ଏବଂ ଶିକ୍ଷକମାନଙ୍କର ନିରନ୍ତର ସହଯୋଗ ଓ ଉତ୍ସାହ ତାଙ୍କୁ ଶୃଙ୍ଖଳା ଏବଂ ନିଷ୍ଠାର ସହିତ ଏହି ପ୍ରକଳ୍ପକୁ ଆଗେଇ ନେବାରେ ସାହାଯ୍ୟ କରିଥିଲା। ସେ ପାଠପଢ଼ା ସହିତ ନିଜର



ଦୈନନ୍ଦିନ ଦିନଚର୍ଯ୍ୟାରେ ଲେଖାଲେଖିକୁ ସାମିଲ କରିଥିଲେ, ଯାହା ଏହି କଠିନ କାର୍ଯ୍ୟକୁ ଏକ ଉପଭୋଗ୍ୟ ସୃଜନଶୀଳ ପ୍ରଚେଷ୍ଟାରେ ପରିଣତ କରିଥିଲା। ଯୁବପିଢ଼ିଙ୍କ ପାଇଁ ସନ୍ଦେଶ ଦେଇ ଆନନ୍ଦିତା ପିଲାମାନଙ୍କୁ ଭଲ ବହି ପଢ଼ିବାର ଅଭ୍ୟାସ ଗଢ଼ିତୋଳିବାକୁ ଉତ୍ସାହିତ କରିଥିଲେ। ଆନନ୍ଦିତା ହେଉଛନ୍ତି ରାଉରକେଲା ଇସ୍ପାତ କାରଖାନାର ସହକାରୀ ପ୍ରବନ୍ଧକ (ଏଚ୍.ଆର୍) ସଞ୍ଜିତ କୁମାର ଆଚାର୍ଯ୍ୟ ଏବଂ ଦେବସ୍ମିତା ଆଚାର୍ଯ୍ୟଙ୍କ କନ୍ୟା।

**ଛାତ୍ର ସଂସଦ ନିର୍ବାଚନ ପାଇଁ ବାଜିଲା ବିଗୁଲ**

## ବଣାଇଁଗଡ଼ ଓ ଲହୁଣୀପଡ଼ା କଲେଜ କ୍ୟାମ୍ପସ୍ ଚଳଚଞ୍ଚଳ

ବଣାଇଁଗଡ଼,୬।୧୦(ସମିସ): ଦୀର୍ଘ ୮ ବର୍ଷର ବ୍ୟବଧାନ ପରେ ରାଜ୍ୟରେ ପୁଣି ଛାତ୍ର ସଂସଦ ନିର୍ବାଚନ ହେବାକୁ ଯାଉଥିବାରୁ ବଣାଇଁଗଡ଼ ମହାବିଦ୍ୟାଳୟ ସମେତ ଲହୁଣିପଡ଼ା ମହାବିଦ୍ୟାଳୟ କ୍ୟାମ୍ପସ୍ ଚଳଚଞ୍ଚଳ ହୋଇଛି। ନିର୍ବାଚନ ନେଇ ଘୋଷଣା ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେବା ସହ ବିଭିନ୍ନ ଛାତ୍ର ସଂଗଠନ ଓ ଛାତ୍ରନେତାମାନେ ମଧ ସକ୍ରିୟ ହୋଇପଡ଼ିଛନ୍ତି।

ରାଜ୍ୟରେ ୨୦୧୭ ପରଠାରୁ ଛାତ୍ର ସଂସଦ ନିର୍ବାଚନ ବନ୍ଦ ରହିଥିଲା। ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟାଇ ଚଳିତ ବର୍ଷ ପୁଣି ନିର୍ବାଚନ ଆୟୋଜନ ନେଇ ଘୋଷଣା ହୋଇଛି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଘୋଷିତ କାର୍ଯ୍ୟସୂଚୀ ଅନୁଯାୟୀ ଆସନ୍ତା ୭ ତାରିଖରେ ନିର୍ବାଚନ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପାଇବ। ୯ ତାରିଖରେ ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ ୧୦ରେ ପ୍ରତ୍ୟାହାର ପରେ ପ୍ରଚାର ଓ ଅନ୍ୟାନ୍ୟ ନିର୍ବାଚନୀ ପ୍ରକ୍ରିୟା ଆରମ୍ଭ ହେବ। ୧୫ରେ ଭୋଟଗ୍ରହଣ ସହ ଭୋଟ ଗଣତି ହେବ ଓ ୧୬ରେ ନବନିର୍ବାଚିତ ଛାତ୍ର ପ୍ରତିନିଧିଙ୍କ ଶପଥ ଗ୍ରହଣ କାର୍ଯ୍ୟକ୍ରମ ରହିଛି। ନିର୍ବାଚନ ଘୋଷଣା ପରେ ବଣାଇଁଗଡ଼ ମହାବିଦ୍ୟାଳୟରେ ନିଜ ପସନ୍ଦର ପ୍ରାର୍ଥୀଙ୍କୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଲୋଚନା ଜୋର ଧରିଛି। ବିଭିନ୍ନ ଛାତ୍ରଗୋଷ୍ଠୀ ନିଜ ସମର୍ଥିତ ପ୍ରାର୍ଥୀଙ୍କୁ ନେଇ ରଣକୌଶଳ ପ୍ରସ୍ତୁତ ଆରମ୍ଭ କରିଛନ୍ତି। ଲହୁଣୀପଡ଼ା ଅଞ୍ଚଳରେ ମଧ ଛାତ୍ର ସଂଗଠନଗୁଡ଼ିକ ନିଜ

**୮ ବର୍ଷ ପରେ ଫେରିବ ଛାତ୍ର ରାଜନୀତି**

ନିଜ ସ୍ତରରେ ପ୍ରସ୍ତୁତି ଆରମ୍ଭ କରିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ, ବଣାଇଁଗଡ଼ ମହାବିଦ୍ୟାଳୟରେ ନିର୍ବାଚନ ପ୍ରକ୍ରିୟାକୁ ସୁରୁଖୁରୁରେ ସମ୍ପାଦନ କରାଯିବ ବୋଲି ଅଧ୍ୟକ୍ଷ ଡ. ଜେନାମଣି ସାହୁ କହିଛନ୍ତି। ବିଜ୍ଞପ୍ତି ପ୍ରକାଶ ପରେ ନିର୍ବାଚନ ପ୍ରକ୍ରିୟା ଆହୁରି ସରଗରମ ହେବା ସହ ମହାବିଦ୍ୟାଳୟ ପରିସରରେ ପୁଣି ଥରେ ଛାତ୍ର ରାଜନୀତିର ମାହୋଲ ଫେରିବ ବୋଲି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଶା ପ୍ରକାଶ ପାଇଛି।

## ଡାଲମିଆ ମହାବିଦ୍ୟାଳୟରେ ସେବା ପକ୍ଷ ଅଭିଯାନ

କୁତ୍ରା,୬।୧୦(ସମିସ): କୁତ୍ରା ବ୍ଲକ ଅନ୍ତର୍ଗତ ଝାରବେଡାସ୍ଥିତ ଡାଲମିଆ ମହାବିଦ୍ୟାଳୟରେ "ସେବା ପକ୍ଷ ଅଭିଯାନ -୨୦୨୬" ଓ "ସ୍ୱଚ୍ଛତା ଶପଥ ପାଠ' କାର୍ଯ୍ୟକ୍ରମ ଅଧ୍ୟକ୍ଷ ଡ. ଜିତେନ୍ଦ୍ର କୁମାର ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଏନ୍‌ଏସ୍ ଏସ, ଏନ୍‌ସିସି, ୱାଇଆର୍‌ସି ଏବଂ ଡ୍ରାମାଟିକ୍ ଓ କଲଚରାଲ ସୋସାଇଟିର ମିଳିତ ଉଦ୍ୟମରେ ଏହି କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଏନ୍‌ଏସ୍‌ଏସ ଅଫିସର ଅଧ୍ୟାପିକା ପ୍ରୀତି ମିଶ୍ରା। ଏନ୍‌ସିସି ଛାତ୍ରଛାତ୍ରୀମାନେ ପଥପ୍ରାନ୍ତ ନାଟକ ପରିବେଷଣ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ଝାରବେଡା ସରପଞ୍ଚ ଭିକ୍ଟୋରିଆ ଯୋଯୋ। ଏହାପରେ ଅଧ୍ୟକ୍ଷଙ୍କ ଅନୁକୃତିରେ ସ୍ୱଚ୍ଛତା ଶପଥ ପାଠ ଗ୍ରହଣ କରିଥିଲେ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, ଅନ୍ୟାନ୍ୟ କର୍ମଚାରୀ ଓ ସମସ୍ତ ଛାତ୍ରଛାତ୍ରୀ।

## ୮ରେ ଓଡ଼ିଶା ବନ୍ଦ ସଫଳ ପାଇଁ ସିପିଆଇ(ଏମ୍)ର ବୈଠକ



ରାଉରକେଲା,୬।୧୦(ସମିସ): ଇଣ୍ଡିଆ ମେଣ୍ଟ ଆହ୍ୱାନରେ ଅକ୍ଟୋବର ୮ ଓଡ଼ିଶା ବନ୍ଦକୁ ସଫଳ କରିବା ପାଇଁ ସିପିଆଇ(ଏମ୍)ର ଆଜି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ର ମୋଦି ସରକାରଙ୍କ ଜନ ବିରୋଧି ଓ ଦେଶ ବିରୋଧୀ ନୀତି ବିରୁଦ୍ଧରେ ଏବଂ ଏମଏମଡିଆର (ସଂଶୋଧିତ) ଆଇନ୍ -୨୦୨୬ ରଦ୍ଦ କରିବା, ଭାରତର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ତୁରନ୍ତ ବରଖାସ୍ତ କରିବା, ପାଠ୍ୟପୁସ୍ତକ ତ୍ରୁଟି ଘଟଣାରେ ଓଡ଼ିଶାର ବିଜେପି ଡବଲ ଇଞ୍ଜିନ ସରକାରଙ୍କ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଓ ଓଡ଼ିଶାର ବନ୍ୟା ଦୁର୍ଗତଙ୍କୁ ତୁରନ୍ତ ସରକାରୀ ସାହାଯ୍ୟ ଯୋଗାଇଦେବା ପ୍ରଭୃତି ଦାବି ସହିତ ଭୋଟ ବଞ୍ଚାଅ - ସମ୍ବିଧାନ ବଞ୍ଚାଅ - ଦେଶ ବଞ୍ଚାଅ ଦାବିରେ ଇଣ୍ଡିଆ ମେଣ୍ଟ ତରଫରୁ ଆସନ୍ତା ଅକ୍ଟୋବର ୮ ଓଡ଼ିଶା ବନ୍ଦ ଡାକରାକୁ ରାଉରକେଲା, ବେଦବ୍ୟାସ, କଲୁଙ୍ଗା, କୁଆଁରମୁଣ୍ଡା, ସାରନଗରୀ ଅଂଚଳର ସଫଳ କରିବା ପାଇଁ ସିପିଆଇଏମ୍ ରାଉରକେଲା ଆଂଚଳିକ କମିଟିର ଏକ ପ୍ରସ୍ତୁତି ବୈଠକ ଆଜି ସିପିଆଇଏମ୍ ସୁନ୍ଦରଗଡ଼ ଜିଲ୍ଲା କାର୍ଯ୍ୟାଳୟ ଏ କେ ଜି ଭବନ ଶକ୍ତିନଗର ଠାରେ ବି ପି ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ବୈଠକ ପ୍ରାରମ୍ଭରେ ସିଆଇଟିୟୁର ବିଶିଷ୍ଟ ଶ୍ରମିକ ନେତା ପ୍ରୟାତ ବିଷ୍ଣୁ ମହାନ୍ତିଙ୍କ ପତ୍ନୀ ମନୋଜା ମଞ୍ଜରୀ ମହାନ୍ତିଙ୍କ ଆଜି ଦିଲ୍ଲୀ ଠାରେ ଚିକିତ୍ସାଧିନ ଅବସ୍ଥାରେ ବିୟୋଗ ଖବର ପାଇ ଶୋକ ପ୍ରକାଶ କରାଯାଇଛି। ବୈଠକରେ ସିପିଆଇଏମ୍ ରାଉରକେଲା ଆଂଚଳିକ କମିଟି ସଂପାଦକ ରାଜ କିଶୋର ପ୍ରଧାନ, ଜିଲ୍ଲା ସଂପାଦକ ମଣ୍ଡଳୀ ସଦସ୍ୟ ବିମାନ ମାଇତି, ଶ୍ରୀମନ୍ତ ବେହେରା, ଆଂଚଳିକ ସଂପାଦକ ମଣ୍ଡଳୀ ସଦସ୍ୟ ବସନ୍ତ ନାୟକ, ଭାଗିରଥି ଟୁଡୁ, ତାଜମୁନ ନେହାର, ଲକ୍ଷ୍ମୀଧର ନାୟକ, ପ୍ରଭାତ ମହାନ୍ତି, ଅରୁଣ ମହାରଣା ଅଜିତ ଏକ୍କା, ସମ୍ବିତ ସ୍ୱାଇଁ, ସୁଧାଂଶୁ ଜେନା, ସି ଦିବାକର ରାଓ ପ୍ରମୁଖ ଯୋଗଦେଇ ରାଉରକେଲା ସହିତ ସୁନ୍ଦରଗଡ଼ ଜିଲ୍ଲାରେ ବ୍ୟାପକ ପ୍ରଚାରପତ୍ର ବଣ୍ଟନ, ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ସଭା, ଅକ୍ଟୋବର ୭ ତାରିଖ ମୋଟର ସାଇକେଲ ଶୋଭାଯାତ୍ରା ସଂଗଠିତ କରି ବନ୍ଦ କୁ ସଫଳ କରିବା ପାଇଁ ନିଷ୍ପତ୍ତି ହୋଇଛି। ଏହି ବନ୍ଦ ସକାଳ ୬ଟାରୁ ସନ୍ଧ୍ୟା ୬ ଟା ପର୍ଯ୍ୟନ୍ତ ଡାକରା ଦିଆଯାଇଥିବା ବେଳେ କେବଳ ଜରୁରିକାଳୀନ ସେବାକୁ ଏହି ବନ୍ଦରୁ ବାଦ୍ ଦିଆଯାଇଛି।

**ଓଡ଼ିଶା ଏବଂ ଛତିଶଗଡ଼ରେ ଯୁବପିଢ଼ିଙ୍କ ଦକ୍ଷତା ବିକାଶ**

## ବେଦାନ୍ତ ଆଲୁମିନିୟମ ଦ୍ୱାରା ୧୬ହଜାର ଯୁବକଯୁବତୀ ସଶକ୍ତ

ରାଉରକେଲା,୬।୧୦(ସମିସ)

ଗ୍ରାମାଞ୍ଚଳର ଯୁବକମାନଙ୍କର ଏକ ଉତ୍ତମ ଭବିଷ୍ୟତ ତଥା ସେମାନଙ୍କ ଭବିଷ୍ୟତ ଜୀବନ ଜୀବିକା ନିର୍ବାହ ନିମନ୍ତେ ସଠିକ ମାର୍ଗଦର୍ଶନ ପାଇଁ ଓଡିଶା ଓ ଛତିଶଗଡ଼ ରାଜ୍ୟରେ ବେଦାନ୍ତ ଆଲୁମିନିୟମ 'ବେଦକ୍ଷତା' ମାଧ୍ୟମରେ କର୍ମସଂସ୍ଥାନ ଯୋଗାଇ ଦେଉଛନ୍ତି। ଏହି ଦକ୍ଷତା ବିକାଶ ମାଧ୍ୟମରେ ଓଡ଼ିଶା ଏବଂ ଛତିଶଗଡ଼ରେ ବେଦାନ୍ତ ଆଲୁମିନିୟମ ଦ୍ୱାରା ୧୬,୦୦୦ରୁ ଅଧିକ ଯୁବକଯୁବତୀ ସଶକ୍ତ ହୋଇଛନ୍ତି। ସୋସିଓ-ଇକୋନୋମିକ୍ ଆଣ୍ଡ ଏଜୁକେସନାଲ୍ ଡେଭେଲପମେଣ୍ଟ ସୋସାଇଟି (ସିଡସ୍) ର ସହଭାଗିତାରେ କାର୍ଯ୍ୟକାରୀ ହୋଇଥିବା ବେଦକ୍ଷତା ଅଂଶଗ୍ରହଣକାରୀମାନଙ୍କୁ ମୋବାଇଲ୍ ମରାମତି, ସିଲେଇ ମେସିନ୍ ଅପରେସନ୍, ଖାଦ୍ୟ ଏବଂ ପାନୀୟ ସେବା, ବୈଦ୍ୟୁତିକ ମରାମତି ପରି



ବ୍ୟବସାୟରେ ତାଲିମ ସହିତ ସଜ୍ଜିତ କରୁଛି।

ବେଦକ୍ଷତା ଅଧୀନରେ ସିଲାଇ ମେସିନ୍ ଅପରେଟର ତାଲିମ ସମାପ୍ତ କରିଥିବା ଗୋମତୀ ମହାକୁଳ ସଂପ୍ରତି ଶାହି ଏକ୍ସପୋର୍ଟସ୍ ପ୍ରାଇଭେଟ୍ ଲିମିଟେଡ୍, ଭୁବନେଶ୍ୱରରେ କାର୍ଯ୍ୟରତ ଅଛନ୍ତି। ନିଜର ଅଭିଜ୍ଞତା ଦର୍ଶାଇ ସେ କହିଛନ୍ତି ବେଦକ୍ଷତା ତାଙ୍କ ନିଜ ସାମର୍ଥ୍ୟ ଉପରେ ବିଶ୍ୱାସ ରଖିବା ଏବଂ ନିଯୁକ୍ତି ପାଇବା ପାଇଁ ଆତ୍ମବିଶ୍ୱାସ ଦେଇଛି। ପ୍ରଥମ ଚାକିରି ପାଇବା ତାଙ୍କ ପାଇଁ ଏକ ଗର୍ବର ମୁହୂର୍ତ୍ତ ଥିଲା।

ଆସିଷ୍ଟାଣ୍ଟ ଇଲେକ୍ଟ୍ରିସିଆନ୍ ତାଲିମ ସଫଳତାର ସହ ଶେଷ କରି ହାଇଦ୍ରାବାଦର ନିଜା ମ୍ୟାନ୍ ପାୱାର ସର୍ଭିସ୍‌ରେ ନିଯୁକ୍ତି ପାଇବା ପରେ ସଲିମ୍ ଟୁପୁନ କହିଛନ୍ତି ପ୍ରାକ୍ଟିକାଲ ଏକ୍ସପୋଜର ଅଭିଜ୍ଞତା ତାଙ୍କୁ କାର୍ଯ୍ୟସ୍ଥଳୀ ପାଇଁ ପ୍ରାସଙ୍ଗିକ ଦକ୍ଷତା ସୃଷ୍ଟି କରିବାରେ ସାହାଯ୍ୟ କରିଥିଲା।

ବେଦକ୍ଷତାର ଏକ ପ୍ରମୁଖ ସ୍ତମ୍ଭ ହେଉଛି ଏହାର ପ୍ରଶିକ୍ଷକ ଏବଂ ପରାମର୍ଶଦାତାଙ୍କ ନେଟୱାର୍କ, ଯେଉଁମାନେ ଅଂଶଗ୍ରହଣକାରୀଙ୍କ ସହିତ ସେମାନଙ୍କର ଶିକ୍ଷା ସମୟରେ ଘନିଷ୍ଠ ଭାବରେ କାର୍ଯ୍ୟ କରନ୍ତି। ବୈଷୟିକ ନିର୍ଦ୍ଦେଶ ବ୍ୟତୀତ, ସେମାନେ ଯୁବକମାନଙ୍କୁ ବୃତ୍ତିଗତତା, ଶୃଙ୍ଖଳା ଏବଂ କାର୍ଯ୍ୟସ୍ଥଳୀ ସଚେତନତା ବିକଶିତ କରିବାରେ ସାହାଯ୍ୟ କରନ୍ତି ଯାହା କାର୍ଯ୍ୟ ପରିବେଶର ବିକାଶରେ ସଫଳ ହେବା ପାଇଁ ଆବଶ୍ୟକ।

ନିଜର ଅଭିଜ୍ଞତା ପ୍ରଦାନ କରି ନାରାୟଣ ଦାସ, ପ୍ରୋଗ୍ରାମ ମ୍ୟାନେଜର, ବେଦକ୍ଷତାଙ୍କ କହିବା କଥା ଏହି କାର୍ଯ୍ୟକ୍ରମ ଜରିଆରେ ପ୍ରତିଯୋଗୀମାନେ ଆଗକୁ ବଢିବା, କାମର ଆବଶ୍ୟକତା ଅନୁଯାୟୀ ନିଜକୁ ପ୍ରସ୍ତୁତ କରିବା ଏବଂ ନିଜର ତାଲିମକୁ ବାସ୍ତବ ଜୀବନରେ କାର୍ଯ୍ୟକାରୀ କରି ଦେଖିବା ସନ୍ତୋଷଜନକ ହୋଇଥାଏ। ବେଦକ୍ଷତାର ପ୍ରଭାବ ବ୍ୟକ୍ତିଗତ ଅଂଶଗ୍ରହଣକାରୀଙ୍କ ଯାତ୍ରାରେ ପ୍ରତିଫଳିତ ହେଉଥିବାବେଳେ, ଏହାର ପ୍ରଭାବ ସେମାନଙ୍କ କାର୍ଯ୍ୟକ୍ଷେତ୍ର ବାହାରେ ମଧ ପ୍ରସାରିତ ହୋଇଥାଏ। ଅନେକ ଅଂଶଗ୍ରହଣକାରୀଙ୍କ ପାଇଁ ଏହି କାର୍ଯ୍ୟକ୍ରମ ନିଯୁକ୍ତିର ଦ୍ୱାର ଖୋଲିଛି, ସେମାନଙ୍କର ଆତ୍ମବିଶ୍ୱାସକୁ ମଜଭୁତ କରିଛି ଏବଂ ସେମାନଙ୍କୁ ଅଧିକ ଆତ୍ମନିର୍ଭରଶୀଳ ହେବାକୁ ସକ୍ଷମ କରିଛି। ବେଦାନ୍ତ ଆଲୁମିନିୟମ ଏହାର ଗୋଷ୍ଠୀ ବିକାଶ ପଦକ୍ଷେପ ମାଧ୍ୟମରେ ଶିକ୍ଷା, ସ୍ୱାସ୍ଥ୍ୟସେବା, ଜୀବିକା, ଦକ୍ଷତା ବିକାଶ ଆଦି କ୍ଷେତ୍ରରେ ଓଡ଼ିଶା ଏବଂ ଛତିଶଗଡ଼ର ୧୦ ଲକ୍ଷରୁ ଅଧିକ ଲୋକଙ୍କ ଉପରେ ସକାରାତ୍ମକ ପ୍ରଭାବ ପକାଉଛି।

● ଜନସଂଗ୍ରାମ ସମିତିର ଗଣଧାରଣା

## ଉପଜିଲ୍ଲାପାଳଙ୍କ ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ



ଗୋଲାମୁଣ୍ଡା, ୬ ।୧୦(ସମିସ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅଞ୍ଚଳରେ ବିଜୁ ଏକ୍ସପ୍ରେସ ୱେ ସମ୍ପର୍କିତ ବିଭିନ୍ନ ଦାବିକୁ ନେଇ ଜନସଂଗ୍ରାମ ସମିତି ପକ୍ଷରୁ ଚାଲିଥିବା ଗଣଧାରଣା ସୋମବାର ଉପଜିଲ୍ଲାପାଳଙ୍କ ପ୍ରତିଶ୍ରୁତି ପରେ ପ୍ରତ୍ୟାହୃତ ହୋଇଛି। ଅଞ୍ଚଳବାସୀଙ୍କ ଯାତାୟାତ, ସୁରକ୍ଷା ଓ ଆବଶ୍ୟକ ଭିତ୍ତିଭୂମି ସମ୍ପର୍କିତ ଦାବିଗୁଡ଼ିକ ନେଇ ଜନସଂଗ୍ରାମ ସମିତି ସଭାପତି ସାଉଲ ମଙ୍ଗରାଜଙ୍କ ନେତୃତ୍ୱରେ ଗତ ଚାରିଦିନ ଧରି ଏହି ଗଣଧାରଣା ଚାଲିଥିଲା। ସୋମବାର ଧର୍ମଗଡ଼ ଉପ ଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ ଧାରଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀ ଓ ସମିତିର ପ୍ରତିନିଧିମାନଙ୍କ ସହ ଆଲୋଚନା କରିଥିଲେ। ଦାବିଗୁଡ଼ିକ ସମ୍ପର୍କରେ ତଥ୍ୟ ଜାଣିବା ସହ ଏହାର ବାସ୍ତବ ସ୍ଥିତି ଅନୁଧ୍ୟାନ କରି ଆବଶ୍ୟକ ପ୍ରଶାସନିକ ପଦକ୍ଷେପ ନିଆଯିବ ବୋଲି ସେ ଆଶ୍ୱସନା ଦେଇଥିଲେ। ଆଲୋଚନା ସମୟରେ ଉପଜିଲ୍ଲାପାଳଙ୍କ ପକ୍ଷରୁ ଆସନ୍ତାକାଲି ଏକ ଟେକ୍ନିକାଲ ଟିମ୍ ଧାରଣାସ୍ଥଳକୁ ଆସି ସ୍ଥାନୀୟ ପରିସ୍ଥିତିର ସର୍ବେକ୍ଷଣ କରିବ ବୋଲି କୁହାଯାଇଥିଲା। ପ୍ରଶାସନର ଏହି ଆଶ୍ୱସନା ପରେ ଆନ୍ଦୋଳନକାରୀ ଗଣଧାରଣା ପ୍ରତ୍ୟାହାର କରିଥିଲେ। ଧାରଣାସ୍ଥଳରେ ଗୋଲାମୁଣ୍ଡା ଏବିଡିଓ ବିଜୟ ନାୟକ, ଗୋଲାମୁଣ୍ଡା ଅତିରିକ୍ତ ତହସିଲଦାର, ଧର୍ମଗଡ଼ ବିଡିଓ, ଗୋଲାମୁଣ୍ଡା ଥାନା ଅଧିକାରୀ ଯଶୋବନ୍ତ ସେଲମାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ସେହିପରି ଜନସଂଗ୍ରାମ ସମିତିର ସମ୍ପାଦକ ଅନୀଲ ମଲ୍ଲିକଙ୍କ ସମେତ ଲମ୍ବୁ ଜାଲ, ଅଗସ୍ତି ମାଝୀ, ଫକୀର ମାଝୀ, ଅଶାରୁ ମାଝୀ, ତୁଷାର ସୁନାନୀ, ଘନରଣା, ରୁଦ୍ର ମଙ୍ଗରାଜ, ସୁମନ୍ତ କାଣ୍ଡ, ହାବେସ୍ କାଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ।

ବନ୍ୟାରେ ଉଜୁଡ଼ିଲା ହଜାର ହଜାର ଏକର ଜମିରେ ଧାନଚାଷ

# ତେଲନଦୀ ତଳୁଆ ଅଞ୍ଚଳରେ ବ୍ୟାପକ ଫସଲ ନଷ୍ଟ

ଭବାନୀପାଟଣା, ୬ ।୧୦(ସମିସ)





କଳାହାଣ୍ଡି ଜିଲ୍ଲା ଅଧୀନ ଭବାନୀପାଟଣା, କେସିଙ୍ଗା, ଜୁନାଗଡ଼, କୋକସରା ଏବଂ ଗୋଲାମୁଣ୍ଡା ବ୍ଲକ ଅଞ୍ଚଳର ୪୩୬୮ହେକ୍ଟର ଧାନ ଚାଷ ନଷ୍ଟ ହେବାପରେ ଚିନ୍ତାରେ ପଡ଼ିଛନ୍ତି ଚାଷୀ। ଗତମାସ ୨୨ତାରିଖରୁ ୨୫ତାରିଖ ପର୍ଯ୍ୟନ୍ତ ତେଲ ନଦୀରେ ତାଣ୍ଡବ ରଚିଛି ବନ୍ୟା। ଗତ ସେପ୍ଟେମ୍ବର ଶେଷ ସପ୍ତାହରେ ମଧ୍ୟ ହାତୀ ଓ ତେଲ ନଦୀରେ ବନ୍ୟା ଆସିବାରୁ ଚାଷୀକୂଳ ତ୍ରାହି ତ୍ରାହି ଡାକ ଛାଡ଼ିବା ସାର ହୋଇଥିବା ଦେଖିବାକୁ ମିଳିଛି। ବନ୍ୟାଜନିତ କ୍ଷୟକ୍ଷତିର ଆକଳନ ସରିଛି କିନ୍ତୁ କ୍ଷତିବାବଦ ଅର୍ଥ ସରକାର ଯୋଗାଇଦେଇନାହାନ୍ତି। ଗତ ଅଗଷ୍ଟ ମାସରେ ଚାଷୀ ମାନେ ରୁଆ କାମ ସାରି ଦ୍ୱିତୀୟ ଥର ଖତ ସାର ମଧ୍ୟ ପ୍ରୟୋଗ କରିଥିଲେ। ଜିଲ୍ଲାରେ ଲଗାଣ ବର୍ଷା ଯୋଗୁଁ ହାତୀ ଓ ତେଲ ନଦୀର ଜଳ ସ୍ତର ବୃଦ୍ଧି ପାଇଥିଲା। ପରବର୍ତ୍ତୀ ସମୟରେ ଏହା ବନ୍ୟାର ରୂପ ନେଇଥିଲା। ଯାହାର ସିଧାସଳଖ ପ୍ରଭାବ ପଡ଼ିଥିଲା ଚାଷୀଙ୍କ ଉପରେ। ବନ୍ୟା ଛାଡିବା ପରେ ଅନେକ ଚାଷ ଜମି ବାଲିଚର ହେବା ସହ ଧାନ ଫସଲ ପଚି ତଳେ ପଡ଼ି ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଛି। ସେହିପରି କିଛି ଜମିରେ ଏବେ ମଧ୍ୟ ବନ୍ୟାଜଳ ଭିତରେ ଫସଲ ବୁଡି ରହିଛି। ଯାହାକୁ ନେଇ ସ୍ଥାନୀୟ ଚାଷୀ ବର୍ତ୍ତମାନ ଉପାୟ ଶୁନ୍ୟ ହୋଇ ମୁଣ୍ଡରେ ହାତ ଦେଇ ବସିଛି। ସରକାରୀ ରିପୋର୍ଟର ସୂଚନା ଅନୁଯାୟୀ, ଗତ ସେପ୍ଟେମ୍ବର ୨୨ ରୁ ୨୫ ମଧ୍ୟରେ ହୋଇଥିବା ଲଗାଣ ବର୍ଷା ଓ ବନ୍ୟା ଯୋଗୁଁ ଉପରୋକ୍ତ ବ୍ଲକ ଅଞ୍ଚଳରେ ୪୩୬୮.୭୦ ହେକ୍ଟର ଚାଷ ଜମିର ଧାନ ଫସଲ ଆକ୍ରାନ୍ତ ହେବା ସହ କ୍ଷତି ହୋଇଛି। ଏଥିରେ ଜିଲ୍ଲାର ସର୍ବାଧିକ ଗୋଲାମୁଣ୍ଡା ବ୍ଲକ ରେ ୧୨୭୦ ହେକ୍ଟର, ଜୁନାଗଡ଼ ବ୍ଲକରେ ୧୧୬୬ ହେକ୍ଟର, ଧର୍ମଗଡ଼ ବ୍ଲକରେ ୧୦୪୬ ହେକ୍ଟର, ଭବାନୀପାଟଣା ବ୍ଲକରେ ୬୩୪.୭୦ ହେକ୍ଟର, କେସିଙ୍ଗା ବ୍ଲକରେ ୨୨୭ ଓ କୋକସରା ବ୍ଲକରେ ୨୪.୪୦ ହେକ୍ଟର ଆକ୍ରାନ୍ତ ସହ କ୍ଷତି ହୋଇଛି। ହାତୀ ନଦୀରେ ବନ୍ୟା ଯୋଗୁଁ ଜୁନାଗଡ଼ ବ୍ଲକର ମୂର୍ଲାପଦର, ପରିଆ ଗାଁ, ଚିଙ୍ଗୁଡ଼ିସର, ପାଣିଗାଁ, ଝାରବନ୍ଧ, ପରିଆଗଡ଼, ତଲମଲା, ମସିଗାଁ ଓ ସାହାଜ କନା ପ୍ରଭୁତି ଗ୍ରାମର ପ୍ରାୟ ହଜାରେ ଏକର ଧାନ ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ଚାଷୀ ଅଭିଯୋଗ କରିଛନ୍ତି। ହାତୀ ନଦୀରେ ଏହା ତୃତୀୟ ବନ୍ୟା ହୋଇଥିବାବେଳେ ତିନି ଥର ସ୍ଥାନୀୟ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଇଛି। ସେହିପରି ଗୋଲାମୁଣ୍ଡା ବ୍ଲକର ରେଞ୍ଜଶାପାଲି ଗ୍ରାମପଞ୍ଚାୟତର ତଳୁଆ ଅଞ୍ଚଳରେ ସମ୍ପ୍ରତି ହୋଇଥିବା ବନ୍ୟାରେ ଶହ ଶହ ଏକର ଚାଷଜମି ଜଳମଗ୍ନ ହୋଇଛି। ବନ୍ୟାଜଳ ମାଡ଼ି ଆସିବାରୁ ବ୍ୟାପକ ଧାନ ଫସଲ ନଷ୍ଟ ହୋଇଥିବା ବେଳେ ଚାଷୀମାନଙ୍କ ଚାଷ ଖର୍ଚ୍ଚ ଓ ଶ୍ରମ ବ୍ୟର୍ଥ ହୋଇଯାଇଛି। ଫଳରେ କୃଷି ଉପରେ ନିର୍ଭରଶୀଳ ପରିବାରଗୁଡ଼ିକ ଏବେ ଆର୍ଥିକ ସଙ୍କଟରେ ପଡ଼ିଛନ୍ତି। ଭୁବନେଶ୍ୱର କଟା, ପିତାରାମସିଂ କଟା, ରଘୁ ହରିଜନଘଶିଆ ସୁନାନୀ, ଦାମ ବିଶି, ପିତା ରାମ ବିଶି, କୁମର କଟା, ପିତା ରଘୁମାନୀ କଟା, କୃଷ୍ଟ କଟା, ପିତା ଚନ୍ଦ୍ରଶେଖର କଟା, ସମତୁଲ କଟା, ପିତା ଧରାମସିଂ କଟା, ଧ୍ରୁବ ହରିଜନ, ପିତାସିଙ୍ଗ ହରିଜନ ପ୍ରମୁଖ କ୍ଷତିଗ୍ରସ୍ତ ଚାଷୀ ବନ୍ୟା ପାଇଁ ହୀନସ୍ଥା ଜୀବନ ଜିଉଁଛନ୍ତି। ସରକାରୀଭାବେ ହୋଇଥିବା ସର୍ଭେ ଯେମିତି ଉପରଠାଉରିଆ ରୂପେ କରାଯାଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ବନ୍ୟାରେ ପ୍ରକୃତରେ କେତେ ଚାଷଜମି ଓ ଫସଲ କ୍ଷତିଗ୍ରସ୍ତ ହୋଇଛି, ତାହାର ସଠିକ ଆକଳନ ପାଇଁ ରାଜସ୍ୱ ଓ କୃଷି ବିଭାଗର ଅଧିକାରୀଙ୍କୁ

### ସରକାରୀ ସହାୟତାକୁ ଅପେକ୍ଷା

ନିବେଦନ ରହିଛି। ସର୍ଭେ ସମୟରେ ପ୍ରତ୍ୟେକ କ୍ଷତିଗ୍ରସ୍ତ ଚାଷୀଙ୍କ ନାମ, ଜମିର ପରିମାଣ, ଖାତା ଓ ପ୍ଲଟ୍ ନମ୍ବର ସହ ଫସଲ କ୍ଷୟକ୍ଷତିର ସଠିକ ତଥ୍ୟ ରେକର୍ଡ କରିବା ଜରୁରୀ। ଏହି ଆଧାରରେ ସରକାରୀ ନିୟମ ଅନୁସାରେ ଫସଲ କ୍ଷତିପୂରଣ/ଇନପୁଟ୍ ସବସିଡି ପ୍ରଦାନ ସହ ଯୋଗ୍ୟ ଚାଷୀଙ୍କ ଫସଲ ବୀମା ଦାବି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ମଧ୍ୟ ଅନୁରୋଧ କରାଯାଇଛି। ଯେଉଁ ଜମିରେ ପୁନଃଚାଷ ସମ୍ଭବ, ସେଠାରେ ଆବଶ୍ୟକ ବିହନ, ସାର ଓ କୃଷି ଇନପୁଟ୍ ଯୋଗାଇଦେବାକୁ ଚାଷୀମାନେ ପ୍ରକାଶ କରିଛନ୍ତି। ଏଥିସହ କ୍ଷତିଗ୍ରସ୍ତ ଅଞ୍ଚଳକୁ ସମ୍ପୃକ୍ତ ଅଧିକାରୀମାନେ ସ୍ଥଳ ପରିଦର୍ଶନ କରି ବାସ୍ତବ ସ୍ଥିତି ଅନୁଧ୍ୟାନ କରିବା ସହ ଶୀଘ୍ର କ୍ଷୟକ୍ଷତି ରିପୋର୍ଟ ପ୍ରସ୍ତୁତ କରିବାକୁ ଦୃଢ ଦାବି ହୋଇଛି।

## ଶଯ୍ୟା ଅଭାବରୁ ତଳେ ଶୋଇଲେ ପ୍ରସୂତୀ



ଖଡ଼ିଆଳ, ୬ ।୧୦(ସମିସ): ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟର ସ୍ୱାସ୍ଥ୍ୟ ବ୍ୟବସ୍ଥାର ବାସ୍ତବ ଚିତ୍ର ଏବେ ସାମ୍ନାକୁ ଆସିଛି। ହସ୍ପିଟାଲରେ ଜଣେ ପ୍ରସୂତୀ ମାଆ ନିଜ ଶିଶୁକୁ ଜନ୍ମ ଦେବା ପରେ ମଧ୍ୟ ଗୋଟିଏ ବେଡ୍ ନ ପାଇବାରୁ ଚଟାଣରେ ଶୋଇବାକୁ ବାଧ୍ୟ ହୋଇଥିବା ଚିତ୍ର ସାମ୍ନାକୁ ଆସିଛି। ଏହି ଦୃଶ୍ୟ ଖଡ଼ିଆଳର ସ୍ୱାସ୍ଥ୍ୟସେବାର ଭିତ୍ତିଭୂମି ଓ ବ୍ୟବସ୍ଥାପନାକୁ ନେଇ ଅନେକ ପ୍ରଶ୍ନ ଉଠାଇଛି। ପ୍ରସବ ପରେ ଜଣେ ମାଆଙ୍କୁ ଯେଉଁଠି ଆରାମ, ଯତ୍ନ ଓ ସୁରକ୍ଷିତ ପରିବେଶ ମିଳିବା କଥା, ସେଠାରେ ତାଙ୍କୁ ଚଟାଣରେ ଶିଶୁକୁ ଧରି ଶୋଇବାକୁ ପଡ଼ିବା ଘଟଣା ସାଧାରଣ ଲୋକଙ୍କୁ ମଧ୍ୟ ଚିନ୍ତିତ କରିଛି। ଏହା କେବଳ ଜଣେ ମାଆଙ୍କ ସମସ୍ୟା ନୁହେଁ, ବରଂ ହସ୍ପିଟାଲରେ ଆବଶ୍ୟକ ବେଡ୍ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ଭିତ୍ତିଭୂମିର ଅଭାବକୁ ଏହି ଘଟଣା ପଦାକୁ ଆଣିଛି। ଏହା ସହିତ ଖଡ଼ିଆଳ, ବୋଡ଼େନ ଓ ସିନାପାଲି ଅଞ୍ଚଳର ସରକାରୀ ହସ୍ପିଟାଲଗୁଡ଼ିକରେ ଡାକ୍ତର ଓ ଆବଶ୍ୟକ ଚିକିତ୍ସା ସେବାର ଅଭାବ ନେଇ ମଧ୍ୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ରହିଛି। ବିଶେଷକରି ଜଣେ ପ୍ରସୂତୀ ମାଆ ଓ ନବଜାତ ଶିଶୁଙ୍କୁ ସମ୍ମାନଜନକ, ସୁରକ୍ଷିତ ଓ ଉତ୍ତମ ଚିକିତ୍ସା ସେବା ମିଳିବା ଅତ୍ୟନ୍ତ ଜରୁରୀ। ଏଭଳି ଘଟଣାର ପୁନରାବୃତ୍ତି ଯେପରି ନ ହୁଏ, ସେଥିପାଇଁ ହସ୍ପିଟାଲରେ ଆବଶ୍ୟକ ବେଡ୍, ଡାକ୍ତର ଓ ଅନ୍ୟାନ୍ୟ ଚିକିତ୍ସା ସୁବିଧା ତୁରନ୍ତ ସୁନିଶ୍ଚିତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏନେଇ ମେଡିକାଲ ଇନଚାର୍ଜ ମନୋଜ ଦୋରାଙ୍କୁ ଯୋଗାଯୋଗ କରାଯିବାରୁ ତୁରନ୍ତ ବେଡ଼ର ବ୍ୟବସ୍ଥା କରିବେ ବୋଲି ସୂଚନା ଦେଇଥିଲେ।

## ନୂଆପଡ଼ା ସଦର ୮ ନଂ ଜୋନ୍‌ରେ ବିଜେଡିର ଜନସମ୍ପର୍କ ପଦଯାତ୍ରା



ନୂଆପଡ଼ା, ୬ ।୧୦(ସମିସ): ଅକ୍ଟୋବର ୨ ଗାନ୍ଧୀଜୟନ୍ତୀ ଠାରୁ ଆରମ୍ଭ ହୋଇଥିବା ବିଜେଡିର ଜନସମ୍ପର୍କ ପଦଯାତ୍ରା ଅବ୍ୟାହତ ରହିଥିବାବେଳେ ନୂଆପଡ଼ା ଜିଲ୍ଲା ବିଜେଡି ସଭାପତି ଅବନୀ ରଞ୍ଜନ ଯୋଷୀଙ୍କ ନେତୃତ୍ୱରେ ଚାଲିଥିବା ପଦଯାତ୍ରାରେ ନୂଆପଡ଼ା ସଦର ସ୍ଥିତ ୮ ନମ୍ବର ଜିଲ୍ଲାପରିଷଦ ଜୋନ୍‌ର ଭାନପୁର ଗ୍ରାମପଞ୍ଚାୟତରୁ ବାହାରି ଶବରପଡ଼ା, ରାନିଧାରା, ଛିଞ୍ଚୁଆଁ, ମାସନକୁଣ୍ଡ, କଦମେରି ଦେଇ ଶେଷରେ ସାଲିହା ଗ୍ରାମରେ ପହଞ୍ଚିଥିଲା। ଏହି ପଦଯାତ୍ରାରେ ଲୋକଙ୍କ ସହ ମିଶିବା ସହିତ ବିଜେପି ସରକାରର ବିଫଳତାକୁ ନେଇ ଜନସାଧାରଣଙ୍କୁ ବୁଝାଇ ଥିବାବେଳେ ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ଗାଁ ଠାରୁ ସହର ପର୍ଯ୍ୟନ୍ତ ବିକାଶ ର ଚିତ୍ର କୁ ନେଇ ଲୋକଙ୍କ ପାଖକୁ ଯାଇ ଅବଗତ କରିଥିଲେ। ନବୀନ ସରକାର ଲୋକଙ୍କ ସରକାର ଥିଲା ଓ ଲୋକଙ୍କ ଦ୍ୱାରା ପରିଚାଳିତ ହେଉଥିଲା। ହେଲେ ବର୍ତ୍ତମାନର ବିଜେପି ସରକାର କେନ୍ଦ୍ର ଦ୍ୱାରା ପରିଚାଳିତ ବୋଲି କହିଥିଲେ। ତାହାର ରିମୋଟ କଣ୍ଟ୍ରୋଲ ଦିଲ୍ଲୀରେ ରହିଛି ବୋଲି ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ଏହି ପଦଯାତ୍ରା ଅବସରରେ ଜିଲ୍ଲା ସଭାପତି ଅବନୀ ରଞ୍ଜନ ଯୋଷୀଙ୍କ ସହିତ ଜିଲ୍ଲା ବିଜେଡି ଉପସଭାପତି ଭାନୁପ୍ରତାପ ସିଂ ମାଝୀଙ୍କ ସହିତ ଅନେକ ବରିଷ୍ଠ କର୍ମକର୍ତ୍ତା, ଦଳୀୟ କର୍ମୀ ସାମିଲ ରହିଥିଲେ।

## ଲାଞ୍ଜିଗଡ଼ ବ୍ଲକ୍‌ସ୍ତରୀୟ ସେବା ସେତୁ ଅଭିଯାନ

ଲାଞ୍ଜିଗଡ଼, ୬ ।୧୦(ସମିସ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ପଞ୍ଚାୟତ ସମିତି କାର୍ଯ୍ୟାଳୟପରିସରରେ ମଙ୍ଗଳବାର ବ୍ଲକସ୍ତରୀୟ 'ସେବା ସେତୁ ସଂକଳ୍ପ ଅଭିଯାନ' ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯାନର ମୂଳଲକ୍ଷ୍ୟ ହେଉଛି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସମସ୍ତ ଜନହିତକର ଯୋଜନା ଜନସାଧାରଣ କିଭଳି ପାଇପାରିବେ ସେ ନେଇ ସଚେତନତା ସୃଷ୍ଟି କରିବା। ଏଥିପାଇଁ ବିଭିନ୍ନ ବିଭାଗ ପକ୍ଷରୁ ଷ୍ଟଲ୍ ଖୋଲାଯାଇ ଲୋକଙ୍କୁ ସଚେତନ କରାଯାଇଥିଲା। ଲାଞ୍ଜିଗଡ଼ ବିଡିଓ ଶଶାଙ୍କ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲାଞ୍ଜିଗଡ଼ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାୟକ, ସାଂସଦ ପ୍ରତିନିଧି ସୁବାସ ଅଗ୍ରୱାଲ, ମଣି ମାଝୀ ପ୍ରମୁଖ ଯୋଗଦେଇ ଥିଲେ। ଏହି କାର୍ଯ୍ୟକ୍ରମରେ ବିଶ୍ୱନାଥପୁର ମଣ୍ଡଳ ସଭାପତି ତୁଳସୀ ମାଝୀ, ଲାଞ୍ଜିଗଡ଼ ମଣ୍ଡଳ ସଭାପତି ନରେନ୍ଦ୍ର ବେହେରା, ବିଶ୍ୱନାଥପୁର ମଣ୍ଡଳ ଓବିସି ମୋର୍ଚ୍ଚା ସଭାପତି ମିଳନ କୁମାର ମହାପାତ୍ର, ସମାଜସେବୀ ଲକ୍ଷ୍ମୀଧର ସନ୍ତୋଷ ରାୟ, ଅନନ୍ତ ପ୍ରଧାନୀ, ତ୍ରିନାଥ ପାତ୍ରଙ୍କ ସମେତ ସରପଞ୍ଚ, ସମିତି ସଭ୍ୟ ଓ ବହୁ ଜନସାଧାରଣ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟାରାନ୍ସ କର୍ତ୍ତୃପକ୍ଷ ବୈଠକ



ନୂଆପଡ଼ା, ୬ ।୧୦(ସମିସ): ନୂଆପଡ଼ା ଜିଲ୍ଲାରେ ଶିଳ୍ପ କ୍ଷେତ୍ରରେ ନୂତନ ନିବେଶକୁ ପ୍ରୋତ୍ସାହନ ଦେବା ଏବଂ ନିବେଶକମାନଙ୍କୁ ଆବଶ୍ୟକ ଅନୁମୋଦନ ପ୍ରକ୍ରିୟାକୁ ସୁଗମ କରିବା ଉଦ୍ଦେଶ୍ୟରେ ଜିଲ୍ଲାସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟାରାନ୍ସ କର୍ତ୍ତୃପକ୍ଷ ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ମୁଖ୍ୟାଳୟ ସମ୍ମିଳନୀକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କୋମନା ବ୍ଲକ ଛିଦ୍ରପାଣିସ୍ଥିତ ମେସର୍ସ ଟାକାନାୟନା ଟେକ୍ସଟାଇଲ୍ (ଜିନିଂ ମିଲ୍) ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ପ୍ରାୟ ୭.୬୧ କୋଟି ଟଙ୍କା ବ୍ୟୟରେ ପ୍ରତିଷ୍ଠା ହେବାକୁ ଥିବା ଏହି ୟୁନିଟ୍‌ର ବାର୍ଷିକ ଉତ୍ପାଦନ କ୍ଷମତା ୨, ୦୦୦ ମେଟ୍ରିକ୍ ଟନ୍ ରହିବ। ଏଥିସହ ଖଡ଼ିଆଳ ସ୍ଥିତ ଶ୍ୟାମକୁମ୍ ରିସର୍ଟ ପାଇଁ ୬.୫୬ ଏକର ଜମିର ଲ୍ୟାଣ୍ଡ କନଭର୍ସନ୍ ପ୍ରସ୍ତାବକୁ ମଧ୍ୟ ବୈଠକରେ ଅନୁମୋଦନ କରାଯାଇଛି। ଜିଲ୍ଲାରେ ନିବେଶ ଓ ଶିଳ୍ପ ପ୍ରତିଷ୍ଠା ପାଇଁ ଅନୁକୂଳ ପରିବେଶ ସୃଷ୍ଟି ସହ ବିଭିନ୍ନ ଅନୁମୋଦନ ପ୍ରକ୍ରିୟାକୁ ସରଳ, ସ୍ୱଚ୍ଛ ଓ ସମୟବଦ୍ଧ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ଜିଏମ୍, ଡିଆଇସି ସମୀର ମୁଦୁଲିଙ୍କ ସମେତ ସମ୍ପୃକ୍ତ ବିଭାଗର ଅଧିକାରୀ ଓ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।

## ଯାତ୍ରୀବାହୀ ବସ୍ ଚାପାରେ ଜଣେ ମୃତ; ଜଣେ ଗୁରୁତର

ନୂଆପଡ଼ା, ୬ ।୧୦(ସମିସ): ନୂଆପଡ଼ା ଜିଲ୍ଲା ସଦର ଗୋତମା ଛକ ନିକଟରେ ସଡ଼କ ଦୁର୍ଘଟଣାରେ ଜଣକର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ସଦର ନୂଆପଡ଼ା ସ୍ଥିତ ୱାର୍ଡ ନମ୍ବର ୫ ତେଲିପଡ଼ାର ମୃତକ ଅନୁରାମ ସାହୁ (୩୫) ଓ ରାକେଶ ସାହୁ କୌଣସି କାମରେ ଖରିଆର ରୋଡ୍ ସହରକୁ ଯାଇ କାମ ସାରି ଫେରୁଥିବାବେଳେ ନୂଆପଡ଼ା ଦେଇ ଖରିଆରରୋଡ୍‌କୁ ଆସୁଥିବା ବସ୍ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଖବରପାଇ ଜୋଙ୍କ ଥାନା ଅଧିକାରୀ ପ୍ରଦୀପ କୁମାର ଧରୁଆ ଓ ଏଏସ୍‌ଆଇ ପ୍ରଭାକର ନାୟକ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ପୁଲିସ ଗାଡ଼ିରେ ପ୍ରଥମେ ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ଅନୁରାମଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟଜଣେ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଥିବା ବେଳେ ଉକ୍ତ ଘଟଣା କୁ ନେଇ ଜୋଙ୍କ ଥାନାରେ ମାମଲା ରୁଜୁକରି ତଦନ୍ତ ଚାଲୁଥିବା ତଦନ୍ତକାରୀ ଅଧିକାରୀ ବିଷ୍ଣୁ ପ୍ରଧାନ ପ୍ରକାଶ କରିଛନ୍ତି।

## ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ କମିଟି ବୈଠକ

ନୂଆପଡ଼ା, ୬ ।୧୦(ସମିସ): ନୂଆପଡ଼ା ଜିଲ୍ଲାରେ ଏଗ୍ରିଷ୍ଟାକ୍ ତଥ୍ୟର ସମ୍ପୂର୍ଣ୍ଣତା ହାସଲ କରିବାସହ କୃଷକ ପଞ୍ଜୀକରଣକୁ ଅଧିକ ବ୍ୟାପକ ଓ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ଜିଲ୍ଲାସ୍ତରୀୟ ଟାସ୍କଫୋର୍ସ କମିଟି ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ବୈଠକରେ ଏଗ୍ରିଷ୍ଟାକ୍ ଅଧୀନରେ କୃଷକ ପଞ୍ଜୀକରଣ ଓ ଡିଜିଟାଲ କ୍ରପ୍ ସର୍ଭେକୁ ସମ୍ପୂର୍ଣ୍ଣ କରିବା ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଅଧିକରୁ ଅଧିକ ଯୋଗ୍ୟ କୃଷକଙ୍କୁ ଏହି ପଞ୍ଜୀକରଣ ପ୍ରକ୍ରିୟାରେ ସାମିଲ କରିବା ପାଇଁ କ୍ଷେତ୍ରସ୍ତରରେ ସମନ୍ୱିତ ପଦକ୍ଷେପ ନେବାକୁ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ। ବିଶେଷକରି ଗ୍ରାମସ୍ତରରେ କାର୍ଯ୍ୟରତ କୃଷି ମିତ୍ରମାନଙ୍କୁ ସକ୍ରିୟ ଭାବେ ନିୟୋଜିତ କରି କୃଷକ ପଞ୍ଜୀକରଣର ପରିସର ବୃଦ୍ଧି କରିବା ପାଇଁ ଜିଲ୍ଲାପାଳ ଶ୍ରୀ ଦାଶ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଡିଏଫ୍‌ଓ (ପ୍ରାନ୍ତୀୟ) ଅଜିଜ୍ ଖାନ୍, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ପ୍ରଣତିରାଣୀ ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଓ ସମ୍ପୃକ୍ତ ଅଧିକାରୀମାନେ ଯୋଗଦେଇଥିଲେ।

## ଅବସର ପରେ ଭିଟାମାଟିରେ ଯବାନଙ୍କୁ ସମ୍ବର୍ଦ୍ଧନା



ନୂଆପଡ଼ା, ୬ ।୧୦(ସମିସ): ଦେଶସେବା ସାରି ଜନ୍ମମାଟିକୁ ଫେରିଲେ ବୀର ପୁତ୍ର କ୍ଷିତୀଶ ଜଗତ। ଦୀର୍ଘ ୧୮ ବର୍ଷର ସିଆର୍‌ପିଏଫ୍ ସେବା ପରେ ତାଙ୍କ ଭିଟାମାଟି ପଲସାପଡ଼ାରେ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ଅବସରପ୍ରାପ୍ତ ଯବାନଙ୍କ ପ୍ରତି ଗ୍ରାମବାସୀ ଏବଂ ତାଙ୍କ ସାଙ୍ଗ ସାଥି ଦେଇଥିବା ଏହି ସମ୍ମାନ ଓ ଭଲପାଇବା ଦେଶପ୍ରେମର ଏକ ଅନନ୍ୟ ଦୃଶ୍ୟ ସୃଷ୍ଟି କରିଥିଲା। ସୁଗ୍ରୀ ଜଗତଙ୍କ ପୁତ୍ର କ୍ଷିତୀଶ ଜଗତ ୨୬ ଜୁନ ୨୦୦୮ରେ କେନ୍ଦ୍ରୀୟ ରିଜର୍ଭ ପୁଲିସ ବଳ (ସିଆର୍‌ପିଏଫ୍)ରେ ଯୋଗଦେଇଥିଲେ। ଚାକିରିର ପ୍ରଥମ ପର୍ଯ୍ୟାୟରେ ଜମ୍ମୁ-କାଶ୍ମୀରର ଦ୍ରାସ ଅଞ୍ଚଳରେ କର୍ତ୍ତବ୍ୟ ସମ୍ପାଦନ କରିଥିଲେ। ପରବର୍ତ୍ତୀ ସମୟରେ ଦେଶର ବିଭିନ୍ନ ସ୍ଥାନରେ ନିଷ୍ଠାର ସହ ସେ ଦାୟିତ୍ୱ ତୁଲାଇଥିଲେ। ଶେଷରେ ଆସାମର ଲେଖାପାନୀରେ କର୍ତ୍ତବ୍ୟ ସମ୍ପାଦନ କରି ସେ ୩୦ ସେପ୍ଟେମ୍ବର ୨୦୨୬ରେ ଅବସର ଗ୍ରହଣ କରିଛନ୍ତି।

## ଛାତ୍ର ସଂସଦ ନିର୍ବାଚନ ଘୋଷଣା ପରେ ଉତ୍ସାହ

ଭବାନୀପାଟଣା, ୬ ।୧୦(ସମିସ): ଦୀର୍ଘ ପ୍ରାୟ ୮ ବର୍ଷର ବ୍ୟବଧାନ ପରେ ଓଡ଼ିଶାରେ ଛାତ୍ର ସଂସଦ ନିର୍ବାଚନ ଆୟୋଜନ ନେଇ ଘୋଷଣା ହେବା ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି। ଏହି ଘୋଷଣାକୁ ସ୍ୱାଗତ କରି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) କଳାହାଣ୍ଡି ପକ୍ଷରୁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଯାଇଛି। ଛାତ୍ର ସଂସଦ ନିର୍ବାଚନ ଛାତ୍ରଛାତ୍ରୀଙ୍କୁ ନିଜ ପ୍ରତିନିଧି ବାଛିବା ଏବଂ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ବିଭିନ୍ନ ଛାତ୍ର ସମସ୍ୟାକୁ ଗଣତାନ୍ତ୍ରିକ ଭାବେ ଉପସ୍ଥାପନ କରିବାର ସୁଯୋଗ ଦେଇଥାଏ। ଦୀର୍ଘ ସମୟ ଧରି ନିର୍ବାଚନ ନ ହେବା ପରେ ଏହି ଘୋଷଣା ଛାତ୍ର ରାଜନୀତି ଓ ଛାତ୍ର ପ୍ରତିନିଧିତ୍ୱକୁ ନେଇ ନୂଆ ଆଶା ସୃଷ୍ଟି କରିଛି। ଏହି ଅବସରରେ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ପରିସରରେ ମଧ୍ୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ଓ ଆଗ୍ରହ ପରିଲକ୍ଷିତ ହୋଇଛି। ନିର୍ବାଚନ ଘୋଷଣାକୁ ନେଇ ବିଭିନ୍ନ ଛାତ୍ରମହଲରେ ଆଲୋଚନା ଆରମ୍ଭ ହୋଇଥିବା ବେଳେ ଛାତ୍ର ସମସ୍ୟା, ଶିକ୍ଷା ପରିବେଶ, ମୌଳିକ ସୁବିଧା ଓ ଛାତ୍ର କଲ୍ୟାଣ ଭଳି ପ୍ରସଙ୍ଗ ନେଇ ଆଗାମୀ ଦିନରେ ଛାତ୍ର ପ୍ରତିନିଧିମାନେ ନିଜ ମତ ରଖିବେ ବୋଲି ଆଶା କରାଯାଉଛି। ଏବିଭିପି ପକ୍ଷରୁ କୁହାଯାଇଛି ଯେ, ଛାତ୍ରଛାତ୍ରୀଙ୍କ ଗଣତାନ୍ତ୍ରିକ ଅଧିକାର ଓ ପ୍ରତିନିଧିତ୍ୱର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଛାତ୍ର ସଂସଦ ନିର୍ବାଚନ ଘୋଷଣାକୁ ସଂଗଠନ ସ୍ୱାଗତ କରୁଛି। ନିର୍ବାଚନ ପ୍ରକ୍ରିୟା ଶାନ୍ତିପୂର୍ଣ୍ଣ, ଶୃଙ୍ଖଳିତ ଓ ଗଣତାନ୍ତ୍ରିକ ଭାବେ ସମ୍ପନ୍ନ ହେବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ଏଥିରେ ଭୋଜରାଜ ସାହୁ ଜିଲ୍ଲା ସଂଯୋଜକ, ଛନ୍ଦାଚରଣ ବେହେରା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ଦେବାଶିଷ ପଟ୍ଟନାୟକ, ଚୁଡାମାନି ପ୍ରଧାନୀ ଓ ଅନ୍ୟ କାର୍ଯ୍ୟକର୍ତ୍ତା ଏବଂ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୂଆ ଉତ୍ସାହ ସୃଷ୍ଟି କରୁଛି।

### ସରକାରୀ ସୁବିଧାରୁ ବଞ୍ଚିତ ଦିବ୍ୟାଙ୍ଗ

## ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କଲା ଜିଲ୍ଲା ସକ୍ଷମ ଅନୁଷ୍ଠାନ

ନୂଆପଡ଼ା, ୬ ।୧୦(ସମିସ):



ସରକାରୀସ୍ତରରେ ଭିନ୍ନକ୍ଷମ ଦିବ୍ୟାଙ୍ଗମାନଙ୍କ ପାଇଁ ଅନେକ ଯୋଜନା ରହିଛି। ହେଲେ ପ୍ରସାଶନିକସ୍ତରର ସହଯୋଗ ରହୁ ନ ଥିବାରୁ ନିଜର ହକ୍ ଓ ସରକାରୀ ସୁବିଧା ସୁଯୋଗରୁ ଅନେକ ଭିନ୍ନକ୍ଷମ ବଞ୍ଚିତ ରହି ଦୁଃସ୍ଥ ଜୀବନ ଯାପନ ଅତିବାହିତ କରୁଛନ୍ତି। ତେଣୁ ପ୍ରସାଶନ ସହଯୋଗ ର ହାତ ବଢ଼ାଇବା ସହ ଅନେକ ସମସ୍ୟାର ସମାଧାନ କରିବା ପାଇଁ ନୂଆପଡ଼ା ଜିଲ୍ଲାପାଳଙ୍କ ନିକଟରେ ନୂଆପଡ଼ା ଜିଲ୍ଲା ସକ୍ଷମ ଅନୁଷ୍ଠାନର ଜିଲ୍ଲା ସଂଯୋଜକ ଭକ୍ତବନ୍ଧୁ ଧରୁଆ ଅଭିଯୋଗ କରିଛନ୍ତି। ଅଭିଯୋଗରୁ ପ୍ରକାଶ ଯେ, ନୂଆପଡ଼ା ଜିଲ୍ଲାରେ ରହିଥିବା ଭିନ୍ନକ୍ଷମ ବ୍ୟକ୍ତିଙ୍କ ମଧ୍ୟରୁ ସାଇପଲା ଗ୍ରାମର ଲକ୍ଷ୍ମୀ ବରିହା, କୁରୁମପୁରୀ ଗ୍ରାମର ଧନସିଂ ମାଝୀ, ଭଇଁଶିମୁଣ୍ଡି (ସାରାବଙ୍ଗ) ଗ୍ରାମର ପ୍ରଣତି ବିଶି, ଖରିଆରରୋଡର ଅଲି ଖାନ, ସିହିନିମୁଣ୍ଡା ଗ୍ରାମର ରୀନା ହଂସ ସମେତ ଜିଲ୍ଲାର ଏପରି ଅନେକ ଭିନ୍ନକ୍ଷମ ରହିଛନ୍ତି। ହେଲେ ଏମାନଙ୍କୁ ଆଜି ପର୍ଯ୍ୟନ୍ତ ସାମାଜିକ ସୁରକ୍ଷା ଯୋଜନାରେ ସାମିଲ କରାଯାଇ ନାହିଁ। ବାରମ୍ବାର ଅଭିଯୋଗ କରିଆସୁଥିଲେ ମଧ୍ୟ ପଞ୍ଚାୟତ ଜନ ପ୍ରତିନିଧି କିମ୍ବା ପଞ୍ଚାୟତ କାୟର୍ଯ ନିର୍ବାହୀ ଅଧିକାରୀ ସହଯୋଗ କରୁ ନ ଥିବାରୁ ହକ ଅଧିକାର ଓ ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ରହି ଦୂର୍ବିସହ ଜୀବନ ଯାପନ କରୁଛନ୍ତି। ଏହି ସମସ୍ୟାର ସମାଧାନ କରିବା ପାଇଁ ପଞ୍ଚାୟତସ୍ତରରେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ତାଲିକା ପ୍ରସ୍ତୁତ କରିବା ପାଇଁ ଶିବିର ଆୟୋଜନ କରିବା, ଆଧାରକାର୍ଡର ପଞ୍ଜୀକରଣ ଓ ସଂଶୋଧନ କରିବା, ପଞ୍ଚାୟତସ୍ତରରେ ଭିନ୍ନକ୍ଷମମାନଙ୍କ ପାଇଁ ଯାତୟାତର ସୁବିଧା, ଘରକୁ ଘର ଚିହ୍ନଟ କରିବା, ଭିନ୍ନକ୍ଷମମାନଙ୍କ ଆବେଦନକୁ ଗୁରୁତର ଭାବେ ବିଚାରକରି ପ୍ରାଥମିକତାଭିତ୍ତିରେ ସମୟ ସୀମା ମଧ୍ୟରେ ସମାଧାନ କରିବା ସମେତ ଅନେକ ଦାବିନେଇ 'ସକ୍ଷମ' ଅନୁଷ୍ଠାନର ଜିଲ୍ଲା ସଂଯୋଜକ ଭକ୍ତବନ୍ଧୁ ଧରୁଆ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିବା ସହ ସାମାଜିକ ସୁରକ୍ଷା ପ୍ରାନ୍ତୀୟ କ୍ଷେତ୍ର ଅଧିକାରୀ ରାୟଗଡ଼ାଙ୍କୁ ଏହାର ପ୍ରତିଲିପି ପ୍ରେରଣ କରିଛନ୍ତି।

## ମାଣିକେଶ୍ୱରୀ ମନ୍ଦିର ସେବକଙ୍କ ପରଲୋକ



ଥୁଆମୂଳ ରାମପୁର, ୬।୧୦(ସମିସ): କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ବ୍ଲକ ସଦର ମହକୁମାସ୍ଥିତ ମା' ମାଣିକେଶ୍ୱରୀ ମନ୍ଦିରର ସେବକ ତଥା ତାଳବନ୍ଧ ପଡ଼ା ଅଗ୍ନି ଭୈରବ ଦେବଙ୍କ ପ୍ରମୁଖ ପୂଜକ ଅନିରୁଦ୍ଧ ନାଏକଙ୍କ ୬୪ ବର୍ଷ ବୟସରେ ପରଲୋକ ଘଟିଛି। ସୋମବାର ରାତି ପ୍ରାୟ ୮ଟା ୪୦ ମିନିଟ୍ ସମୟରେ ଜଗନ୍ନାଥ କଲୋନୀସ୍ଥିତ ବାସଭବନରେ ତାଙ୍କର ମୃତ୍ୟୁ ଘଟିଥିଲା। ସେ ଦୀର୍ଘଦିନ ଧରି ପକ୍ଷାଘାତ ରୋଗରେ ପୀଡ଼ିତ ଥିଲେ। ମୃତ୍ୟୁ ସମୟରେ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ତାଙ୍କ ନିକଟରେ ଉପସ୍ଥିତ ଥିଲେ। ଅନିରୁଦ୍ଧ ନାଏକ ଜଣେ ଧର୍ମପରାୟଣ, ମିଷ୍ଟଭାଷୀ ଓ ସମାଜସେବୀ ବ୍ୟକ୍ତି ଭାବେ ସ୍ଥାନୀୟ ଅଞ୍ଚଳରେ ପରିଚିତ ଥିଲେ। ମା' ମାଣିକେଶ୍ୱରୀ ମନ୍ଦିରର ସେବକ ଭାବେ ସେ ଦୀର୍ଘଦିନ ଧରି ନିଷ୍ଠାର ସହ ସେବା ଯୋଗାଇ ଆସୁଥିଲେ। ଦର୍ଶନ ପାଇଁ ପରିବାରବର୍ଗ, ବନ୍ଧୁବାନ୍ଧବ ଓ ବିଭିନ୍ନ ବର୍ଗର ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ହୋଇ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

সকাল
THE SAKALA



# ସମ୍ପାଦକୀୟ



କ୍ରମାଗତ ଅଭ୍ୟାସ ବଳରେ ସ୍ୱୟଂସମ୍ପୂର୍ଣ୍ଣତା ସମ୍ଭବ ।
-ବ୍ରୁଶ୍ ଲି

## ସତର୍କ ସଙ୍କେତ

ଭାରତର ବୈଦେଶିକ ମୁଦ୍ରା ଭଣ୍ଡାର ଗୋଟିଏ ସପ୍ତାହ ମଧ୍ୟରେ ୧୮, ୩୪୦ କୋଟି ଡଲାର ହ୍ରାସ ପାଇଛି । ଏବେ ଭଣ୍ଡାରରେ ମାତ୍ର ୭୪, ୭୫୬ କୋଟି ଡଲାର ରହିଛି । ତିନି ସପ୍ତାହ ଧରି ହ୍ରାସର ଧାରା ଜାରି ରହିଛି । ଏହି ପରିସଂଖ୍ୟାନ ଉଦ୍‌ବେଗଜନକ ନ ହେଲେ ମଧ୍ୟ ହାଲ୍‌କା ଭାବରେ ନିଆଯାଇପାରିବ ନାହିଁ । ଡଲାର ତୁଳନାରେ ୟୁରୋ, ପାଉଣ୍ଡ ଓ ୟେନ୍ ମୂଲ୍ୟ ପରିବର୍ତ୍ତନ ଏବଂ ସୁନା ମୂଲ୍ୟର ଉତ୍ଥାନ-ପତନ ଆଦି କାରକ ଭାରତୀୟ ବୈଦେଶିକ ମୁଦ୍ରାଭଣ୍ଡାରର ମୂଲ୍ୟକୁ ପ୍ରଭାବିତ କରୁଛି । କିନ୍ତୁ ମୁଖ୍ୟ ପ୍ରଶ୍ନ ହେଉଛି ମୁଦ୍ରାଭଣ୍ଡାର କାହିଁକି ଏତେ ଦ୍ରୁତଗତିରେ ହ୍ରାସ ପାଉଛି? ସହଜ ଓ ସରଳ ଉତ୍ତର ହେଲା - ଡଲାର ତୁଳନାରେ ଟଙ୍କାର ଦୁର୍ବଳତା, ଅଧିକ ଆମଦାନୀ ଖର୍ଚ୍ଚ, ତେଲ ଦର ବୃଦ୍ଧି, ଆମେରିକୀୟ ସୁଧହାରର ପ୍ରଭାବ ଏବଂ ବିଶ୍ୱ ବଜାରରେ ଡଲାର ଓ ସୁନା ଚାହିଦା ବୃଦ୍ଧି । କିନ୍ତୁ ଏହି ଉତ୍ତର ଦୀର୍ଘମିଆଦରେ ସନ୍ତୋଷଜନକ ହେବା ଉଚିତ ନୁହେଁ । ମୁଦ୍ରାଭଣ୍ଡାରର ସାମ୍ପ୍ରତିକ ସ୍ଥିତି ଏକ ସ୍ପଷ୍ଟ ସଙ୍କେତ ଦେଉଛି ଯେ ଆଗକୁ ଆସୁଥିବା ବଡ଼ ଅର୍ଥନୈତିକ ମାନ୍ଦାବସ୍ଥା ପାଇଁ ଭାରତ ଏବେଠାରୁ ପ୍ରସ୍ତୁତ ରହିବାକୁ ପଡ଼ିବ ।



ଡଲାର ତୁଳନାରେ ଟଙ୍କା ଦୁର୍ବଳ ହେଲେ ସ୍ୱାଭାବିକ ଭାବରେ ଭାରତୀୟ ରିଜର୍ଭ ବ୍ୟାଙ୍କ ହସ୍ତକ୍ଷେପ କରେ । ଏହା ଏକ ଗତାନୁଗତି ନୀତିଗତ ପଦକ୍ଷେପ । କିନ୍ତୁ ସାମ୍ପ୍ରତିକ ସ୍ଥିତିରେ ନୀତିଗତ ସନ୍ତୁଳନ ଅତ୍ୟନ୍ତ ଜରୁରୀ । ସମ୍ପ୍ରତି ଆରବିଆଇର ନୀତିଗତ ସଂସ୍କାର ଯୋଗୁଁ ଗତ ଜୁନ୍ ୮ରୁ ସେପ୍ଟେମ୍ବର ୧୮ ତାରିଖ ମଧ୍ୟରେ ପ୍ରାୟ ୧୪, ୩୫୦ କୋଟି ଡଲାରର ଅନ୍ତଃସ୍ରୋତ ସୃଷ୍ଟି ହୋଇଛି । ଏହା ମୁଦ୍ରାଭଣ୍ଡାର ଚାପକୁ ହ୍ରାସ କରିବାରେ କିଛି ପରିମାଣରେ ସହାୟତା କରିଥିଲେ ମଧ୍ୟ ସ୍ଥାୟୀ ପ୍ରତିକାର ବା ଦୀର୍ଘମିଆଦୀ ସମାଧାନ ଭାବେ ଗ୍ରହଣ କରିନେବା ଠିକ୍ ହେବ ନାହିଁ । କାରଣ ନିବେଶକଙ୍କ ମତିଗତି ପ୍ରତିମୁହୂର୍ତ୍ତରେ ବଦଳୁଛି । ସେମାନେ ଯଦି ପୁଣି ଭାରତରୁ ମୁହଁ ଫେରାନ୍ତି ତେବେ ମୁଦ୍ରାଭଣ୍ଡାର ଉପରେ ଅତ୍ୟଧିକ ଚାପ ପଡ଼ିବ । ତେଣୁ ଦୀର୍ଘସ୍ଥାୟୀ ପ୍ରତିକାର ସ୍ୱରୂପ ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରି ଘରୋଇ ଉତ୍ପାଦନକୁ ଅଧିକ ପ୍ରତିଯୋଗୀ କରିବା ଆବଶ୍ୟକ । ସେହିପରି ସେବା ରପ୍ତାନି, ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ ଓ ଦୀର୍ଘମିଆଦୀ ବିଦେଶୀ ପୁଞ୍ଜି ପ୍ରବାହକୁ ଅଧିକ ସୁଦୃଢ଼ କରିବା ଦରକାର ।

## ଅସୁରକ୍ଷିତ ହର୍ମୁଜ୍

ଯୁଦ୍ଧର ନିଆଁ କେବଳ ଆକାଶ ଓ ଭୂମିରେ ସୀମିତ ରହେ ନାହିଁ; ତାହାର ତାପ ସମୁଦ୍ରପଥକୁ ମଧ୍ୟ ଉଷ୍ମ ଓ ଅସୁରକ୍ଷିତ କରିଦିଏ । ଓମାନ ଉପକୂଳ ନିକଟରେ ହର୍ମୁଜ୍ ପ୍ରଣାଳୀ ଦେଇ ଯାଉଥିବା ପାନାମା ପତାକାବାହୀ ବାଣିଜ୍ୟିକ ଜାହାଜ 'ଏମ୍‌ଟି ଅନ୍ ପିସ୍' ଉପରେ ଆକ୍ରମଣ ଉପରୋକ୍ତ ଉକ୍ତିକୁ ପ୍ରମାଣିତ କରିଛି ଏବଂ ଭାରତ ପାଇଁ ପୁଣି ଥରେ ଚିନ୍ତା କାରଣ ହୋଇଛି । ଉକ୍ତ ଜାହାଜରେ ୧୯ ଜଣ ନାବିକଙ୍କ ମଧ୍ୟରୁ ୧୭ ଜଣ ଭାରତୀୟ ଥିବା ବେଳେ ଆକ୍ରମଣରେ ଆହତ ୧୨ ଜଣ ନାବିକଙ୍କ ମଧ୍ୟରୁ ୧୧ ଜଣ ଭାରତୀୟ । ଭାରତର ବୈଦେଶିକ ମନ୍ତ୍ରଣାଳୟ ଏହି ଆକ୍ରମଣକୁ ଦୃଢ଼ ନିନ୍ଦା କରିବା ସହ ବାଣିଜ୍ୟିକ ଜାହାଜ, ନାବିକ ଓ ବେସାମରିକ ଭିତ୍ତିଭୂମିକୁ ଯୁଦ୍ଧ ଅଂଶୀଦାର ଭାବେ ବିବେଚନା ନ କରିବାକୁ ପରାମର୍ଶ ଦେଇଛି ।

ହର୍ମୁଜ୍ ବିଶ୍ୱ ଜଳପଥର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ପ୍ରଣାଳୀ । ମଧ୍ୟପ୍ରାଚ୍ୟର ତେଲ ଓ ଗ୍ୟାସ୍ ପରିବହନର ବଡ଼ ଅଂଶ ଏହି ସଂକୀର୍ଣ୍ଣ ଜଳପଥ ଉପରେ ନିର୍ଭରଶୀଳ । ତେଣୁ ଏଠାରେ ଯୁଦ୍ଧ ଉତ୍ତେଜନାର ପ୍ରଭାବ ଆଞ୍ଚଳିକ ସୀମା ସରହଦ ଡେଇଁ ବିଶ୍ୱ ଅର୍ଥନୀତିକୁ ପ୍ରଭାବିତ କରୁଛି । ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି ଯୁଦ୍ଧରେ କୌଣସି ସମ୍ପୃକ୍ତି ନଥିବା ବାଣିଜ୍ୟ ପୋତର ନାବିକମାନେ ମଧ୍ୟ ଆକ୍ରମଣର ଶିକାର ହେଉଛନ୍ତି । ସେମାନେ ଲକ୍ଷଲକ୍ଷ ଲୋକଙ୍କ ଜୀବନଜୀବିକାର ସୁରକ୍ଷା ପାଇଁ ସମୁଦ୍ରରେ ବିପଜ୍ଜନକ ଯାତ୍ରା କରନ୍ତି । ତେଣୁ ସେମାନଙ୍କ ଉପରେ ଆକ୍ରମଣ ମାନବିକତା ଓ ଅନ୍ତର୍ଜାତୀୟ ସାମୁଦ୍ରିକ ନିୟମର ଉଲ୍ଲଙ୍ଘନ । ବିଶେଷକରି ଭାରତ ପାଇଁ ଏହି ପ୍ରସଙ୍ଗ ଆହୁରି ସମ୍ବେଦନଶୀଳ । ମଧ୍ୟପ୍ରାଚ୍ୟ, ଆଫ୍ରିକା ଓ ୟୁରୋପ ସହ ଭାରତର ସାମୁଦ୍ରିକ ନୌବାଣିଜ୍ୟରେ ଏହି ନାବିକମାନଙ୍କ ଭୂମିକା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ତେଣୁ ପଣ୍ୟବାହୀ ଜାହାଜର ନାବିକଙ୍କ ଉପରେ ଆକ୍ରମଣ ବୈଦେଶିକ ନୀତି, କୂଟନୀତି, ବାଣିଜ୍ୟ ନୀତି ଏବଂ ସର୍ବୋପରି ଭୂରାଜନୀତିର ଅଂଶବିଶେଷ ।

ଅସ୍ତ୍ର ଉତ୍ତେଜନା ସୃଷ୍ଟିକରେ । ଅପରପକ୍ଷରେ ଶାନ୍ତି ଦାୟିତ୍ୱବୋଧର ପ୍ରତୀକ । ଅସ୍ତ୍ରର ପ୍ରାବଲ୍ୟ ବଢ଼ିଲେ ଶାନ୍ତି ବ୍ୟାହତ ହୁଏ ଏବଂ ମାନବ ସଭ୍ୟତା ପ୍ରଭାବିତ ହୁଏ । ତେଣୁ ମଧ୍ୟପ୍ରାଚ୍ୟ, ବିଶେଷକରି ହର୍ମୁଜ୍‌ରେ ଶାନ୍ତି ପ୍ରତିଷ୍ଠା ସମଗ୍ର ମାନବ ସଭ୍ୟତାର ସୁରକ୍ଷା ପାଇଁ ଅପରିହାର୍ଯ୍ୟ ।

# କ୍ୟାମ୍ପସ୍‌କୁ ଫେରିଲା ଗଣତନ୍ତ୍ର

**ଡ଼. ସ୍ୱାଧୀନ କୁମାର ଦାଶ**

କଲେଜ ଜୀବନର କିଛି ସ୍ମୃତି ସମୟ ବିତିଲେ ବି ମନରୁ ପାଶୋରି ହୁଏ ନାହିଁ । ବିଶେଷକରି କଲେଜ ନିର୍ବାଚନ ସମୟର ହାତଲେଖା ଚିଠି, ପୋଷ୍ଟର ଓ ଚକ୍‌ଖଡ଼ିରେ କାନ୍ଥବାଡ଼ରେ 'ମୋତେ ଥରେ ସୁଯୋଗ ଦିଅ'ର ନିବେଦନ ଏବଂ କିଏ କେତେ ଛାତ୍ରଛାତ୍ରୀଙ୍କୁ ନିଜ ସପକ୍ଷରେ ନେଇପାରୁଛି ତା'ର ପ୍ରତିଯୋଗିତା ସତରେ ନିଆରା । କିନ୍ତୁ ଆମେ ସେହି ସମୟରେ ବୁଝି ନ ଥିଲୁ ଏହି ଛାତ୍ର ନିର୍ବାଚନ ଗଣତନ୍ତ୍ରର ପାଠ ପଢ଼ାଏ ବୋଲି । ଅନ୍ୟମୁହଁରେ ନିଜର କଥା ବା ପ୍ରଶଂସା କୁହାଇବାର କଳାକୌଶଳର ଅୟମାରମ୍ଭ ହିଁ ହେଉଥିଲା ସେହି ନିର୍ବାଚନ ପରିପ୍ରେକ୍ଷୀରେ । ଛାତ୍ରରାଜନୀତିର ମୂଳଉଦ୍ଦେଶ୍ୟ - ଛାତ୍ରଛାତ୍ରୀଙ୍କର ଚିନ୍ତାଧାରା ଓ ନିଷ୍ପତ୍ତିକୁ ଉକ୍ତ ଅନୁଷ୍ଠାନ ସହ ଆଲୋଚନା, ମନ୍ତ୍ରଣା ଓ ସହମତି ଭିତ୍ତିରେ କାର୍ଯ୍ୟକାରୀ କରିବା ଯଥା - ପାଠପଢ଼ା, ପରିବେଶ, ପାଠାଗାର, ହଷ୍ଟେଲ, କ୍ୟାଣ୍ଟିନ, ଖେଳକୁଦ, ସାଂସ୍କୃତିକ କାର୍ଯ୍ୟକ୍ରମ, ନାରୀସୁରକ୍ଷା, କ୍ୟାମ୍ପସରେ ଶୃଙ୍ଖଳା, ମୌଳିକ ସୁବିଧା ଓ ଛାତ୍ରଛାତ୍ରୀଙ୍କ ଅଧିକାର ସହ ଜଡ଼ିତ ପ୍ରସଙ୍ଗ । ସମୟ ସହ କ୍ୟାମ୍ପସ ବଦଳିଛି, ଛାତ୍ରଛାତ୍ରୀଙ୍କ ସ୍ୱପ୍ନ ଓ ସମସ୍ୟା ବଦଳିଛି । ହାତଲେଖା ପୋଷ୍ଟର ଓ ସେଣ୍ଟମରା ପୁସିଙ୍ଗକାର୍ଡ଼ ବଦଳରେ ସୋସିଆଲ ମିଡିଆ ପ୍ରଚାରପ୍ରସାରର ପ୍ରମୁଖ ମାଧ୍ୟମ ପାଲଟିଛି ।

ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟକୁ ମଣିଷ ତିଆରି କାରଖାନା ଓ ବିଦ୍ୟାର ମନ୍ଦିର ସହ ତୁଳନା କରାଯାଏ । ଏହାକୁ ଗଣତନ୍ତ୍ରର ପ୍ରାଥମିକ ପ୍ରୟୋଗଶାଳା କହିବା ମଧ୍ୟ ଅତ୍ୟୁକ୍ତି ହେବନି । କିନ୍ତୁ ଏହି ପ୍ରୟୋଗଶାଳା ବିଦ୍ୟାମନ୍ଦିର ଯଦି ନିର୍ବାଚନ ନାମରେ ମାତ୍ରାଧିକ ରାଜନୈତିକ ଦଳଙ୍କ ହସ୍ତକ୍ଷେପ, ଅର୍ଥବଳ, ବାହୁବଳ, ହିଂସାର କ୍ଷେତ୍ର ପାଲଟେ ତେବେ ତ କଥା ସରିଲା । ଗୋଷ୍ଠୀ ସଂଘର୍ଷ, ଧମକ, ଅଶାନ୍ତି ବାତାବରଣ ଦିନକୁ ଦିନ ଛାତ୍ର ସମାଜକୁ ଅବକ୍ଷୟମୁଖୀ କରାଉଛି । ବର୍ତ୍ତମାନ ପ୍ରଶ୍ନ ଉଠୁଛି ୨୦୧୭ ଛାତ୍ର ସଂସଦ ନିର୍ବାଚନ ପରେ ୨୦୧୮ ତିତ୍‌ଲି ବାତ୍ୟାକୁ ନେଇ ସରକାର ନିର୍ବାଚନ ବାତିଲ କରିଥିଲେ । ସୁତରାଂ ଏଯାବତ୍ ନିର୍ବାଚନ ହୋଇପାରିନଥିଲା । ହଠାତ୍ ଓଡ଼ିଶା ସରକାରଙ୍କର ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ପତ୍ରସଂଖ୍ୟା ୫୩୨୩୭- ତା-୦୫.୧୦/୨୦୨୬ ରେ ପ୍ରକାଶ ପାଇଥିବା ବିଜ୍ଞପ୍ତିରେ ଚଳିତ ଅକ୍ଟୋବର ୯ ରେ ନାମାଙ୍କନ, ୧୫ ଅକ୍ଟୋବର ସକାଳ ୮ଟାରୁ ଅପରାହ୍ନ ୨ଟା ଯାଏ ଭୋଟ, ଗଣତି ଓ ଫଳାଫଳ ଘୋଷଣା ଏବଂ ୧୬ରେ ଶପଥ ଗ୍ରହଣ କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି । କିନ୍ତୁ ଏବେ ସବୁଠାରୁ ତୀକ୍ଷ୍ଣ ପ୍ରଶ୍ନ ମନକୁ ଆସୁଛି - ଏହି ନିର୍ବାଚନଟି ସମସ୍ତ ରାଜନୈତିକ ଦଳ ନିଜର କଳବଳ ଖର୍ଚ୍ଚ କରି ସବୁବର୍ଗଙ୍କୁ ନିଜ ସପକ୍ଷକୁ ଆଣିବାର ଅଭିସନ୍ଧି ନୁହେଁ ତ? ନିର୍ବାଚନର ନିୟମ ମଧ୍ୟ କଡ଼ା କରାଯାଇଥିବାର ଉପସ୍ଥାପିତ ବିଜ୍ଞପ୍ତି ପଢ଼ିଲେ ଜଣାଯାଏ । ଜଣେ ପ୍ରାର୍ଥୀ ସର୍ବାଧିକ ୫୦୦୦ ଟଙ୍କା ଖର୍ଚ୍ଚ କରିପାରିବେ ଏବଂ ରାଜନୈତିକ ଦଳ କିମ୍ବା ବାହ୍ୟଉତ୍ସରୁ ଅର୍ଥ ନେବା ନିଷିଦ୍ଧ । କିନ୍ତୁ ନିୟମ ନିୟମ ବାଟରେ, ବାସ୍ତବତା ଅଲଗା ଭଳି ମନେହୁଏ । ୧୯୬୪-୬୬ ରେ କୋଠାରି କମିଶନ ଶିକ୍ଷାନୁଷ୍ଠାନକୁ ରାଜନୈତିକ ଦଳ ବା କ୍ଷମତାର ଚାପରୁ ମୁକ୍ତ ରଖିବା ଉପରେ ଗୁରୁତ୍ୱ ଦେଇଥିଲେ । ପରବର୍ତ୍ତୀ ସମୟରେ ଛାତ୍ର ନିର୍ବାଚନରେ ଅର୍ଥବଳ, ଦଳୀୟ ପ୍ରଭାବ ଓ ହିଂସାକୁ ନେଇ ଚିନ୍ତା ବଢ଼ିବା ପରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଜେ.ଏମ୍. ଲିଙ୍ଗଡ଼ୋଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠିତ ହୋଇଥିଲା । ଲିଙ୍ଗଡ଼ୋ କମିଶନଙ୍କ ମୂଳ ଦର୍ଶନ ଥିଲା ସ୍ୱଚ୍ଛ- ଛାତ୍ର ପ୍ରତିନିଧିତ୍ୱ ରହୁ ଓ ନିର୍ବାଚନ ହେଉ; କିନ୍ତୁ ଛାତ୍ର ନିର୍ବାଚନ ଓ ରାଜନୈତିକ ଦଳ ମଧ୍ୟରେ ପ୍ରତ୍ୟକ୍ଷ ସଂଯୋଗ ନରହୁ । କିନ୍ତୁ ତାହା ସମ୍ଭବ ହୋଇପାରିନାହିଁ ।

ବର୍ତ୍ତମାନ ଛାତ୍ର ନିର୍ବାଚନକୁ ନିର୍ବିଘ୍ନରେ ସମାପନ କରିବାକୁ ହେଲେ ସରକାରଙ୍କୁ ବଡ଼ ଆଇନ ଶୃଙ୍ଖଳା ଆହ୍ୱାନର ସମ୍ମୁଖୀନ ହେବାକୁ ପଡ଼ିବ । ପୂର୍ବରୁ ଛାତ୍ର ନିର୍ବାଚନରେ ହିଂସାର ଉଦାହରଣ ଅଛି । ଅଧୁନା ମଧ୍ୟ ଖଲିକୋଟ କଲେଜରେ ଛାତ୍ର ବିଶୃଙ୍ଖଳା ଦେଖିବାକୁ ମିଳିଲାଣି । ବର୍ତ୍ତମାନ ରାଜ୍ୟର ଛାତ୍ର ନିର୍ବାଚନ ୮ ବର୍ଷ ପରେ ହେବାକୁ ଯାଉଛି । ତେଣୁ ବିଭିନ୍ନ ଛାତ୍ର ସଂଗଠନ, ଛାତ୍ରଛାତ୍ରୀ ବିଶେଷ ଭାବରେ ଉତ୍କଣ୍ଠିତ ଓ ଉତ୍ସାହିତ ଅଛନ୍ତି । ପୁଲିସର ଏଠାରେ ବଡ଼ ଆହ୍ୱାନ ହେଉଛି କ୍ୟାମ୍ପସ ପରିବେଶକୁ ଶାନ୍ତ ରଖି ସୁଚାରୁ ଭାବେ ନିର୍ବାଚନ ସମାପନ କରିବା । ନିର୍ବାଚନ ପରବର୍ତ୍ତି ହିଂସାକୁ ମଧ୍ୟ ଏଡ଼ାଇ ଦିଆଯାଇ ନ ପାରେ । କ୍ୟାମ୍ପସ ପରିସରରେ ଯଦିଓ ଲାଉଡ୍‌ସ୍ପିକର, ଚାରିଚକିଆ ଗାଡ଼ି ଓ ପଶୁପକ୍ଷୀଙ୍କୁ ନେଇ ପ୍ରଚାର କରାଯାଇପାରିବ ନାହିଁ; କିନ୍ତୁ କାଗଜରେ ନିୟମ କାଇଦା, କାନୁନ, ବାସ୍ତବରେ କ୍ୟାମ୍ପସରେ କେତେଦୂର କାର୍ଯ୍ୟକାରୀ ହେବ ତାହା ସମୟ କହିବ ।

ଭାରତରେ ଚଳିତବର୍ଷ ଯୁବବର୍ଗଙ୍କ ଅଭ୍ୟୁଦୟ ଗଣତନ୍ତ୍ର ଲାଗି ଶୁଭଙ୍କର । ଜେନ୍ ଜେଡ୍‌ଙ୍କ ଦ୍ୱାରା ବିଭିନ୍ନ ସମୟରେ ଓ ବିଭିନ୍ନ ସ୍ଥାନରେ ହେଉଥିବା ଆନ୍ଦୋଳନରେ ଉପସ୍ଥାପିତ ନିଯୁକ୍ତି, ପରୀକ୍ଷା ପରିଚାଳନା ଓ ପ୍ରଶ୍ନପତ୍ର ତ୍ରୁଟି ଭଳି ପ୍ରସଙ୍ଗ ଜାତୀୟ ରାଜନୀତିକୁ ପ୍ରଭାବିତ କରିଛି । ଏହି ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀଙ୍କ ମନରେ ପ୍ରଶ୍ନ ଆସୁଛି ଯେ ଦୀର୍ଘ ୮ ବର୍ଷ ବ୍ୟବଧାନରେ ହଠାତ୍ କୌଣସି ଖବର ନ ଥାଇ ବିଜ୍ଞପ୍ତି ପ୍ରକାଶ କରିବା କ'ଣ ଜେଡ୍ ଜେଡ୍‌ଙ୍କର ବଢୁଥିବା ସଚେତନତାର ପ୍ରଭାବ? ନା ଯୁବବର୍ଗଙ୍କୁ ସରକାର ନିଜ ଆଡ଼କୁ ଆକର୍ଷିତ କରିବାର କୌଶଳ? ସରକାର କ୍ୟାମ୍ପସରେ ଗଣତନ୍ତ୍ରକୁ ପୁନଃସ୍ଥାପିତ କରିବାର ପ୍ରୟାସ କରିଛନ୍ତି? ଏହାର ଉତ୍ତର ଏବେଠାରୁ ଦେବା ଉଚିତ ନୁହେଁ । କାରଣ ଛାତ୍ରସଂସଦ ନିର୍ବାଚନ ଦାବି ନୁହେଁ, ନିର୍ବାଚନ ପୁନଃଆରମ୍ଭ ପାଇଁ ସବୁ ଛାତ୍ର ସଂଗଠନମାନେ ପୂର୍ବରୁ ମଧ୍ୟ ନିଜର ଦାବି ଉପସ୍ଥାପିତ କରିଆସୁଥିଲେ । ଛାତ୍ରଛାତ୍ରୀମାନଙ୍କୁ ଗଣତନ୍ତ୍ର ବିଷୟରେ ସଚେତନ କରାଇବା ଏବଂ ରାଜନୀତିକରଣ ଏକା କଥା ନୁହେଁ । କ୍ୟାମ୍ପସ ରାଜନୀତି ନେତୃତ୍ୱ ତିଆରିର ଏକ ଐତିହାସିକ ମଞ୍ଚ କହିଲେ ଅତ୍ୟୁକ୍ତି ହେବନି ।

ଇତିହାସ କହେ; କ୍ୟାମ୍ପସର ଛୋଟ ନିର୍ବାଚନୀ ମଞ୍ଚ ଭବିଷ୍ୟତର ବଡ଼ ରାଜନୈତିକ ନେତୃତ୍ୱର ଏନ୍ତୁଡ଼ିଶାଳ ପାଲଟିଛି । ଆମ ରାଜ୍ୟରେ ଛାତ୍ର ନିର୍ବାଚନରୁ ଆସିଥିବା ନେତାଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ତଥା ନୟାଗଡ଼ ବିଧାୟକ ଡ. ଅରୁଣ ସାହୁ, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ପୂର୍ବତନ ବାଚସ୍ପତି, ମନ୍ତ୍ରୀ, ବର୍ତ୍ତମାନର ବିଧାୟିକା ଶ୍ରୀମତୀ ପ୍ରମିଳା ମଲ୍ଲିକ ପ୍ରମୁଖ ଅଗ୍ରଗଣ୍ୟ ଓ ଛାତ୍ରସମାଜ ପାଇଁ ପ୍ରେରଣା । କିନ୍ତୁ ବିଗତ କେତେବର୍ଷ ହେବ ଏହା ସମ୍ଭବ ହେଉନାହିଁ । ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରୁ ନିର୍ବାଚିତ ଛାତ୍ରନେତାମାନେ ଭବିଷ୍ୟତରେ ନିଜର ପେଟ ପାଟଣା ଲାଗି ଚାକିରି ଅନ୍ୱେଷଣ ହେଉ କିମ୍ବା ଅନେକ ପାରିପାର୍ଶ୍ୱିକ ପ୍ରତିକୂଳତା ସେମାନଙ୍କୁ ପ୍ରତ୍ୟକ୍ଷ ରାଜନୀତିରୁ ଦୂରେଇ ଯିବାକୁ ବାଧ କରୁଛି । ଓଡ଼ିଶାର ପ୍ରବାଦ ପୁରୁଷ ଜନନାୟକ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଉକ୍ତି ଏହି ମର୍ମରେ ବିଶେଷ ଭାବେ ଗ୍ରହଣୀୟ । ସେ କହିଥିଲେ, 'ଷ୍ଟୁଡେଣ୍ଟସ୍ କ୍ୟାନ୍ ଡୁ ନୋ ରଙ୍ଗ' । ଯାହା ସେ ସମୟଠୁ ଆଜିଯାଏଁ ଛାତ୍ର ଓ ଯୁବଶକ୍ତି ପ୍ରତି ଥିବା ଗଭୀର ବିଶ୍ୱାସକୁ ପ୍ରକାଶ କରେ ଏବଂ ଯୁବବର୍ଗଙ୍କୁ ପ୍ରେରଣା ପ୍ରଦାନ କରେ । ତାଙ୍କର ଯୁବପିଢ଼ି ସମ୍ପର୍କିତ ଆଉ ଏକ ବିଶେଷ ବ୍ୟକ୍ତବ୍ୟ ଥିଲା ଯେ 'ଏକବିଂଶ ଶତାବ୍ଦୀର ଯୁବକ-ଯୁବତୀ ରାଜ୍ୟର ସ୍ୱାର୍ଥକୁ ନିଜର ସ୍ୱାର୍ଥଠାରୁ ଆଗରେ ରଖନ୍ତୁ । ନିଜ ଉପରେ ଆଶା ରଖନ୍ତୁ ଏବଂ ନିଜର ବୁଦ୍ଧି, ପ୍ରତିଭା ଓ ସାମର୍ଥ୍ୟରେ କଳିଙ୍ଗର ଗୌରବକୁ ପୁନଃ ପ୍ରତିଷ୍ଠା କରନ୍ତୁ, ଯଦ୍ୱାରା ଯୁବବର୍ଗଙ୍କ ଶକ୍ତିରେ କଳିଙ୍ଗ ପୁଣି ଶକ୍ତିଶାଳୀ ହେବ ।'

ସେହି କେଇ ପଦ ମୂଲ୍ୟବାନ କଥା ଆଜି ମଧ୍ୟ ପ୍ରାସଙ୍ଗିକତା ବହନ କରେ । ଅଧୁନା ଯୁବବର୍ଗ ରାଜନୀତି କରନ୍ତୁ, କିନ୍ତ' ଶିକ୍ଷା ବା ଯୁବବର୍ଗଙ୍କ ମାନସିକତାକୁ ଗ୍ରାସ ନ କରୁ, ପ୍ରତିବାଦ ରହୁ ହିଂସା ନ ରହୁ । ଏସନ ଛାତ୍ର ସଂସଦ ନିର୍ବାଚନ ଶୃଙ୍ଖଳିତ ଭାବେ ସମାପନ ହୋଇ ଏକ ଜ୍ୱଳନ୍ତ ଉଦାହରଣ ସୃଷ୍ଟି କରୁ, ଯଦ୍ୱାରା ପିତାମାତାମାନେ ନିଜ ସନ୍ତାନସନ୍ତତିଙ୍କୁ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ରାଜନୀତିକୁ ଦୂରେଇ ରହିବାକୁ ପରାମର୍ଶ ନଦେଇ ବରଂ ପ୍ରେରଣା ପ୍ରଦାନ କରିବେ । ଯଦ୍ୱାରା ଏକ ସ୍ୱତନ୍ତ୍ର ଯୁଗର ଆବାହନ କରିବେ । ଯୁବବର୍ଗଙ୍କ ବହୁଦିନର ସ୍ୱପ୍ନପୂର୍ବକ ଦାବି ଓ ମୂଳ ଲକ୍ଷ୍ୟ ପ୍ରତିପାଦିତ ହେବ ।

ସମାଜ ଓ ସମୟ ଆହ୍ୱାନ କରେ ଛାତ୍ର ସମାଜ ଆଗାମୀ ଦିନର ଦାୟିତ୍ୱବାନ ହେବା ଦରକାର । ବାଲାଟ୍‌ରୁ ବିଜେତା ହୋଇ ମଧ୍ୟ ପରବର୍ତ୍ତୀ ସମୟରେ ସମାଜର ରକ୍ଷାକବଚ ସଦୃଶ ଏକ ସୁସ୍ଥ ଗଣତନ୍ତ୍ରର ପରମ୍ପରା ସୃଷ୍ଟି କରନ୍ତୁ । ଚଳିତ ଛାତ୍ରସଂସଦର ନିର୍ବାଚନ ବିଜୟ ନିଜର ପ୍ରାର୍ଥିତ୍ୱର ବିଜୟ ନ ହୋଇ ଛାତ୍ରଛାତ୍ରୀଙ୍କର ସ୍ୱର ଓ ଦାବିର ବିଜୟ ହେଉ । ଛାତ୍ର ସଂସଦ ନିର୍ବାଚନ ବିଶ୍ୱକୁ ଏକ ବିଶାଳ ବାର୍ତ୍ତା ବହନପୂର୍ବକ ଯୁଗଯୁଗକୁ କୀର୍ତ୍ତି, ଯଶ, ଗୌରବରେ ମହିମା ମଣ୍ଡିତ କରୁ । ସ୍ୱାମୀ ବିବେକାନନ୍ଦଙ୍କର ଯୁବକଙ୍କ ପ୍ରତି ଥିବା ଉକ୍ତି ଏଠାରେ ପ୍ରଣିଧାନଯୋଗ୍ୟ । ଯୁବକମାନେ ସମାଜର ଉଦିତ ସୂର୍ଯ୍ୟ ଓ ମେରୁଦଣ୍ଡ । ଅତଏବ ଏହି ମର୍ମକୁ ବିବେଚନା କରି ଛାତ୍ରଛାତ୍ରୀମାନେ ଆଗାମୀ ଦିନର ରାଜ୍ୟ ଓ ରାଷ୍ଟ୍ରର ବିଧାଣୀ ହେବେ ନିଶ୍ଚୟ ।

ଭୁବନେଶ୍ୱର, ମୋ: ୯୯୩୭୭୮୧୦୧୨

# ଶାସନ-ସଂସ୍କୃତିରେ ପରିବର୍ତ୍ତନ କେବେ?

**ପ୍ରଦ୍ୟୁମ୍ନ କିଶୋର ମିଶ୍ର**

ପ୍ରତ୍ୟେକ ନିର୍ବାଚନ ପୂର୍ବରୁ ସ୍ୱଚ୍ଛ ଶାସନ, ଅବାସ୍ତବ ଯୋଜନାର ଘୋଷଣା ଏବଂ ଅନେକଗୁଡ଼ିଏ ମିଛ ପ୍ରତିଶ୍ରୁତି ଆମେ ଶୁଣି ଶୁଣି ଆସୁଛେ । ପ୍ରତ୍ୟେକ ନୂତନ ସରକାର ପ୍ରଚଳିତ ଶାସନ ବ୍ୟବସ୍ଥାରେ ସଂସ୍କାର ଆଣିବାର ଘୋଷଣା କରୁଛନ୍ତି ଏବଂ ନାଗରିକମାନଙ୍କୁ ଆଶ୍ୱାସନା ଦେଉଛନ୍ତି ଯେ ଦୁର୍ନୀତିର ମୂଳୋତ୍ପାଟନ କରାଯିବ । ସରକାର ପରିବର୍ତ୍ତନ, ସ୍ଲୋଗାନ ପରିବର୍ତ୍ତନ ଏବଂ ନୀତି ପରିବର୍ତ୍ତନ ସତ୍ତ୍ୱେ ସାଧାରଣ ନାଗରିକ ପ୍ରାୟତଃ ସମାନ ପ୍ରଶ୍ନ ପଚାରନ୍ତି - ପ୍ରକୃତରେ କିଛି ପରିବର୍ତ୍ତନ ହୋଇଛି କି? ଆମେ ତ ଯେମିତି ଥିଲେ ସେମିତି ଅଛେ, ବରଂ ବ୍ୟବସ୍ଥା ବେଳକୁ ବେଳ ଖରାପ ଆଡ଼କୁ ଯାଉଛି । ସୁଧୁରିବାର ଆଶା ନାହିଁ । ତେବେ ଭୁଲ୍ ରହୁଛି କେଉଁଠି କେବେ ସୁଧୁରିବ ଏ ଅବସ୍ଥା ଓ ବ୍ୟବସ୍ଥା?

ଏକଥା ସତ ଯେ ଆମ ଦେଶ ପ୍ରଯୁକ୍ତିବିଦ୍ୟା, ଭିତ୍ତିଭୂମି ଓ ଆର୍ଥିକ ବିକାଶରେ ଉଲ୍ଲେଖନୀୟ ଅଗ୍ରଗତି କରିଛି । ସରକାରୀ ସେବାଗୁଡ଼ିକ କ୍ରମଶଃ ଅନଲାଇନ୍ ହୋଇଛି ଏବଂ ଅନେକ ପ୍ରକ୍ରିୟା ଡିଜିଟାଲ୍ ହୋଇଛି । ତଥାପି ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ଆମର ଚିରାଚରିତ ପ୍ରଶାସନିକ ସ୍ତରରେ ମାନସିକତାକୁ ପରିବର୍ତ୍ତନ କରିନାହିଁ । ଆଗରୁ ଯାହାଥିଲା, ଏବେ ତାହା ହିଁ ଅଛି । ଅନେକ ସ୍ଥାନରେ ବିକାଶମୂଳକ କାର୍ଯ୍ୟରେ ବିଳମ୍ବ, ପକ୍ଷପାତିତା, ନିୟମର ଉଲ୍ଲଂଘନ, ହେରଫେର ଏବଂ କ୍ଷମତାର ଅପବ୍ୟବହାର କୋଟି କୋଟି ସାଧାରଣ ନାଗରିକଙ୍କୁ ହତାଶ କରିଚାଲିଛି । ଏହି ହତାଶା ଆମର ଦେହସୁହା ହୋଇଗଲାଣି । ଆମ ଶାସନଗତ ଢାଞ୍ଚାରେ କୌଣସି ପରିବର୍ତ୍ତନର ସମ୍ଭାବନା ହିଁ ନାହିଁ । ଗଭର୍ଣାନ୍ସର କୌଣସି ମଡେଲ ଠିକ୍ ଭାବେ କାମ କରୁନାହିଁ । କୌଣସି ସରକାରୀ ଯୋଜନା ସଠିକ ଭାବେ କାର୍ଯ୍ୟକାରୀ ହେଉ ନାହିଁ । ଅନେକ ଯୋଜନା ଆଜି ବାଟବଣା ।

ସବୁଠାରୁ ଯନ୍ତ୍ରଣାଦାୟକ ବାସ୍ତବତା ହେଉଛି ଯେ ଲାଞ୍ଚ ସଂସ୍କୃତି ବା ପିସି କାରବାର ଏପର୍ଯ୍ୟନ୍ତ ଲୋପ ପାଇନାହିଁ । ନାଗରିକମାନେ ବିଶ୍ୱାସ କରନ୍ତି ଯେ ବୈଧ କାର୍ଯ୍ୟ ଯୋଗ୍ୟତା ଅପେକ୍ଷା ରାଜନୈତିକ ପ୍ରଭାବ କିମ୍ବା ଅବୈଧ ଦେୟ ମାଧ୍ୟମରେ ଦ୍ରୁତବେଗରେ ଗତି କରେ । ରାଜନେତା ଓ ଧନଶାଳୀ ବ୍ୟକ୍ତିଙ୍କ ହାତମୁଠାରେ ସବୁକିଛି ରହିଛି । ତେଣୁ ଏବେ ଆମେ ସଚ୍ଚୋଟତାକୁ ଏକ ଅସୁବିଧା ବା ଆମର ଦୁର୍ଭାଗ୍ୟ ବୋଲି ଭାବିବା ଆରମ୍ଭ କଲେଣି । ଶାସନତନ୍ତ୍ର ଉପରୁ ଆମେ ଭରସା ଓ ବିଶ୍ୱସନୀୟତା ତୁଟି ଗଲାଣି । ନିଯୁକ୍ତି ଅନିୟମିତତା, ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍, ଅତି ବେପରୁଆ ଭାବରେ ସ୍କୁଲ ପିଲାଙ୍କୁ ପୁଳା ପୁଳା ଭୁଲ୍ ଥିବା ବହି ଯୋଗାଇବା, ଜାଲ୍ ଡକ୍ୟୁମେଣ୍ଟରେ ଚାକିରି କରିବା, ଅନ୍ୟର ସମ୍ପତ୍ତି ବା ସରକାରୀ ଅର୍ଥ ହଡ଼ପ କରିବା, ଜମି ଜାଲିଆତି ଓ ସାଇବର୍ ଅପରାଧ ଇତ୍ୟାଦି ସହିତ ଜଡ଼ିତ ଘଟଣାଗୁଡ଼ିକ ପ୍ରତିଦିନ ନଜରକୁ ଆସୁଛି ।

ସରକାରରେ ଯେଉଁ ଦଳ ଥାଉ ନା କାହିଁକି ଶାସନ ପ୍ରଣାଳୀରେ କିଛି ପରିବର୍ତ୍ତନ ନାହିଁ । ପ୍ରତ୍ୟେକ ଘୋଟାଲାରେ ଆମକୁ କଠୋର କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ମିଳୁଛି । କିନ୍ତୁ ସମାନ ମାମଲା ବାରମ୍ବାର ଘଟୁଛି । ଏହି ବାରମ୍ବାର ଘଟୁଥିବା ଚକ୍ର ଆଉ 'ଦୁର୍ନୀତି' ବୋଲି ବିବେଚିତ ହେଉନାହିଁ । ବର୍ତ୍ତମାନ ଲାଞ୍ଚ ନେବାର ଏକ ଧାରା ବା ପ୍ରଥା, ସବୁଥିରେ ରାଜନୈତିକ ପ୍ରଭାବ ଏବଂ ପଦ ପଦବୀର ଅପବ୍ୟବହାର ଏକ 'ସାଧାରଣ' କଥା ହୋଇଗଲାଣି । ଏପରି ଅବସ୍ଥାରେ ଅଳ୍ପ କେତେଜଣ ସଚ୍ଚୋଟ ଅଧିକାରୀ ନିରୁତ୍ସାହିତ ହୋଇ ନିଜ ଭାଗ୍ୟକୁ ନିନ୍ଦା କରିବା ସ୍ୱାଭାବିକ । ଏହାର ଅର୍ଥ ନୁହେଁ ଯେ ପ୍ରତ୍ୟେକ ଅଧିକାରୀ କିମ୍ବା ପ୍ରତ୍ୟେକ ରାଜନୈତିକ ନେତା ଅନୀତି ଓ ଦୁର୍ନୀତିରେ ଲିପ୍ତ । ଅନେକ ଲୋକ ନିଷ୍ଠାର ସହିତ ଦେଶ ସେବା ବା ଦେଶହିତ ପାଇଁ କାମ କରୁଛନ୍ତି ଏବଂ ସେମାନେ ପ୍ରଶଂସା, ସମ୍ମାନ ପାଇବାକୁ ଯୋଗ୍ୟ । କିନ୍ତୁ ସେମାନଙ୍କର ସଂଖ୍ୟା ଖୁବ୍ କମ୍, ଏତେ କମ୍ ଯେ ବର୍ତ୍ତମାନ ସମୟରେ ଖୋଜିଲେ ମିଳିବା କଷ୍ଟସାଧ୍ୟ ।

ଆମକୁ ଆଉ ଅଧିକ 'ସ୍ଲୋଗାନ'ର ଆବଶ୍ୟକତା ନାହିଁ; ଫମ୍ପା ପ୍ରତିଶ୍ରୁତି ସ୍ଲୋଗାନ ଶୁଣି ଶୁଣି ଆମେ ବଧିର ପାଲଟି ଗଲେଣି । ଆମକୁ ଏକ ଶକ୍ତିଶାଳୀ, ପ୍ରଭାବଶାଳୀ, ସଂସ୍କାରସମ୍ପନ୍ନ ଶାସନ ବ୍ୟବସ୍ଥା ଆବଶ୍ୟକ । ଆଇନ୍ କାନୁନ୍, ନୀତିନିୟମ ସମସ୍ତଙ୍କ ପାଇଁ ସମାନ ଭାବରେ ପ୍ରୟୋଗ ହେବା ଉଚିତ । ନ୍ୟାୟିକ ବ୍ୟବସ୍ଥାରେ ତ୍ୱରିତ ବିଚାର ସହ ପ୍ରମାଣିତ ଦୁର୍ନୀତିରେ ସଂପୃକ୍ତ ବ୍ୟକ୍ତିବିଶେଷ ଦଳ, ମତ, ଧନୀ, ଗରିବ ନିର୍ବିଶେଷରେ ଶୀଘ୍ର ଦଣ୍ଡ ପାଇବା ଉଚିତ । ଏଥିପାଇଁ ସଚ୍ଚୋଟ ଅଧିକାରୀମାନଙ୍କୁ ସୁରକ୍ଷା ଯୋଗାଇଦେବା ସହ ଲାଞ୍ଚ ବ୍ୟବସ୍ଥାକୁ ଦୃଢ଼ ଭାବେ ସବୁ ଜାଗାରୁ ହଟାଇଦେବା ଜରୁରୀ । ଯଦି କୌଣସି ଅଫିସ୍‌ରେ ଗୋଟିଏ ଟେବୁଲ୍‌ରୁ ଫାଇଲ୍‌ଟିଏ ଆଉ ଗୋଟିଏ ଟେବୁଲ୍‌କୁ ଯିବ କି ନ ଯିବ ତାହା ଟଙ୍କା ଦ୍ୱାରା ସ୍ଥିର କରାଯିବ, ତେବେ ଆମ ଶାସନ ବ୍ୟବସ୍ଥାରେ ସ୍ୱଚ୍ଛତା ଆସିବ କୁଆଡ଼ୁ?

ନିର୍ବାଚନ ପ୍ରକ୍ରିୟାରେ ସରକାର ପରିବର୍ତ୍ତନ ହେଉଛି ଓ ହେବ । କିନ୍ତୁ ବାସ୍ତବରେ ଶାସନ ସଂସ୍କୃତିରେ କେବେ ପରିବର୍ତ୍ତନ ଆସିବ? ଏକ ରାଷ୍ଟ୍ର କେବଳ ନୂଆ ରାଜପଥ, ବଡ଼ ଅଟ୍ଟାଳିକା ନିର୍ମାଣ କରିଦେଲେ କିମ୍ବା ଡିଜିଟାଲ୍ ପ୍ଲାଟଫର୍ମ ପ୍ରଚଳନ କଲେ ପ୍ରକୃତରେ ଶକ୍ତିଶାଳୀ ହୁଏ ନାହିଁ, ବରଂ ଯେତେବେଳେ ପ୍ରତ୍ୟେକ ନାଗରିକ ଆତ୍ମବିଶ୍ୱାସର ସହିତ ଯେକୌଣସି ସରକାରୀ କାର୍ଯ୍ୟାଳୟରେ ପ୍ରବେଶ କରିପାରିବେ, ନ୍ୟାୟ ପାଇ ପାରିବେ, ବିନା ଲାଞ୍ଚ, ବିନା ଅନୈତିକ ପ୍ରଭାବରେ ନିଜର ହକ୍ ପାଇ ପାରିବେ ସେତେବେଳେ ଆମେ ବୁଝିବା ଯେ ରାଷ୍ଟ୍ରର ବିକାଶ ଠିକ୍ ଦିଗରେ ଯାଉଛି । ଆମର ବ୍ୟକ୍ତିଗତ ମାନସିକତା ପରିବର୍ତ୍ତନ ହେଲେ ଆପେଆପେ ଏହା ଆମର ଜାତୀୟ ନୀତିକୁ ଏବଂ ସମଗ୍ର ଜନଜୀବନକୁ ପ୍ରଭାବିତ କରି ଆମ ଦେଶକୁ ବିକାଶର ବାସ୍ତବ ରାସ୍ତାରେ ଆଗେଇ ନେଇପାରିବ ।

(ଇଣ୍ଡିଗୋ କଲେଜ୍)
କଟକ, ମୋ: ୭୩୭୧୫୫୨୮୬୬

# ଦୟଣା ଚୋରି (ଦ୍ୱିତୀୟ ଭାଗ)

## ଲୋକକଥାରେ ଲୋକଦେବତା

**ସ୍ୱପ୍ନେଶ୍ୱର**

*(ଗତ ୨୩, ସେପ୍ଟେମ୍ବରରେ ପ୍ରଥମ ଭାଗ ପ୍ରକାଶିତ)*

ଛିନ୍ନହସ୍ତ ହେବାପରେ ରାଜା ମହାପ୍ରଭୁଙ୍କର ପ୍ରଥମ ସେବକରୂପେ ସେବା କରିବାର ଯୋଗ୍ୟତା ହରେଇ ବସିଲେ । ତେଣୁ ତାଙ୍କ ମନରେ ପ୍ରବଳ ଦୁଃଖ ଓ ଅବସୋସ ଥିଲା । ଯେଉଁ ମହାପ୍ରଭୁଙ୍କୁ ଅବମାନନା କରିଥିବାରୁ ପ୍ରାୟଶ୍ଚିତ ରୂପେ ସେ ନିଜର ହାତ କାଟିଦେଲେ, ପରିଣାମ ସ୍ୱରୂପ ତାଙ୍କୁ ତାଙ୍କରି ସେବା ପ୍ରାପ୍ତ ହେଲା ନାହିଁ । ଦିନେ ରାଜା ବଗିଚାରେ ବୁଲୁଥିବା ବେଳେ ସେ ଗୁଳ୍ମର ସୁଗନ୍ଧିରେ ଆକର୍ଷିତ ହୋଇ ଗଛଟିର ପାଖକୁ ଗଲେ ଏବଂ ମାଳିକୁ ଡାକି ତା'ର ନାଆଁ ପଚାରିଲେ । ମାଳି ଆଗରୁ କେବେ ସେ ଗଛ ଦେଖି ନ ଥିବାରୁ ନାଆଁ କହିପାରିଲା ନାହିଁ । କିନ୍ତୁ ରାଜା ସେ ଗଛର ପତ୍ରର ସୁଗନ୍ଧିରେ ଏତେ ବିମୋହିତ ହୋଇ ଯାଇଥିଲେ ଯେ ତା'ର ପତ୍ରକୁ ମହାପ୍ରଭୁଙ୍କୁ ଲାଗି କରାଇବା ପାଇଁ ଆଦେଶ ଦେଲେ । କିନ୍ତୁ ଅଜଣା ଗଛର ପତ୍ର ଠାକୁରଙ୍କୁ ଲାଗି କରିବା ଶାସ୍ତ୍ରବିରୁଦ୍ଧ ବୋଲି ବଡ଼ପଣ୍ଡା କହିବାରୁ ପତ୍ରଲାଗି କରା ଯାଇପାରିଲା ନାହିଁ ।

ମହାପ୍ରଭୁ ଅନ୍ତର୍ଯାମୀ । ଭକ୍ତର ମନୋବାଞ୍ଛା ଜାଣିପାରିଲେ । ତେଣୁ ସେ ରାତିରେ ସେ ଗଛର ପତ୍ର ଚୋରି କରି ତା'ର ସୁଗନ୍ଧି ଉପଭୋଗ କରିବାକୁ ଲାଗିଲେ । ରାଜା ବଗିଚାକୁ ବୁଲି ଗଲା ବେଳେ ଦେଖିଲେ ଯେ ଗଛର ପତ୍ର ଛିଣ୍ଡେଇ କେହି ନେଇ ଯାଉଛନ୍ତି । ରାଜା ମାଳିକୁ ଗାଳି ଦେଇ ତାଗିଦା କଲେ । ଏଣିକି ପତ୍ର ଚୋରି ହେଲେ କଠିନ ଦଣ୍ଡ ଦିଆଯିବ ବୋଲି କହିଲେ । ସେ ଦିନ ରାତିସାରା ମାଳି ଗଛକୁ ଜଗି ବସିଲା । ତା' ସତ୍ତ୍ୱେ ସକାଳକୁ ଦେଖିଲା ବେଳକୁ ପତ୍ର ଚୋରି ହୋଇଯାଇଥିଲା । କର୍ତ୍ତବ୍ୟରେ ଅବହେଳା କରିଥିବାରୁ ରାଜା କ୍ରୋଧିତ ହୋଇ ମାଳିକୁ କାରାଗାରରେ ବନ୍ଦୀ କଲେ । ମାଳି ମଧ୍ୟ ମହାପ୍ରଭୁଙ୍କର ଜଣେ ଭକ୍ତ ଥିଲା । ପ୍ରତିଦିନ ଯତ୍ନର ସହ ମାଳଟିଏ ଗୁନ୍ଥି ମହାପ୍ରଭୁଙ୍କ ପାଖକୁ ଯାଉଥିଲା । ସେ ସହାୟତା ମାଗି ମହାପ୍ରଭୁଙ୍କୁ ପ୍ରାର୍ଥନା କଲା । ଭକ୍ତବତ୍ସଳ ମହାପ୍ରଭୁ ତା'ର ଡାକ ଶୁଣିଲେ । ସେ ରାଜାଙ୍କୁ ସ୍ୱପ୍ନରେ ଦର୍ଶନ ଦେଇ କହିଲେ- 'ରାଉତ! ସେ ଗଛର ପତ୍ରର ସୁଗନ୍ଧିରେ ମୁଗ୍ଧ ହୋଇ ମୁଁ ତା'ର ପତ୍ର ଚୋରି କରିଛି । ସେଥିରେ ମାଳିର କିଛି ଦୋଷ ନାହିଁ । ତା'କୁ କାରାମୁକ୍ତ କର । ଅଜଣା ଗଛ ବୋଲି ସେ ଗଛର ପତ୍ର ମୋତେ ସମର୍ପଣ କରା ଯାଉନାହିଁ । ସେ ଗଛର ନାମ ଦୟଣା । ତୋର କଟା ହାତରୁ ସେ ଗଛର ସୃଷ୍ଟି ଏବଂ ମୋ ପ୍ରତି ତୋର ଭକ୍ତି ତା'ର ସୁଗନ୍ଧିରେ ପରିଣତ ହୋଇଛି । ଆଜି ଚୈତ୍ର ମାସ ଶୁକ୍ଳ ଚତୁର୍ଦ୍ଦଶୀ । ଏହି ତିଥିରେ ସବୁ ବର୍ଷ ମୋ ମନ୍ଦିରରେ 'ଦୟଣା ଚୋରି' ଉତ୍ସବ ପାଳନ କରାଯିବ । ଫୁଲତୁଳସୀ ସହ ତା'ର ପତ୍ର ମୋ ଠାରେ ନିୟମିତ ଲାଗୁ କରାଯିବ । ମୋର ଆଦେଶରେ ତୋର କଟା ହାତ କଅଁଳିବ ଏବଂ ତୁ ପୁଣି ମୋ ସେବାର ଯୋଗ୍ୟତା ହାସଲ କରିବୁ ।'

ରାଜା ଉଠି ବସିଦେଖିଲେ ଯେ ତାଙ୍କର କଟା ହାତ କଅଁଳି ଯାଇଥିଲା । ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ସାଷ୍ଟାଙ୍ଗ ପ୍ରଣିପାତ କଲେ ।

- 'ଯେଉଁ କଥା ପାଇଁ ସନ୍ଦେହ ତୋ ମନେ ଶୁଣ ତାହାର ଇତିହାସ, ତୋ ନିଷ୍ଠା ନିର୍ମଳ ଭକତିରୁ ସେହି ଗୁଳ୍ମ ହୋଇଅଛି ବିକାଶ / ତୋ ଛିଦ୍ର କରୁ ତାହାର ଉତପତି ବିଶାଦ ମନେ ଛିନ୍ନ ହସ୍ତ ନେଇଣ, ଉଦ୍ୟାନେ ପୋତିଥିଲେ ମନ୍ତ୍ରୀ ସେ ଗୁଳ୍ମର ନାମ ଅଟଇ ଦୟଣା / ତହିଁରେ ଆମ୍ଭ ଶ୍ରଦ୍ଧା ଅତି ଅଚିହ୍ନା ଦ୍ରବ୍ୟ ବୋଲି ତୋଳି ନ ଦେଲୁ, ତେଣୁ ବଳିଲା ଆମ୍ଭ ମତି / ଉଦ୍ୟାନୁ ଆମ୍ଭେ ନେଉଛୁ ଚୋରୀ କରି ମାଳିକୁ କହ ତୋଳି ନେଉ ଯତନେ ମନ୍ଦିରେ ଦୟଣା ମଂଜରୀ / ତୋ ଛିଦ୍ର କର କଅଁଳି ପୂର୍ବଭଳି ରହିଛି ଚେତି ଦେଖ ତୁହି, ମଧୁ ଶୁକ୍ଳ ଚତୁର୍ଦ୍ଦଶୀ କାଲି ହେବ ଦୟଣା ଲାଗି ହେବି ମୁହିଁ / ମୋ ବାନା ଅଟଇ ଭକତବତ୍ସଳ, ମନ୍ଦିରେ ରଖ ଦୟଣା ଚୋରୀ ବିଧି ଦେଖୁଥାନ୍ତୁ ଜନ ସକଳ ।' (ସମାପ୍ତ)

(ଆଧାର: ନୀଳଚଳ ମାଧୁରୀ: ଚନ୍ଦ୍ର ଶେଖର ପଟ୍ଟନାୟକ)

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ । ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ । ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର । ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

**ଚାମେଲି ମାମଲାରେ ଏନ୍‌ଏଚ୍‌ଆର୍‌ସି ତଦନ୍ତ**

# ପୂର୍ବତନ ଆଇଆଇସି, ବିଡିଓଙ୍କ ସମେତ ୫ ଜଣଙ୍କୁ ଜେରା

କେନ୍ଦ୍ରାପଡ଼ା/ମହାକାଳପଡ଼ା,୬।୧୦(ସମିସ): ମହାକାଳପଡ଼ା ବ୍ଲକ୍ ତିଖିରୀ ପଞ୍ଚାୟତର ସରପଞ୍ଚ ଚାମେଲି ଓଝାଙ୍କୁ ଦୁର୍ବ୍ୟବହାର ଓ ନିର୍ଯାତନା ଅଭିଯୋଗ ମାମଲାରେ ଜାତୀୟ ମାନବାଧିକାର କମିସନ (ଏନ୍‌ଏଚ୍‌ଆର୍‌ସି)ର ତଦନ୍ତ ଆରମ୍ଭ ହୋଇଛି। କମିସନ୍‌ଙ୍କ ପକ୍ଷରୁ ନିଯୁକ୍ତ ତିନିଜଣିଆ ତଦନ୍ତକାରୀ ଦଳ ମଙ୍ଗଳବାର ମହାକାଳପଡ଼ା ଥାନା, ବ୍ଲକ୍ କାର୍ଯ୍ୟାଳୟ ଓ ତିଖିରୀସ୍ଥ ଚାମେଲିଙ୍କ ବାସଭବନରେ ପହଞ୍ଚି ଘଟଣା ସମ୍ପର୍କରେ ବିଭିନ୍ନ ପକ୍ଷଙ୍କୁ ପଚରାଉଚରା କରିଛନ୍ତି। ତଦନ୍ତକାରୀ ଦଳ ପ୍ରଥମେ ମହାକାଳପଡ଼ା ଥାନାରେ ପହଞ୍ଚି ଘଟଣା ସମୟରେ ଦାୟିତ୍ୱରେ ଥିବା ତତ୍କାଳୀନ ଆଇଆଇସି ମାନସ ମଲ୍ଲିକ, ଏସ୍‌ଆଇ ପ୍ରଭାସିନୀ ବିଶ୍ୱାଳ ଓ ଦୁଇ ଏଏସ୍‌ଆଇଙ୍କୁ ଜେରା କରିଥିଲେ। ପରେ ମହାକାଳପଡ଼ା ବ୍ଲକ୍ କାର୍ଯ୍ୟାଳୟକୁ ଯାଇ ବିଡିଓ ରବିନାରାୟଣ ଆଚାର୍ଯ୍ୟଙ୍କୁ ମଧ୍ୟ ଘଟଣା ସମ୍ପର୍କରେ ପଚରାଉଚରା କରାଯାଇଥିଲା। ପ୍ରାୟ ସାଢ଼େ ୪ଟା ପର୍ଯ୍ୟନ୍ତ ଥାନାରେ ତଦନ୍ତ ଚାଲିଥିବା ଜଣାପଡ଼ିଛି।

ଗତ ଜୁନ୍ ୧୧ ତାରିଖରେ ତିଖିରୀ ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାମ ସମ୍ପର୍କରେ ଆଲୋଚନା ପାଇଁ ଚାମେଲି ବ୍ଲକ୍ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ବିଡିଓଙ୍କ ଉପସ୍ଥିତିରେ ତାଙ୍କୁ ଦୁର୍ବ୍ୟବହାର ଓ ଅଶାଳୀନ ଭାଷାରେ ଗାଳିଗୁଲଜ କରାଯାଇଥିବା ସେ ଅଭିଯୋଗ କରିଥିଲେ। ପରେ ପୁଲିସ ତାଙ୍କୁ



ବିନା ଏତଲାରେ ଥାନାକୁ ନେବା ସମୟରେ ଗାଡ଼ି ଭିତରେ ମାରପିଟ୍ ଓ ନିର୍ଯାତନା ଦେଇଥିବା ମଧ୍ୟ ଚାମେଲି ଅଭିଯୋଗରେ ଦର୍ଶାଇଥିଲେ। ଘଟଣାକୁ ନେଇ ମହାକାଳପଡ଼ା ଥାନାରେ ୧୭୦, ୧୭୧ ଓ ୧୭୨ ନମ୍ବରରେ ତିନୋଟି ପୃଥକ ମାମଲା ରୁଜୁ ହୋଇଥିଲା। ଚାମେଲିଙ୍କ ଅଭିଯୋଗ ଆଧାରରେ ୭ରୁ ଅଧିକ ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲେ ମଧ୍ୟ ତତ୍କାଳୀନ ଆଇଆଇସି ଓ ବିଡିଓଙ୍କ ନାମ ମାମଲାରୁ ବାଦ ଦିଆଯାଇଥିବା ନେଇ ମଧ୍ୟ ପ୍ରଶ୍ନ ଉଠିଥିଲା। ଏହି ଘଟଣାକୁ ନେଇ ସାମାଜିକ କର୍ମୀ ମନୋଜ ଜେନାଙ୍କ ପକ୍ଷରୁ ଜୁନ୍ ୧୬ ତାରିଖରେ ଜାତୀୟ ମାନବାଧିକାର କମିସନ୍‌ଙ୍କ ନିକଟରେ ଅଭିଯୋଗ ଦାଖଲ ହୋଇଥିଲା। ମାମଲାକୁ ଗୁରୁତର ସହ ନେଇ କମିସନ ଘଟଣାର ତଦନ୍ତ ପାଇଁ ଏସ୍‌ପି ଇଶାମ ସିଂହ, ଗଗୁନ୍ ରାମ ଓ ଶଶୀବାଳା ଶର୍ମାଙ୍କୁ ନେଇ ତିନିଜଣିଆ କମିଟି ଗଠନ କରିଥିବା ସୂଚନା ମିଳିଛି। ତଦନ୍ତକାରୀ ଦଳ ମହାକାଳପଡ଼ାରେ ପହଞ୍ଚିବା ପରେ ଅତିରିକ୍ତ ଏସ୍‌ପି ସୁଧାକର ସାହୁ ଓ ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡ଼ଙ୍କ ସହଯୋଗରେ ତଦନ୍ତ ଆଗକୁ ବଢ଼ାଇଥିଲେ। ଥାନା ଓ ବ୍ଲକ୍ କାର୍ଯ୍ୟାଳୟରେ ପଚରାଉଚରା ପରେ ତଦନ୍ତକାରୀ ଦଳ ତିଖିରୀ ଯାଇ ଅଭିଯୋଗକାରିଣୀ ଚାମେଲି ଓଝାଙ୍କ ବୟାନ ରେକର୍ଡ କରିଥିଲେ। ଏଥିସହିତ ତାଙ୍କ ବାପା, ମା' ଓ ଭାଇଙ୍କ ବୟାନ ମଧ୍ୟ ରେକର୍ଡ କରାଯାଇଛି। ଚାମେଲି କହିଛନ୍ତି, ତଦନ୍ତକାରୀ ଦଳ ମାମଲା ସମ୍ପର୍କରେ ଯାହା ପଚାରିଛନ୍ତି, ସେ ସବୁ ତଥ୍ୟ ଦେଇଛନ୍ତି। ଜୁନ୍ ୧୧ ତାରିଖର ଘଟଣା ପରଠାରୁ ନିଜ ପ୍ରତି ହୋଇଥିବା କଥିତ ମାନସିକ ଓ ଶାରୀରିକ ନିର୍ଯାତନା ସମ୍ପର୍କରେ ମଧ୍ୟ ସେ ତଦନ୍ତକାରୀଙ୍କୁ ଜଣାଇଛନ୍ତି। ତାଙ୍କ ପରିବାର ସଦସ୍ୟଙ୍କ ବୟାନ ମଧ୍ୟ ରେକର୍ଡ ହୋଇଥିବା ସେ କହିଛନ୍ତି।

**ପୋର୍ଟାଲ ଖୋଲୁ ଖୋଲୁ ଶେଷ**

# ୪୦ ମିନିଟ୍‌ରେ ହବିଷ୍ୟାଳି ପଞ୍ଜୀକରଣ ଲକ୍ଷ୍ୟ ପାର୍

ପୁରୀ,୬।୧୦(ସମିସ): ହବିଷ୍ୟାଳି ଯୋଜନାରେ ସାମିଲ୍ ହେବା ପାଇଁ ଏଥର ମଧ୍ୟ ପ୍ରବଳ ଆଗ୍ରହ ଦେଖାଦେଇଛି। ଅନ୍‌ଲାଇନ୍ ପଞ୍ଜୀକରଣ ଆରମ୍ଭ ହେବାର ମାତ୍ର ୪୦ ମିନିଟ୍ ମଧ୍ୟରେ ଧାର୍ଯ୍ୟ ସଂଖ୍ୟାଠାରୁ ଅଧିକ ଆବେଦନ ଆସିବାରୁ ପ୍ରଶାସନ ପ୍ରଥମ ଦିନରେ ହିଁ ପଞ୍ଜୀକରଣ ପୋର୍ଟାଲ ବନ୍ଦ କରିଦେଇଛି। ଚଳିତବର୍ଷ ମୋଟ୍ ୨,୫୦୦ ଜଣ ହବିଷ୍ୟାଳିଙ୍କୁ ଯୋଜନାରେ ସାମିଲ୍ କରିବାକୁ ଧାର୍ଯ୍ୟ ହୋଇଥିବାବେଳେ ପ୍ରଥମ ଦିନରେ ପ୍ରାୟ ୨,୮୦୦ ଜଣ ଆବେଦନ କରିଛନ୍ତି।

ପୂର୍ବ ଘୋଷଣା ଅନୁଯାୟୀ, ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ଅନ୍‌ଲାଇନ୍ ପଞ୍ଜୀକରଣ ପାଇଁ ପୋର୍ଟାଲ ଖୋଲାଯାଇଥିଲା। ପଞ୍ଜୀକରଣ ଆରମ୍ଭ ହେବା ପରେ ଅଳ୍ପ ସମୟ ମଧ୍ୟରେ ଆବେଦନ ସଂଖ୍ୟା ଦ୍ରୁତଗତିରେ ବଢ଼ିଥିଲା। ୪୦ ମିନିଟ୍ ମଧ୍ୟରେ ଆବେଦନ ସଂଖ୍ୟା ଧାର୍ଯ୍ୟ ୨,୫୦୦କୁ ଅତିକ୍ରମ କରି ପ୍ରାୟ ୨,୮୦୦ରେ ପହଞ୍ଚିବା ପରେ ପ୍ରଶାସନ ପକ୍ଷରୁ ପୋର୍ଟାଲ ବନ୍ଦ କରାଯାଇଥିଲା। ତେବେ ଆବେଦନ ସଂଖ୍ୟା ଅଧିକ ହୋଇଥିଲେ ମଧ୍ୟ ସମସ୍ତ ଆବେଦନକାରୀ ଯୋଜନାରେ ସାମିଲ୍ ହେବେ

**୨,୫୦୦ ସ୍ଥାନ ପାଇଁ ୨,୮୦୦ ଆବେଦନ**

ନାହିଁ। ଆବେଦନଗୁଡ଼ିକର ଯାଞ୍ଚ ପରେ ଯୋଗ୍ୟତା ନ ଥିବା କିମ୍ବା ଆବଶ୍ୟକ ସର୍ତ୍ତ ପୂରଣ କରୁ ନ ଥିବା ଆବେଦନକାରୀ ବାଦ୍ ପଡ଼ିପାରନ୍ତି। ଏହାପରେ ଧାର୍ଯ୍ୟ ସଂଖ୍ୟା ଅନୁଯାୟୀ ଚୂଡ଼ାନ୍ତ ତାଲିକା ପ୍ରସ୍ତୁତ ହେବ।

ସୂଚନାଯୋଗ୍ୟ, ୨୦୨୩ରେ ୩,୨୦୦ରୁ ଅଧିକ ହବିଷ୍ୟାଳିଙ୍କୁ ଏହି ଯୋଜନାରେ ସାମିଲ୍ କରାଯାଇଥିଲା। ତେବେ ପରବର୍ତ୍ତୀ ଦୁଇବର୍ଷ ଧରି ଏହି ସଂଖ୍ୟାକୁ ୨,୫୦୦ରେ ସୀମିତ ରଖାଯାଇଛି। ୨୦୨୪ରେ ଆବଶ୍ୟକତାଠାରୁ ଅଧିକ ସଂଖ୍ୟକ ବ୍ରତଧାରୀ ଶ୍ରୀକ୍ଷେତ୍ରରେ ପହଞ୍ଚିବାରୁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ପରବର୍ତ୍ତୀ ସମୟରେ ହବିଷ୍ୟାଳିଙ୍କ ସଂଖ୍ୟା କମାଇ ଦିଆଯାଇଥିଲା। ଚଳିତବର୍ଷ ମଧ୍ୟ ସୀମିତ ସଂଖ୍ୟକ ହବିଷ୍ୟାଳିଙ୍କୁ ସୁବିଧା ଯୋଗାଇବା ଲକ୍ଷ୍ୟରେ ୨,୫୦୦ ସଂଖ୍ୟା ଧାର୍ଯ୍ୟ କରାଯାଇଛି। ଫଳରେ ସୁଯୋଗ ହାତଛଡ଼ା ହୋଇଯିବା ଆଶଙ୍କାରେ ଅନେକ ଆବେଦନକାରୀ ପଞ୍ଜୀକରଣ ଆରମ୍ଭ ହେବା କ୍ଷଣି ଆବେଦନ କରିବାକୁ ତତ୍ପର ହୋଇଥିଲେ। ଏହାର ପରିଣାମ ସ୍ୱରୂପ ମାତ୍ର ୪୦ ମିନିଟ୍‌ରେ ଧାର୍ଯ୍ୟ ସଂଖ୍ୟାଠାରୁ ପ୍ରାୟ ୩୦୦ ଅଧିକ ଆବେଦନ ଆସିଥିଲା। ଏବେ ଯାଞ୍ଚ ପ୍ରକ୍ରିୟା ପରେ କେତେଜଣ ହବିଷ୍ୟାଳିଙ୍କୁ ଚୂଡ଼ାନ୍ତ ଭାବେ ଯୋଜନାରେ ସାମିଲ୍ କରାଯିବ, ତାହା ଉପରେ ନଜର ରହିଛି।

**ଏସିଏଫ୍ ସୌମ୍ୟରଂଜନଙ୍କ ମୃତ୍ୟୁ ମାମଲା**

# ଆଗୁଆ ଜାମିନ ପାଇଁ ହାଇକୋର୍ଟରେ ବିଦ୍ୟାଭାରତୀ

କଟକ,୬।୧୦(ସମିସ): ବହୁଚର୍ଚ୍ଚିତ ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ରଙ୍କ ମୃତ୍ୟୁ ଘଟଣାରେ ପତ୍ନୀ ବିଦ୍ୟାଭରତୀ ପଣ୍ଡା ହାଇକୋର୍ଟରେ ଆଗୁଆ ଜାମିନ ପ୍ରଦାନ କରିଛନ୍ତି। ସୁପ୍ରିମକୋର୍ଟରେ ଏସଏଲପି ଖାରଜ ହେବା ପରେ ବିଦ୍ୟାଭରତୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହି ଘଟଣାରେ ବ୍ୟକ୍ତିଗତ ହାଜିରାରୁ ମୁକ୍ତି ପ୍ରସଂଗ ନେଇ ବିଦ୍ୟାଭରତୀଙ୍କ ଆବେଦନ ହାଇକୋର୍ଟରେ ଖାରଜ ହେବା ପରେ ସେ ସୁପ୍ରିମକୋର୍ଟରେ ଏସଏଲପି ଦାୟର କରିଥିଲେ। ବିଦ୍ୟାଭାରତୀ ଆଗୁଆ ଜାମିନ ପାଇଁ ଆବେଦନ କରି ପାରିବେ ବୋଲି ସୁପ୍ରିମକୋର୍ଟ କହିବା ସହିତ ତାଙ୍କ ଏସଏଲପିକୁ ସେପ୍ଟେମ୍ବର ୨୮ରେ ଖାରଜ କରିଥିଲେ। ତେବେ ପୂର୍ବରୁ ଅକ୍ଟୋବର ୧ ସୁଦ୍ଧା ଏସଡିଜେଏମ ଅଦାଲତରେ ହାଜର ହେବା ପାଇଁ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶର ପରିବର୍ତ୍ତନ ପାଇଁ ବିଦ୍ୟାଭାରତୀ ଆବେଦନ କରିଥିଲେ। ଏହାପରେ ଅକ୍ଟୋବର ୩୦ ସୁଦ୍ଧା ଏସଡିଜେଏମ ଅଦାଲତରେ ହାଜର ହୋବକୁ ବିଦ୍ୟାଭାରତୀଙ୍କୁ ହାଇକୋର୍ଟ ଅନୁମତି ଦେଇଥିଲେ। ମାମଲାର ବିବରଣୀରୁ ପ୍ରକାଶ ଯେ ୨୦୨୧, ଜୁଲାଇ ୧୨ ରାତିରେ ଫରେଷ୍ଟ କଲୋନିସ୍ଥିତ ନିଜ ସରକାରୀ ବାସଭବନରେ ଏସିଏଫ୍ ସୌମ୍ୟରଞ୍ଜନ ସନ୍ଦେହଜନକ ଅବସ୍ଥାରେ ପୋଡି ହୋଇ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ସୌମ୍ୟରଞ୍ଜନଙ୍କ ପତ୍ନୀ, ତତ୍କାଳୀନ ଡିଏଫଓ ଓ ରୋଷେୟାଙ୍କ ସଂପୃକ୍ତି ଥିବା ପରିବାର ତରଫରୁ ଅଭିଯୋଗ କରାଯାଇଥିଲା।

## ପ୍ରଥମ ପୃଷ୍ଠାରୁ...

### ସଂସଦରୁ...

ହେଉଥିବା ବେଳେ ନିତି ଆୟୋଗ ଅଫିସ ନିକଟରେ ପୁଲିସ ସେମାନଙ୍କୁ ଅଟକାଇଥିଲା। ପୁଲିସ ଅଟକାଇବାରୁ ନେତାମାନେ ସଂସଦ ମାର୍ଗ ଉପରେ ବସିଯାଇଥିଲେ। ଏହାର କିଛି ସମୟରେ ରାହୁଲ ଗାନ୍ଧୀ ଜାତୀୟ ପତାକା ଧରି ପୁଲିସ ବାରିକେଡ୍ ଉପରେ ଚଢ଼ିଯାଇଥିଲେ। ତାଙ୍କ ସହିତ ଟିଏମସି ନେତା ଅଭିଶେକ ବାନାର୍ଜୀ ମଧ୍ୟ ବାରିକେଡ୍ ଉପରେ ଚଢ଼ିଯାଇଥିଲେ। ପୁଲିସ ଉଭୟ ରାହୁଲ ଓ ପ୍ରିୟଙ୍କାଙ୍କୁ ସେଠାରୁ ନେଇ ବସ ଭିତରେ ଅଟକ ରଖିଥିଲେ। ତେବେ ପୁଲିସକୁ ଚକମା ଦେଇ ରାହୁଲ ଏବଂ ପ୍ରିୟଙ୍କା ଗାନ୍ଧୀ ନିକଟବର୍ତ୍ତୀ ଆକାଶବାଣୀ ଭବନକୁ ଯାଇ ସେଠାରେ ଧାରଣା ଦେଇଥିଲେ। ସେମାନଙ୍କ ସହିତ ଅନ୍ୟ କଂଗ୍ରେସ ନେତା ମଧ୍ୟ ସାମିଲ ହୋଇଥିଲେ। ସେମାନେ ଆକାଶବାଣୀ ଭବନ ପରିସରରେ ଥିବା ଏକ ଗଛ ତଳେ ବସି ଧାରଣା ଦେଇଥିଲେ। ଧାରଣାରୁ ଉଠାଇବା ଲାଗି ପୁଲିସ ଅଧିକାରୀ ରାହୁଲଙ୍କୁ ଅନୁରୋଧ କରୁଥିବା ଦେଖାଯାଇଥିଲା। ତେବେ ରାହୁଲ ସେମାନଙ୍କୁ ପ୍ରଶ୍ନ କରିଥିଲେ ଯେ ବି।।ରୋଧୀ ଦଳ କେଉଁଠି ଧାରଣା ଦେଇପାରିବେ, ତାହା ପୁଲିସ ଜଣାଉ। ରାହୁଲ କହିଲେ ଯେ ମେଣ୍ଟର ସାଂସଦ ମୁଖ୍ୟ ନିର୍ବାଚନ କମିସନର ଏବଂ ଅନ୍ୟ ଦୁଇ ଜଣ କମିସନଙ୍କୁ ଭେଟି ନିର୍ବାଚନ ପ୍ରକ୍ରିୟା ସଂପର୍କରେ ପ୍ରଶ୍ନ କରିବାକୁ ଚାହାନ୍ତି। କିନ୍ତୁ ଜ୍ଞାନେଶ ଏବଂ ଅନ୍ୟ ଦୁଇ କମିସନର ସେମାନଙ୍କୁ ଭେଟିବା ଲାଗି କାହିଁକି ଡରୁଛନ୍ତି ବୋଲି ସେ ପ୍ରଶ୍ନ କରିଥିଲେ। ସେ କହିଥିଲେ ଯେ ସମସ୍ତ ୩୦୦ ବିରୋଧୀ ସାଂସଦଙ୍କୁ ନେଇ ସେ ନିର୍ବାଚନ କମିସନରଙ୍କୁ ଭେଟି ଭୋଟ୍ ଜାଲିଆତି ପ୍ରସଙ୍ଗରେ ପ୍ରଶ୍ନ କରିବେ। ତାଙ୍କର ଜିଦ ଯୋଗୁଁ ପୁଲିସ ଅଡୁଆରେ ପଡ଼ିଥିବା ବେଳେ ନିର୍ବାଚନ କମିସନ ଅଫିସ ପକ୍ଷରୁ କୁହାଯାଇଛି ଯେ କମିସନରଙ୍କୁ ଭେଟିବା ଲାଗି ବିରୋଧୀ ନେତାମାନଙ୍କ ପକ୍ଷରୁ କୌଣସି ଅନୁରୋଧପତ୍ର ଆସିନାହିଁ।

ଇତିମଧ୍ୟରେ ରାସ୍ତା ଉପରେ ବସିଥିବା ଇଣ୍ଡିଆ ମେଣ୍ଟର ନେତା ଅଖିଳେଶ ଯାଦବ, ଡେରେକ ଓବ୍ରାଏନ, ଅଭିଶେକ ବାନାର୍ଜୀ, ସଂଜୟ ରାଉତ, ସଂଜୟ ଝାଙ୍କୁ ପୁଲିସ ଅଟକ ରଖିବା ସହିତ ଏକ ବସରେ ବସାଇ ନେଇଯାଇଛି। ଏହି ସମୟରେ ଉଦ୍ଧବ ସେନା ନେତା ସଂଜୟ ରାଉତ କହିଥିଲେ ଯେ ଲୋକମାନଙ୍କ ଦ୍ୱାରା ନିର୍ବାଚିତ ସାଂସଦ ନିର୍ବାଚନ କମିସନଙ୍କୁ ଭେଟି ଭୋଟ୍ ଜାଲିଆତି ସଂପର୍କରେ ପ୍ରଶ୍ନ କରିବାକୁ ଚାହାନ୍ତି। କିନ୍ତୁ ସେମାନଙ୍କୁ ଅଟକାଇବା ଲାଗି ଯେଉଁଳି ପୁଲିସ ବ୍ୟବସ୍ଥା କରାଯାଇଛି, ତାହା ଦର୍ଶାଉଛି ଯେ ସରକାର ଓ କମିସନ ଡରିଯାଇଛନ୍ତି। ଅନ୍ୟପକ୍ଷରେ ଆଜିର ଏହି ପଦଯାତ୍ରରେ ଡିଏମକେ ଏବଂ ଆପ୍ ସାମିଲ ହୋଇ ନାହାନ୍ତି।

ଇତିମଧ୍ୟରେ କଂଗ୍ରେସ ଏହାର ସାଂସଦମାନଙ୍କୁ ବର୍ତ୍ତମାନ ପାଇଁ ଦିଲ୍ଲୀରେ ରହିବା ଲାଗି ନିର୍ଦ୍ଦେଶ ଦେଇଛି। ଜ୍ଞାନେଶଙ୍କୁ ହଟାଇବା ଲାଗି ଚାଲିଥିବା ଆନ୍ଦୋଳନ ପରିପ୍ରେକ୍ଷୀରେ ସେମାନଙ୍କୁ ଏହି ନିର୍ଦ୍ଦେଶ ଦିଆଯାଇଛି।

### ସିଇସିଙ୍କ ଇସ୍ତଫା...

ନାମ ମତଦାତା ସୂଚୀରୁ ହଟାଇ ଦିଆଯାଇଥିବା ଆମେ ହୃଦବୋଧ କରୁଛୁ। ଓଡ଼ିଶାରେ ଏସଆଇଆର ପ୍ରକ୍ରିୟା ଚାଲୁଥିବା ବେଳେ ବିଜେଡିର ଏକାଧିକ ପ୍ରତିନିଧି ମଣ୍ଡଳୀ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ସାକ୍ଷାତ କରିଥିଲେ। ଏସଆଇଆର ପ୍ରକ୍ରିୟାରେ ହେଉଥିବା ତ୍ରୁଟି ବିଚ୍ୟୁତିକୁ ପ୍ରତିନିଧି ମଣ୍ଡଳୀ ନିର୍ବାଚନ ଅଧିକାରୀଙ୍କ ସାମ୍ନାରେ ଉତ୍ଥାପନ କରିବା ସହ ଏହାକୁ ସୁଧାରିବାକୁ ଦାବି କରିଥିଲେ। ମାତ୍ର ନିର୍ବାଚନ ଅଧିକାରୀ ଗ୍ରହଣ କଲେ ନାହିଁ। ଶେଷରେ ରାଜ୍ୟରୁ ୨୦ ଲକ୍ଷରୁ ଅଧିକ ଭୋଟରଙ୍କୁ କାଟି ଦିଆଗଲା। ଭଦ୍ରକ ଜିଲ୍ଲା ଅନ୍ତର୍ଗତ ଧାମନଗର ନିର୍ବାଚମଣ୍ଡଳୀର ହଜାର ହଜାର ଭୋଟରଙ୍କ ନାମ କାଟି ଦିଆଗଲା। ନିର୍ଦ୍ଦିଷ୍ଟ ଭାବେ ଏହି ନିର୍ବାଚନମଣ୍ଡଳୀର ଏକ ସଂଖ୍ୟାଲଘୁ ସମ୍ପ୍ରଦାୟର ଭୋଟର ନାମ ମତଦାତା ସୂଚୀରୁ ବାଦ୍ ଦିଆଗଲା। ଏହାକୁ ଆମେ କଡ଼ା ବିରୋଧ କରିବାକୁ ଜ।।ଣେ ବରିଷ୍ଠ ଅଧିକାରୀଙ୍କୁ ନିଲମ୍ବିତ କରାଗଲା। ଗତ ସପ୍ତାହରେ ନିର୍ବାଚନ ଅଧିକାରୀ ଦାୟିତ୍ୱରେ ଥିବା ୨୦୦୦ ବ୍ୟାଚର ବରିଷ୍ଠ ଆଇଏଏସ ଚାକିରୀରୁ ସ୍ୱେଚ୍ଛାକୃତ ଅବସର ନେବାକୁ ଆବେଦନ କରିଛନ୍ତି। ଯାହାଫଳରେ ଏସଆଇଆର ପ୍ରକ୍ରିୟାରେ ଗଡ଼ବଡ଼ି ଥିବା ନେଇ ଆମେ ସନ୍ଦେହ ପ୍ରକାଶ କରୁଛୁ। ଏହି ପ୍ରସଙ୍ଗରେ ବିଜେଡି ସୁପ୍ରିମୋ ତଥା ଓଡ଼ିଶା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରିଥିଲେ ଓ ଆମେ ମଧ୍ୟ ଏହି ଦାବିରେ ଅଟଳ ରହିଛୁ। ଯେତେପର୍ଯ୍ୟନ୍ତ ସିଇସି ନିଜ ପଦରୁ ନ ହଟିଛନ୍ତି, ଆମର ଆନ୍ଦୋଳନ ଜାରି ରହିବ ବୋଲି ଶ୍ରୀ ମଙ୍ଗରାଜ କହିଛନ୍ତି।

### ଅଶିଣରେ ବୈଶାଖ ଭ୍ରମ...

ବଜ୍ରପାତ ନେଇ ପାଣିପାଗ ବିଭାଗ ସତର୍କତା ଜାରି କରିଛି। ଆସନ୍ତା ୨୪ ଘଣ୍ଟାରେ ବାଲେଶ୍ୱର, ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବଜ୍ରପାତ ସହ ଘଡ଼ଘଡ଼ି ଏବଂ ଘଣ୍ଟାପ୍ରତି ୩୦ରୁ ୪୦ କିମି ବେଗରେ ଝଟକା ପବନ ପାଇଁ ହଳଦିଆ ସତର୍କତା ଜାରି ହୋଇଛି।

ବୁଧବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ବରଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର ଓ ମୟୂରଭଞ୍ଜରେ ବର୍ଷା ସମ୍ଭାବନା ରହିଛି। ୮ ତାରିଖରେ ଉତ୍ତର ଓ ଉପକୂଳ ଓଡ଼ିଶାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜରେ ହାଲୁକାରୁ ମଧ୍ୟମ ବର୍ଷା ସହ କେତେକ ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ଛତିଶଗଡ଼ ସମେତ ବିହାର ଓ ଝାଡ଼ଖଣ୍ଡର କେତେକ ଅଞ୍ଚଳରୁ ମୌସୁମୀ ଅପସାରଣ ହୋଇସାରିଛି। ତେବେ ଓଡ଼ିଶାରୁ ଏପର୍ଯ୍ୟନ୍ତ ମୌସୁମୀ ଅପସାରଣ ହୋଇନାହିଁ। ବାୟୁମଣ୍ଡଳରେ ଅଧିକ ଜଳୀୟବାଷ୍ପ ଓ ବିଭିନ୍ନ ସ୍ଥାନରେ ବର୍ଷା ଜାରି ଥିବାରୁ ଆଗାମୀ ଦୁଇରୁ ତିନି ଦିନ ମଧ୍ୟରେ ମୌସୁମୀ ଅପସାରଣର ସମ୍ଭାବନା କମ୍ ରହିଛି।


**AFFIDAVIT**

I, Priyadarsini Samant W/o- Smruti Sampad Bhanja, resident of AE-115,Vss Nagar, Bhubaneswar, Dist-Khurda, Pin 751007, Odisha declare by this affidavit no-2116, dated - 05.10.2026 that now onwards I shall be known as **PRIYADARSINI SAMANTA** for all future purposes.

**AFFIDAVIT**

I, Mamina Dandasena, aged about 38 years, D/o- Santosh Kumar Dandasena, resident of Amalapada, PO/PS: Angul, Dist: Angul, Odisha, PIN-759122 declared by this affidavit No. 635, dtd-26/09/2026 that now onwards I shall be known as **MAMINA DANDSENA** for all future purposes.

**AFFIDAVIT**

By virtue of an affidavit before the Executive Magistrate, Sambalpur, dtd. 07.09.2026, I, Purusottam Pandia, At- Kanteipali, P.O. Maneswar, P.S. Sadar, Dist. Sambalpur hereby declare that my son's actual name is KISHOR PANDIA, however, in his Aadhaar Card his name has been wrongly recorded as SANU PANDIA. That SANU PANDIA and KISHOR PANDIA are one and the same person, i.e. my son. Henceforth he shall be known as **KISHOR PANDIA** for all purposes.

**Sd/- PURUSOTTAM PANDIA**

**AFFIDAVIT**

By virtue of an affidavit sworn before (Executive Magistrate / Notary Public), Puri, dated 05.08.2026, SAKHI BEHERA, Address - Badakanjia, P.O: Sakhigopal, P.S: Satyabadi, Dist: Puri-752014 declare that I have changed my name from SAKHI BHOI to SAKHI BEHERA. Henceforth, I shall be known as **SAKHI BEHERA** for all purposes.

**AFFIDAVIT**

By virtue of an affidavit I Jyosna Naik W/o - Jugeswar Naik of village - Ainli, Po - Uchhla, Ps.- Golamunda, Dist.- Kalahandi have Changed my surname from Naik to Durge and declare that I shall be known as Jyosna Naik and Joshna Durge is name of one person and I shall be known as Joshna Durge W/o - Jugeswar V Durge of vill. Ainli, Po. - Uchhla, Ps. - Golamunda, Dist. Kalahandi, Odisha for purposes.

**AFFIDAVIT**

By virtue of an affidavit no. 5679 before the Executive Magistrate, Pipili, dtd. 03.10.2026, I, LAXMIPRIYA PRADHAN, Vill. Barimula, P.O. Kanti, P.S. Pipili, Dist. Puri-752104 hereby declare that I have changed my name from LAKI PRADHAN to LAXMIPRIYA PRADHAN. Henceforth, I shall be known as **LAXMIPRIYA PRADHAN** for all purposes.

**Sd/- LAXMIPRIYA PRADHAN**

**AFFIDAVIT**

I, Puspanjali Samantaray, W/o- Shri Siba Prasad Samantaray, resident of Flat No. 204, Lifestyle Green Apartment, KIIT Road, Patia, Kalarahanga, Bhubaneswar, Pin-751024, Odisha declared by this affidavit No. 16911, dated- 06/10/2026 , that now onwards I shall be known as **PUSPANJALI MISHRA** for all future purposes.

**AFFIDAVIT**

By virtue of an affidavit no. 326 before the Executive Magistrate, Tentulikhunti, Dist.-Nabarangpur, dtd. 06.10.2026, I, RUT KUMARI HIAL, formerly called RUTA HARIJAN, At/Tahasil- Tentulikhunti, Dist-Nabarangpur hereby declare that I have changed my name from RUTA HARIJAN to RUT KUMARI HIAL. Henceforth, I shall be known, as **RUT KUMARI HIAL** for all purposes.

**Sd/- RUT KUMARI HIAL**

**ST. MARY'S GIRLS HIGH SCHOOL**

**P.O.: BADAPADA, DIST-GAJAPATI, ORISSA, INDIA, PIN: 761214**

**TEACHER REQUIRED**

Applications are invited for the following posts of **St. Mary's Girls Minority U.P School, Badapada.** Qualifications required B.A, B.Ed. / CT with OTET and OSSTET. The candidate must be registered with Employment Exchange Office. The Secretary of the School and M.C reserve the right to reject any application without assigning reasons thereof. Application with Bio-Data and attested photocopies of all the documents along with Cast and Experience Certificate should reach on or before **dt.30/10/2026** by Speed or Registered Post to the undersigned.

**Sd/- Secretary, St-Mary's Minority School**
**PO- Badapada- 761214, Via Nuagada, Dist- Gajapati**

34001/954/2627

E-Mail I.D.-eernbkdp@gmail.com
Tel. (06727)-220268
Fax No. (06727)-220862

**OFFICE OF THE SUPERINTENDING ENGINEER**
**KENDRAPADA (R&B) DIVISION-I, KENDRAPADA**

**GOVERNMENT OF ODISHA "e" procurement Notice (Short Notice)**
**e-procurement Notice for Road works**
**short tender call notice**
**Bid Identification No. S.E., R & B KDP- 07 / 2026-27**

1. No of work :- 09 nos. Road works
2. Estimated Cost :- Rs.2.17 lakhs to Rs. 32.08 lakhs (Approximately)
3. Period of completion :- 10 days to 30 days
4. Date and time of sale and receipt of bid document :- From 10:00 AM of 07/10/2026 to 5:00 PM of 13/10/2026
5. Last date / time of receipt of bids :- 05 PM of 13/10/2026
6. Date and time of Opening of Bids :- 11.30 AM of 14/10/2026
7. Name and address of the Officer Inviting Bid :- Superintending Engineer, Kendrapada (R&B) Division-I, Kendrapada

Further details with any addendum, corrigendum, cancellation can be seen from the State Govt. portal "https://tendersorissa.gov.in".

OIPR-34001/34097/1/26-27/0007

Superintending Engineer,
Kendrapada (R&B) Division-I

**GOVERNMENT OF ODISHA** 34001/958/2627
**Office of the Superintending Engineer**
**Bhanjanagar (R&B) Division, Bhanjanagar.**
(Phone/Fax: (06821) 241133 / E -mail: eernbbngr@yahoo.in)

Ltr. No. 7964 Dtd. 01.10.2026

**INVITATIONS FOR BIDS (IFB)**
**E-Procurement Bid Identification No. S.E-BNJ-R&B- 16 / 2026-27.**

1. Name of work :- Electrical Works
2. No. of works :- 2 Nos. Electrical Work
3. No. of Covers :- Single Cover
4. Estimated cost :- Rs.27.62 lakhs to Rs.31.33 lakhs
5. Period of Completion :- Twelve Calendar Month.
6. Date of time of availability of bid document in the portal :- From 12.30 P.M. of dated 13.10.2026 to 5.00 P.M. of dated 28.10.2026.
7. Last date/time for receipt of bids in the portal :- Up to 5.00 P.M. of dated 28.10.2026.
8. Date of opening of bid documents :- At 11.00 A.M. of dated 29.10.2026.
9. Class of Contractor :- Specialized Agency having MOU with associate Electrical Contractor (MV /HT or above) having valid license from ELBO
10. Name and address of officer inviting Bid :- Superintending Engineer, Bhanjanagar (R&B) Division, Bhanjanagar

Further details can be seen from the e-Procurement portal www.tendersodisha.gov.in. The Addendum / Corrigendum if any will be hosted in the website only.

Superintending Engineer
Bhanjanagar (R&B) Division

OIPR-34001/34015/1/26-27/0014

25001/1271/2627

E-mail: eerw_ptng@yahoo.in
Phone No – 06658-222121

**GOVT OF ODISHA**
**OFFICE OF THE SUPERINTENDING ENGINEER,**
**RURAL WORKS DIVISION PATNAGARH**
**e Procurement Notice**
**IFB IDENTIFICATION NO. EEPTNG- Online -08/2026-27**

| | | | |
|---|---|---|---|
| 1. | Name of work | : | Special Repair of Road works |
| 2. | Total no of work | : | 03 (Three) No works |
| 3. | Time for completion | : | 02 (Two) Calendar month |
| 4. | Approximate estimated cost | : | Rs. 63.56 to 76.27 lakhs |
| 5. | Mode of Submission of tender | : | Tender should be submitted online in www.tendersorissa.gov.in |
| 6. | Other details are as follow | | |

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Executive Engineer, R.W.Divn., Patnagarh | EEPTNG-Online-08/2026-27 | 07.10.2026 at 11.00 AM | 22.10.2026 upto 5.00 P.M | 21.10.2026 upto 5.00 PM | 23.10.2026 at 11.000 A.M | The date will be intimated to the technically qualified bidders later |

- Further details can be seen from the website www.tendersorissa.gov.in
- Any Corrigendum/Addendum will be displayed in the above e tender website only.

Executive Engineer
R.W.Division, Patnagarh

OIPR-25001/25154/1/26-27/0010

**GOVERNMENT OF ODISHA** 25001/1275/2627
**OFFICE OF THE SUPERINTENDING ENGINEER**
**RURAL WORKS DIVISION-II, BHADRAK-II**
ee_rwbdk2@yahoo.co.in
**"e" Procurement Notice for Road Works**
**Identification Online Tender 8/RWD/BDK-II/2026-27 Dtd. 05.10.2026**

1. Name of the Work :- Road Works as per Annexure
2. Total Number of Works :- 3 Nos
3. Approximate Estimated Cost :- Rs. 5.76 lakhs – 42.37 lakhs
4. Class of Contractor :- As Per Annexure
5. Period of Completion :- As Per Annexure
6. Type of Tender :- Single Cover
7. Other details :- The details are as follows.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of Opening of the Bid |
|---|---|---|---|---|---|
| | | From | To | | Technical Bid |
| 1 | 2 | 3 | 4 | 5 | 6 |
| Executive Engineer R.W. Division-II, Bhadrak | 8 | 08.10.2026 At 12.00 P.M. | 15.10.2026 up to 5.00 P.M. | 14.10.2026 up to 03.00 P.M. | 16.10.2026 at 11.00 AM |

8. Further details can be seen from the e-procurement portal "https://www.tendersorissa.gov.in".
9. Any other changes / Corrigendum may be seen only in website www.tendersorissa.gov.in.

Executive Engineer
R.W. Division-II, Bhadrak

OIPR-25001/25090/1/26-27/0007

**ODISHA HYDRO POWER CORPORATION LTD.,**
O/o Sr. GENERAL MANAGER, HIRAKUD HYDRO ELECTRIC PROJECT, ADMINISTRATIVE OFFICE BUILDING, NEAR BURLA POWER HOUSE BURLA – 768017, DISTRICT: SAMBALPUR (ODISHA), PHONE: 0663-2950721(O), 2950765(R), E-Mail: srgmhps_burla@yahoo.co.in CIN : U40101OR1995SGC003963

4001/350/2627

**No. HHEP/Tech-WK-121(Vol-II)/7146** **Date :01.10.2026**
**TENDER CALL NOTICE NO. HHEP-82/2026**

Sealed Tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from the reputed Manufacturers/ Authorized Dealers / Authorized Distributors / channel partner only for supply of the following materials as mentioned below

| Description of work | Cost of tender paper (non-refundable) in Rs. | EMD in shape of DD/BC (Refundable) in Rs. |
|---|---|---|
| Supply of LED Street light fittings (200watt) to HHEP, Burla as per Tender Specification | Rs. 2360/- (Rs. 2000 + GST @ 18%) | 4640/- |

- Sale of tender paper:**08.10.2026(10.00AM) to 21.10.2026 upto 05.30PM**
- Receipt of tender paper : **22.10.2026 upto 03.30PM**
- Date & time of opening of tender : **22.10.2026 at 04.00PM**
- Further details like tender documents / terms & conditions (corrigendum / erratum / addendum, if any), please visit our official website www.ohpc.co.in.

Sd/-
Unit Head, HHEP, Burla

OIPR-4001/4007/1/26-27/0032

**OFFICE OF THE GENERAL MANAGER, WATCO DIVISION, BRAHMAPUR**
*e-mail: gmwatcobam@gmail.com / Ph No. 06802233978*
Government of Odisha "e" Procurement Notice
NATIONAL COMPETITIVE BIDDING 13001/2064/2627

**Bid Identification No. WATCOBAM-12/2026-27 DTD. 29.09.2026**

1. Name of work : "Installation of 1100 & 700 NB Dia Electromagnetic flow meter and Pressure Transducer at CWRM line for the measurement of real time water flow to greater Brahmapur under WATCO Section, Kaliabali".
2. Estimated cost : 19.20 Lakhs (appox.)
3. Period completion : 4 months.
4. Date & Time of availability of bid document in the Portal : From 11.00 Hrs. of Dt. 07.10.2026 To 17.30 Hrs. of Dt. 15.10.2026.
5. Last date / Time for Bidding in the Portal : 17.30 Hrs. of Dt. 15.10.2026.
6. Date of opening of Tender : On Dt. 16.10.2026 at 12.30Hrs.
7. Name and address of the Officer inviting tender : General Manager, WATCO Division, Brahmapur.

Further details can be seen from the e-procurement Portal: https://tendersodisha.gov.in .

General Manager,
WATCO Division, Brahmapur

OIPR-13001/13210/1/26-27/0005

**ODISHA LIFT IRRIGATION CORPORATION LTD.**
**(A GOVT. OF ODISHA UNDERTAKING)** 32001/982/2627
**OFFICE OF THE EXECUTIVE ENGINEER, L.I.DIVISION, GUNUPUR.**
E-mail: www. eeolicgnp@ymail.com
**"E"-Procurement Notice**
**BID IDENTIFICATION NO. OLIC-GNPR-02/2026-27 dt.29.09.2026**

The Executive Engineer, Lift Irrigation Division, Gunupur, Odisha on behalf of Odisha Lift Irrigation Corporation Limited, Bhubaneswar invites E-tender on Percentagewise Rate bids in single cover system on online mode for the work Reinforcement of Lift Irrigation Projects on turnkey basis from reputed contractors / firms having both valid Civil and H.T. license, holders registered within the State issued by PWD/PHED/RWSS/Irrigation/Rural works of required class and valid HT license issued by E.L.B.O, Odisha with experience in OLIC nature of works. Contractors / firms having civil license can also participate in the above tender making Joint venture with valid HT license holders and vice-versa. The joint venture documents should be registered in any registration office only. If a Civil contractor will be first party and joint venture with electrical contractor then the electrical contractor have to produce an affidavit that he have not made joint venture with any others. Proofs of registration from the appropriate authorities are to be enclosed along with the bid/bids.

The details are available in the Government Tender Web site i.e. www.tendersorissa.gov.in.

1. **Total Nos. of Packages** : 31 nos.
2. **Approximate Estimated Cost** : Rs. 4.10 Lakhs to 8.01 Lakhs.,
3. **Period of completion** : Mentioned against each packages.
4. **Class of Contractor** : Mentioned against each packages.
5. **Availability of tender On-line for bidding** : from dt.07.10.2026 to 14.10.2026.
6. **Last date & time of seeking tender clarification** : On dt. 14.10.2026
7. **Last date of submission of original Bid documents/ Cost of Bid (On Online Mode)** : on or before dt.14.10.2026 upto 5.30 P.M.
8. **Date & Time of Opening of tender in the office of the Executive Engineer, L.I. Division, Gunupur (Online Mode)** : dt. 15.10.2026 onwards.
9. **Any Corrigendum/ Addendum will be displayed in the above website only.**

The undersigned reserves the right to reject/cancel any or all the tenders without assigning any reason thereof.

Executive Engineer,
L.I.Division, Gunupur.

OIPR-32001/32144/1/26-27/0002

# ଦେଓଗାଁ ଚିନିକଳ ନ ଚାଲିଲେ ତୀବ୍ର ଆନ୍ଦୋଳନ

## ସର୍ବଦଳୀୟ ବୈଠକରେ ନିଷ୍ପତ୍ତି

**ଦେଓଗାଁ,୬।୧୦(ସମିସ):** ସାଗରପାଲି ନିକଟରେ ପ୍ରାୟ ୧୩ବର୍ଷ ହେଲା ବିଜୟାନନ୍ଦ ସମବାୟ ଚିନିକଳ ବନ୍ଦ ରହିଛି। ଏହାର ପୁନଃ ଚାଲୁ ପାଇଁ ଜିଲ୍ଲା ତଥା ଆଖପାଖ ଜିଲ୍ଲାବାସୀ ବାରମ୍ବାର ଦାବି କରି ଆସୁଛନ୍ତି; ହେଲେ କେହି ଏ ଦିଗରେ ସକାରାତ୍ମକ ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଏଣୁ ଅସନ୍ତୋଷ ପ୍ରକାଶ ପାଉଛି। ଏନେଇ ମଙ୍ଗଳବାର ଚିନିକଳ କର୍ମଚାରୀ ସଂଘର ଆବାହକତ୍ୱରେ ଚିନିକଳ ମୁଖ୍ୟ ଗେଟ୍ ସମ୍ମୁଖରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। କର୍ମଚାରୀ ସଂଘର ମିତ୍ରଭାନୁ ବାରିକଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ବିଜେଡି ରାଜ୍ୟ ସମ୍ପାଦକ ଲକ୍ଷ୍ମଣ ମେହେର, ବିଧାୟକଙ୍କ ବ୍ଲକ ପ୍ରତିନିଧି ସୁଶୀଲ ଚାନ୍ଦ, କଂଗ୍ରେସ ଜିଲ୍ଲା ସେବାଦଳ ମୁଖ୍ୟ ଅସିତ ମିଶ୍ର, ଜିଲ୍ଲା କଂଗ୍ରେସ ଉପ-ସଭାପତି ଜନ୍ମେଜୟ ସାହୁ, ଆମ୍ ଆଦମୀ ପାର୍ଟି ରାଜ୍ୟ ପ୍ରବକ୍ତା ଆଶିଷ ପାଣ୍ଡେ, ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ଏମପିଙ୍କ ବ୍ଲକ ପ୍ରତିନିଧି ଶଶି ପାଣିଗ୍ରାହୀ, ବରିଷ୍ଠ ବିଜେପି ନେତା ଗୋପାଳଜୀ ପାଣିଗ୍ରାହୀ, ଜିଲ୍ଲା କୃଷକ ମହାସଂଘ ସଭାପତି ଯତି ପଧାନ, କୃଷକ ନେତା ଚଗଲା ପରିଚ୍ଛା, ଭାରତୀୟ କିଷାନ ସଂଘ ଜିଲ୍ଲା ସଭାପତି ଡା. ଶଶି ଭୂଷଣ ସାହୁ, ସନ୍ଦୀପ ବାଗ, ସତ୍ୟ ବନଛୋର, ବିଶ୍ୱଜିତ ପାତ୍ର, ଆଖୁଚାଷୀ ଅରବିନ୍ଦ ସାହୁ, ପ୍ରଦ୍ୟୁମ୍ନ ବାବୁ ପ୍ରମୁଖ ମଞ୍ଚାସୀନ ଥିଲେ। ଚିନିକଳ ପୁଣି କେମିତି ଚାଲି ପାରିବ ସେ ଉପରେ ସମସ୍ତେ ମତପୋଷଣ କରିଥିଲେ। ବିରୋଧୀ ଦଳର ନେତୃବୃନ୍ଦ ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବକୁ ନାପସନ୍ଦ କରିଥିଲେ। ମାସେ ମଧ୍ୟରେ ସରକାର ପୁନଃ ଚାଲୁ ପ୍ରକ୍ରିୟା ଆରମ୍ଭ ନ କଲେ ଦଳମତ ନିର୍ବିଶେଷରେ ତୀବ୍ର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଥିଲେ। ତେବେ ମୋହନ ସରକାର ଏହି ଚିନିକଳର ପୁନଃ ଚାଲୁ ସୁନିଶ୍ଚିତ କରିବେ। ଏଥିପାଇଁ ବିଭାଗୀୟ ପ୍ରକ୍ରିୟା ଚାଲିଛି। ଚିନିକଳରେ ପୂର୍ବରୁ ଆର୍ôଥକ ଅନିୟମିତତା ଯୋଗୁଁ କିଛି ଜଟିଳତା ରହିଥିବାରୁ ବିଳମ୍ବ ହେଉଛି। ଏଣୁ ଆନ୍ଦୋଳନ ନିଷ୍ପତ୍ତି ନ ନେଇ ସରକାରକୁ କିଛି ସମୟ ଦେବା ଉଚିତ ବୋଲି ଶାସକ ଦଳର ନେତୃବୃନ୍ଦ ମତପୋଷଣ କରିଥିଲେ। ଶେଷରେ କର୍ମଚାରୀ ସଂଘର ସୁବଳ ଚରଣ ରଣା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରକାଶ ଯେ, ବିଜେପି ସରକାର ଏହି ଚିନିକଳର ପୁନଃଚାଲୁ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲା। ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ ପରିଦର୍ଶନ କରିଥିଲେ। ଇଣ୍ଡିଆନ ପଟାସ ଲିମିଟେଡ(ଆଇପିଏଲ) ଦ୍ୱାରା ଏହି ଚିନିକଳର ପୁନଃ ଚାଲୁ କରିବାକୁ ସରକାରୀ ସ୍ତରରେ ନିଷ୍ପତ୍ତି ହୋଇଥିବା ସେ ସୂଚନା ଦେଇଥିଲେ। ଚିନି ଉତ୍ପାଦନ ସହ ବିଶେଷ କରି ଇଥାନଲ ଓ ବାୟୋଗ୍ୟାସ ଉତ୍ପାଦନ ହେବ ବୋଲି ଗଣମାଧ୍ୟମ ସମ୍ମୁଖରେ ସେ ପ୍ରକାଶ କରିଥିଲେ। ଚିନିକଳ ପୁନଃ ଚାଲୁ ହେବାର ଆଶା ଉଜ୍ଜିବିତ ହେବାପରେ ସମଗ୍ର ଅଞ୍ଚଳରେ ଖୁସୀର ଲହରୀ ଖେଳିଥିଲା। ତେବେ ପ୍ରତିଶ୍ରୁତିକୁ ପ୍ରାୟ ୪ ମାସ ବିତିଯାଇଥିଲେ ହେଁ ସରକାରୀ ତଥା ପ୍ରଶାସନିକ ସ୍ତରରେ କୌଣସୀ ଆଖିଦୃଶିଆ ପଦକ୍ଷେପ ଗ୍ରହଣ ହୋଇନାହିଁ। ଇତିମଧ୍ୟରେ ବଡମ୍ବା ଓ ଆସ୍କା ଚିନିକଳ ଚାଲୁ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ଖବର ପ୍ରକାଶିତ ହେବା ପରେ ବଲାଙ୍ଗିର ଜିଲ୍ଲାର ଆଖୁଚାଷୀ ଓ ଛଟେଇ କର୍ମଚାରୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବୈଠକରେ ଦେଓଗାଁ ବ୍ଲକ ତଥା ଜିଲ୍ଲାର ସମସ୍ତ ଛଟେଇ କର୍ମଚାରୀ, ଆଗ୍ରଣୀ ଆଖୁଚାଷୀ, ଜନପ୍ରତିନିଧି ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।



## ହଳଦୀରେ କଂଗ୍ରେସର ଜନଜାଗରଣ ପଦଯାତ୍ରା




**ମୁରିବାହାଲି,୬।୧୦(ସମିସ):** ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ୍ ହଳଦୀ ପଞ୍ଚାୟତ ଅଞ୍ଚଳରେ କଂଗ୍ରେସ ପକ୍ଷରୁ ଜନଜାଗରଣ ପଦଯାତ୍ରା ଅନୁଷ୍ଠିତ ହୋଇଛି। ଏମଏମଡିଆର ସଂଶୋଧିତ ଅଧିନିୟମ ରଦ୍ଦ, ସିଇସି ଜ୍ଞାନେଶ କୁମାରଙ୍କ ବହିଷ୍କାର ଓ ଗିରଫ, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଏବଂ ବନ୍ୟା ବିପର୍ଯ୍ୟୟରେ ପ୍ରଭାବିତ ଲୋକଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ନେଇ ଦାବି ଉଠାଯାଇଥିଲା। କଂଗ୍ରେସ ସଭାପତି ଗିରିଧାରୀ ସାହୁଙ୍କ ନେତୃତ୍ୱରେ ଯୁବନେତା ଅମିତ ସିଂ ସାଲୁଜା (ସେଜିସିଂ), ଜିଲ୍ଲା କଂଗ୍ରେସ କମିଟି ସମ୍ପାଦକ ଯଦୁପତି ଅଗସ୍ତି, ଏସ୍‌ସି ସେଲ୍ ବ୍ଲକ ସଭାପତି ବିଭୀଷଣ ମହାନନ୍ଦଙ୍କ ସମେତ ଉମେଶ ସିଂ ବର୍ମା, ଜିତେନ ହାତୀ, ପୂର୍ଣ୍ଣ ପଟେଲ, ତେଜରାଜ ଲୁହା, ଯଦୁ ତାଣ୍ଡି, ବୁଲୁ କୁମ୍ଭାର, ସାଗର ଛତ୍ରିଆ, ବୁଲୁ ବିଶି, ଦୁର୍ଭାଷା ସାହୁ, ବେଣୁ ପସାୟତ, ଉତ୍ତମ ମହାନନ୍ଦ, ଚତୁର ମହାନନ୍ଦ, ଟୁନା ରଣା, ବିଷ୍ଣୁ ସାହୁ, ଈଶ୍ୱର ଭୋଇ, ସୁବାସ ବଯ୍ନେ, କମଳ ବୁଡ଼େକ, ଛବି ସାହୁ, ନଟ ସୁନା, ଛବି ବଗର୍ତ୍ତୀ, ଗୋପାଳ ପଟ୍ଟନାୟକ, ଖଡ଼ଗଦ ମହାନନ୍ଦ, ପିତବାସ ବେହେରା, ପ୍ରେମାନନ୍ଦ ତାଣ୍ଡି, ପ୍ରଦୀପ ମହାକୁର, ରାକେଶ ସେଟ ଓ ଆନନ୍ଦ ତାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ।

## ଖଦ୍ୟୋତର ନୂଆଁଖାଇ ଭେଟଘାଟ




**ବଲାଙ୍ଗିର,୬।୧୦(ସମିସ):** ମାଲପଡାସ୍ଥିତ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଖଦ୍ୟୋତ ତରଫରୁ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରଫେସର ତରୁଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଭେଟଘାଟରେ ଉପ-ସଭାପତି ଡ. ରବିଚନ୍ଦ୍ର ପଶାୟତ, ସଂପାଦକ ଆକୁଳ ବେହେରା ଓ ମୁଖ୍ୟ ଅତିଥି ଭାବେ ପୂର୍ବତନ ପ୍ରଶାସନିକ ଅଧିକାରୀ ପଞ୍ଚାନନ ସେଠ ମଞ୍ଚାସୀନ ଥିଲେ। ଏହି ଅବସରରେ ପୂର୍ବରୁ ହୋଇଥିବା ଚିତ୍ରାଙ୍କନ ପ୍ରତିଯୋଗିତା ପାଇଁ ଅଭିପ୍ସା ସାହୁ, ଇପସିତା କର୍ଣ୍ଣ, ଦିବ୍ୟାଂଶୀ ମହାନ୍ତି, ହର୍ସିତା ସିଂ, ସ୍ମୃତି ପଟେଲ, ବର୍ଷାରାଣୀ ନାଏକ, ସ୍ୱୀକୃତି ମିଶ୍ର, ସ୍ୱନ୍ଦିତା ରଥ, ସାତ୍ୱିକ ରଥ, ଶିଭାନ୍ୟା ମିଶ୍ର, ସଂଗୀତ ଲାଗି ନୈତିକ ନୟନ ଦାଶ, ମନ୍ନତ ସାହୁ, ସମର୍ପିତା ବାରିକ, ଦିୟାଂଶି ମହାନ୍ତି, ନାଚ ପାଇଁ ଶିବନ୍ୟା ମିଶ୍ର, ସ୍ୱନ୍ଦିତା ରଥ, ଅଭିଭାବକ ମଧୁସ୍ମିତା କର୍ଣ୍ଣ ଓ ଅଧ୍ୟାପିତା ନମ୍ରତା ପାଣିଗ୍ରାହୀଙ୍କୁ ସମ୍ମାନିତ କରାଯାଇଥିଲା। ଆନନ୍ଦ ଚନ୍ଦ୍ର ବଡପଣ୍ଡା ସଂଯୋଜନା କରିଥିଲେ। ବରିଷ୍ଠ ସଦସ୍ୟ ଦିବାକର ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

## ଭୀମ ଆର୍ମିର ନୂଆଁଖାଇ ଭେଟଘାଟ




**ବଲାଙ୍ଗିର,୬।୧୦(ସମିସ):** ବଲାଙ୍ଗିର ଜିଲ୍ଲା ପୁଇଁନ୍ତଲା ବ୍ଲକ ମାଧିଆପାଲି ପଞ୍ଚାୟତ ରିନବନନ ଖେଳ ପଡିଆଠାରେ ଭୀମ ଆର୍ମି ଭାରତ ଏକତା ମିଶନ ସଂଗଠନ ତରଫରୁ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ଭୀମ ଆର୍ମି ସଂଗଠନରର ରାଜ୍ୟ ସଭାପତି ଧିମାନ ଲଙ୍କେଶ ରାବଣ, ଓକିଲ ଦୀନେଶ ନାଗ, ଜିଲ୍ଲା ସଭାପତି ନିକେଶ କୁମ୍ଭାର, ରଜନୀକାନ୍ତ ନାଗ, ପ୍ରଶାନ୍ତ ବୁଦ୍ଧ, ପ୍ରମୋଦ ନନ୍ଦ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୀପ୍ତିରଂଜନ ନନ୍ଦ, ଶ୍ରୀକାନ୍ତ ମହାନନ୍ଦ, ସୁଶାନ୍ତ ବୁଦ୍ଧ, ରାକେଶ ଦୀପ, ମୁକେଶ ଦୀପ, କୃତୀବାଶ ଦୀପ, ଦୀପ୍ତୀ ପ୍ରକାଶ ନନ୍ଦ, ଅନିଲ ମୁଗ୍ରୀ, ଆକାଶ ବାରିକ ପ୍ରମୁଖ ଯୋଗ ଦେଇଥିଲେ।

## ଜିଲ୍ଲାସ୍ତରୀୟ ସେବା ଜ୍ୟୋତି ଯାତ୍ରା ପାଇଁ ପ୍ରସ୍ତୁତି

**ବଲାଙ୍ଗିର,୬।୧୦(ସମିସ):** ଆସନ୍ତା ୭ ତାରିଖ ଦିନ ଜିଲ୍ଲାସ୍ତରୀୟ ସେବା ଜ୍ୟୋତି ଯାତ୍ରାକୁ ସଫଳ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ରର ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଗୌରବ ଶିୱାଜୀ ଇସଲୱାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଡା. ବିଜୟାନନ୍ଦ ସେଠୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତରଣୀ ସୁନା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଗୁଣନିଧି ମଲ୍ଲିକ ଏବଂ ଉପଜିଲ୍ଲାପାଳ ଆଲୋକ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ପଥରଚେପା ଛକକୁ ସେବା ଜ୍ୟୋତି ଛକ ଭାବେ ନାମକରଣ କରାଯିବା ସହ ଏକ ଭବ୍ୟ ବାଇକ୍ ରାଲି ଓ ମଶାଲ ପଦଯାତ୍ରା ଅନୁଷ୍ଠିତ ହେବ। ଏହି ରାଲି କୋଶଳ କଳା ମଣ୍ଡଳ ପର୍ଯ୍ୟନ୍ତ ଆୟୋଜିତ ହେବ। ଏହି ମଶାଲ ଯାତ୍ରା ବଲାଙ୍ଗୀର ଜିଲ୍ଲାର ପ୍ରମୁଖ ୫ଟି ନିର୍ବାଚନ ମଣ୍ଡଳୀରୁ ବାହାରି ଆସିବ। ବୈଠକରେ ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମୀ ରଞ୍ଜନ ମିଶ୍ର, ଜିଲ୍ଲା କ୍ରୀଡ଼ା ଅଧିକାରୀ ହରି ଓମ୍ ଶମ୍ଭୁ ନାରାୟଣ ମିଶ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝି, କ୍ରୀଡ଼ା ଛାତ୍ରାବାସ ଅଧିକ୍ଷକ ପରାଶର ବାଗ, ପୌରପାଳିକା ନିର୍ବାହୀ ଅଧିକାରୀ ସନ୍ତୋଷ ବେହେରା, ଆଞ୍ଚଳିକ ପରିବହନ ଅଧିକାରୀ ପ୍ରିୟବ୍ରତ ମହାନ୍ତିଙ୍କ ସମେତ ଜିଲ୍ଲାର ବରିଷ୍ଠ ପ୍ରଶାସନିକ ଅଧିକାରୀ, ପୋଲିସ ପ୍ରଶାସନର କର୍ମକର୍ତ୍ତା ଏବଂ ବିଭିନ୍ନ ବିଭାଗର ପ୍ରତିନିଧିମାନେ ଯୋଗଦେଇ ଯାତ୍ରାର ରୂପରେଖ, ସୁରକ୍ଷା ବ୍ୟବସ୍ଥା ଏବଂ ବିଭିନ୍ନ ବିଭାଗର ଦାୟିତ୍ୱ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଜିଲ୍ଲାରେ ଏହି କାର୍ଯ୍ୟକ୍ରମକୁ ସୁରୁଖୁରୁରେ ପରିଚାଳନା କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି।

## ବିଇଓ ଅଫିସରେ ପଡିଛି ସ୍କୁଲ ବ୍ୟାଗ୍

**କଣ୍ଟାବାଞ୍ଜି,୬।୧୦(ସମିସ):** ରାଜ୍ୟ ସରକାର ଗରିବ ଛାତ୍ରଛାତ୍ରୀଙ୍କ ମୁହଁରେ ହସ ଫୁଟାଇବାକୁ ଟଙ୍କା ଖର୍ଚ୍ଚ କରି ମାଗଣାରେ ସ୍କୁଲ ବ୍ୟାଗ ପଠାଉଛନ୍ତି; ହେଲେ ବଲାଙ୍ଗୀର ଜିଲ୍ଲାରେ ସେ ବ୍ୟାଗ ଛାତ୍ରଙ୍କ ପିଠିରେ ପଡୁନି ବରଂ ଅଫିସରେ ଧୂଳି ଖାଉଛି। ତୁରେକେଲା, ବଙ୍ଗୋମୁଣ୍ଡା ଓ ମୁରିବାହାଲ - ବ୍ଲକ୍ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ହଜାର ହଜାର ବ୍ୟାଗ ଗଦା ହୋଇ ରହିଛି। ୨ ମାସ ହେଲା ବ୍ୟାଗ ଆସିଛି; ହେଲେ ବଣ୍ଟନ ହେଉନି। କାହିଁକି ବୋଲି ଏବେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ରାଜ୍ୟ ସରକାର ଗରିବ ପିଲାଙ୍କ ପାଇଁ ରାଜକୋଷରୁ ଟଙ୍କା ଖର୍ଚ୍ଚ କରି ମାଗଣା ସ୍କୁଲ ବ୍ୟାଗ ଦେଉଛନ୍ତି। ଉଦ୍ଦେଶ୍ୟ ହେଉଛି ପିଲା ନୂଆ ବ୍ୟାଗରେ ବହି ନେଇ ସ୍କୁଲ ଆସିବେ; ହେଲେ କଣ୍ଟାବାଞ୍ଜିରେ ଚିତ୍ର ଓଲଟା। ବ୍ୟାଗ ଆସିକି ୨ ମାସରୁ ଅଧିକ ହେଲାଣି; ହେଲେ ବ୍ଲକ ଶିକ୍ଷା ଅଧିକାରୀଙ୍କ ଅଫିସରୁ ସ୍କୁଲକୁ ଯାଉନି। ମୁରିବାହାଲ ବ୍ଲକରେ ନାମ ମାତ୍ର କିଛି ସ୍କୁଲରେ ବଣ୍ଟନ ହୋଇଛି; କିନ୍ତୁ ତୁରେକେଲା ଓ ବଙ୍ଗୋମୁଣ୍ଡାରେ ଗୋଟିଏ ବି ବ୍ୟାଗ ପିଲାଙ୍କ ପାଖରେ ପହଞ୍ଚିନାହିଁ। ପିଲାମାନେ ଏବେ ବି ଛିଣ୍ଡା, ଫଟା ପୁରୁଣା ବ୍ୟାଗରେ ବହି ନେଉଛନ୍ତି। ତେବେ ଏହି ବ୍ୟାଗ ଗଦାଇ ରଖିବା ପଛରେ ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ହାତ ଥିବା ଚର୍ଚ୍ଚା ଜୋର ଧରିଛି। ତେବେ ଏନେଇ ୩ ବ୍ଲକର ଶିକ୍ଷା ବିଭାଗ ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ଏହି ଘଟଣାକୁ ନେଇ କିଏ ପ୍ରତିକ୍ରିୟା ଦେଇ ନାହାନ୍ତି।

### ଆଇନଜୀବୀ ଜୟଦୀପଙ୍କ ପରଲୋକ

**ମୁରିବାହାଲ,୬।୧୦(ସମିସ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ସଦର ଷ୍ଟେସନପଡ଼ାର ବରିଷ୍ଠ ଆଇନଜୀବୀ ଜୟଦୀପ ପୁରୋହିତ (୬୫)ଙ୍କ ପରଲୋକ ହୋଇଯାଇଛନ୍ତି। ସେ ଗତ କିଛି ଦିନ ଧରି ଅସୁସ୍ଥ ଥିଲେ। ଅସୁସ୍ଥତା ହେତୁ ଟିଟିଲାଗଡ଼ ବହିଦାରପଡ଼ାରେ ରହୁଥିଲେ। ଟିଟିଲାଗଡ଼ ହାଟପଦାସ୍ଥିତ ସ୍ୱର୍ଗଦ୍ୱାରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ ପୁଅ ଅଭିଷେକ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



## ବଲାଙ୍ଗିରରେ ବେଲଗାମ ଘରୋଇ ଶିକ୍ଷାନୁଷ୍ଠାନ

■ ତଞ୍ଚକତା କରି ଅନୁମତି ହାସଲ
■ ଛାତ୍ରଛାତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥା ଅଣଦେଖା
■ ଯାଞ୍ଚ ନକରି ପ୍ରଶାସନର ନୀରବ ସହଯୋଗ

ବଲାଙ୍ଗିର,୬।୧୦(ସମିସ): ବଲାଙ୍ଗିରରେ ବେଲଗାମ ଘରୋଇ ଶିକ୍ଷାନୁଷ୍ଠାନ। ବଲାଙ୍ଗିର ସହରରେ ଥିବା ଡିଏନଏ ନାମକ ଏକ ଘରୋଇ କଲେଜର ମାଲିକ ଜଣେ ଛାତ୍ରଙ୍କ ସହ ଆଶାଳୀନ ବ୍ୟବହାର କରିବା, ତାଙ୍କ ସହ ଯୌନ ସଂପର୍କ ରଖିବାକୁ କରିବା ଏବଂ ହ୍ୱାଟ୍ସଆପରେ ଆଶାଳୀନ ଫଟୋ ପଠାଇବା ସାମ୍ନାକୁ ଆସିଛି। ଏହି ଘଟଣା ପରେ ଅବଶ୍ୟ ପ୍ରଶାସନ ପକ୍ଷରୁ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବକ ନିକଟରେ କଲେଜକୁ ସିଲ୍ କରାଯାଇଛି। ହଷ୍ଟେଲ ସିଲ୍ କରିବା ପୂର୍ବରୁ ମାଲିକଙ୍କୁ ସମୟ ଦିଆଯାଇଥିଲା। ଏହି ଘଟଣା ପରେ ଏବେ ସହରରେ ତଥା ଜିଲ୍ଲାରେ ଥିବା ବିଭିନ୍ନ ଘରୋଇ କଲେଜର ପରିବେଶ, ହଷ୍ଟେଲ ପରିଚାଳନା ଓ ସୁରକ୍ଷା ବ୍ୟବସ୍ଥାକୁ ନେଇ ଅନେକ ପ୍ରଶ୍ନ ସୃଷ୍ଟି ହୋଇଛି। କୌଣସି ଘରୋଇ ସ୍କୁଲ ବା କଲେଜ ଖୋଲିବାକୁ ହେଲେ ଏହି ବ୍ୟବସ୍ଥା କରିବା ସହ ବିଭାଗୀୟ ଅନୁମତି, ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନି ସୁରକ୍ଷା ପ୍ରମାଣପତ୍ରର ନିହାତି ଆବଶ୍ୟକ। ଏହାକୁ ଘରୋଇ ସ୍କୁଲ ଓ କଲେଜ ମାଲିକମାନେ ଅଣଦେଖା କରୁଛନ୍ତି। ବର୍ତ୍ତମାନ ସଂପୃକ୍ତ କଲେଜର ଦସ୍ତାବିଜ ଯାଞ୍ଚ ପ୍ରକ୍ରିୟା ଚାଲିଛି। ଜିଲ୍ଲାର ଅନ୍ୟ ଘରୋଇ ଶିକ୍ଷାନୁଷ୍ଠାନ ଗୁଡିକର ମଧ୍ୟ ସମସ୍ତ ଦସ୍ତାବିଜ ରହିଛି ନା ନାହିଁ ତାହା ସବୁଠାରୁ ବଡ ପ୍ରଶ୍ନ। ନିକଟରେ ବଲାଙ୍ଗିର ସହରରେ ଥିବା ଡିଏନଏ କଲେଜ ଉପରେ ପ୍ରଶାସନ ପକ୍ଷରୁ ଚଢଉ କରାଯାଇଥିଲା। କଲେଜ ମାଲିକଙ୍କ ଏକ ଚାଟିଂ ଭିଡିଓ ଓ ଅଡିଓ ଭାଇରାଲ ହେବା ପରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ଶିଶୁ ମଙ୍ଗଳ କମିଟି, ଶିକ୍ଷା ଓ ପୁଲିସ ପକ୍ଷରୁ ଏହି ଚଢଉ କରାଯାଇଥଲା। ଚଢଉ ଦିନ ହିଁ କଲେଜକୁ ସିଲ୍ କରାଯାଇଥିଲା। ଏହା ପରେ କଲେଜ ହଷ୍ଟେଲକୁ ଖାଲି କରିବା ପାଇଁ ଦୁଇ ଦିନର ସମୟ ଦିଆଯାଇଥିଲା। ପରେ ସିଲ୍ କରାଯିବ ବୋଲି ଗଣମାଧ୍ୟମକୁ କୁହାଯାଇଥିଲା। ତେବେ ଏହି ଚଢଉ ସମୟରେ ପ୍ରଶାସନ ପକ୍ଷରୁ ଗଠନ ହୋଇଥିବା ଟିମ କଲେଜର ବିଭିନ୍ନ ଅନୁମତି, ପ୍ରମାଣ ପତ୍ର ସଂପର୍କିତ କଜାଗଜପତ୍ର ଯାଞ୍ଚ କରିଥିଲେ। କାଗଜପତ୍ରରେ ମଧ୍ୟ ଅନେକ ଅନିୟମିତତା କରାଯାଇଥିବା ଜଣାପଡିଥିଲା। ତେବେ ଅଧିକାରୀମାନେ କାଗଜପତ୍ର ଯାଞ୍ଚ କରୁଥିବା ବେଳେ ହଷ୍ଟେଲରେ ରହୁଥିବା ଛାତ୍ରଙ୍କ ପ୍ରତି ମାଲିକ ପୋଷଣ କରିଥିବା ବ୍ୟବହାରକୁ ନେଇ ଅନେକ ପ୍ରଶ୍ନ ଉଠିଥିଲା। ଏହି ଘଟଣା ପରେ ସହର ତଥା ଜିଲ୍ଲାରେ ଥିବା ବିଭିନ୍ନ ଘରୋଇ ଶିକ୍ଷାନୁଷ୍ଠାନର ପରିବେଶ ଓ ସୁରକ୍ଷା ବ୍ୟବସ୍ଥାକୁ ନେଇ ଅଭିଭାବକ ପ୍ରଶ୍ନ ଉଠାଉଛନ୍ତି। ହଷ୍ଟେଲ ଚଳାଇବା ପାଇଁ ଶିକ୍ଷାନୁଷ୍ଠାନକୁ ସରକାରୀ ନିୟମ ଅନୁସାରେ ସମସ୍ତ ବ୍ୟବସ୍ଥା କରିବା ସହ ବିଭାଗୀୟ କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ପତ୍ର ନେବାକୁ ପଡିଥାଏ। ବିଶେଷ କରି ହଷ୍ଟେଲରେ ଛାତ୍ରଛାତ୍ରୀ ରହୁଥିବା ବେଳେ ସେଠାକାର ସୁରକ୍ଷା ବ୍ୟବସ୍ଥା ନିହାତି ଆବଶ୍ୟକ; କିନ୍ତୁ ଜିଲ୍ଲାରେ ଥିବା ଅନେକ ଘରୋଇ ହଷ୍ଟେଲଗୁଡିକ ପାଖରେ ଉକ୍ତ ଅନୁମତି ନାହିଁ। ଶିକ୍ଷା ବିଭାଗ ପକ୍ଷରୁ ମଧ୍ୟ କେବେ ଯାଞ୍ଚ କରାଯାଉନି। ଅନେକ ଘରୋଇ ଶିକ୍ଷାନୁଷ୍ଠାନର ନିଜସ୍ୱ ହଷ୍ଟେଲ କୋଠା ନ ଥିବା ବେଳେ ସେମାନେ ଭଡାସୂତ୍ରରେ ଘର ନେଇ ହଷ୍ଟେଲ ବ୍ୟବସ୍ଥା କରିଛନ୍ତି। ସେହି ଭଡା ହଷ୍ଟେଲର ସୁରକ୍ଷା ବ୍ୟବସ୍ଥା ନିହାତି ଭାବେ ଏକ ବଡ ପ୍ରଶ୍ନ। ସହର ତଥା ଜିଲ୍ଲାରେ ଗତ କିଛି ବର୍ଷ ଭିତରେ ଛତୁ ଫୁଟିଲା ଭଳି ଘରୋଇ ସ୍କୁଲ, କଲେଜ, ନର୍ସିଂ କଲେଜ ଗୁଡିକ ଆରମ୍ଭ ହୋଇଛି। ଯେଉଁମାନେ କି ଅନୁମତି ପାଇବା ପାଇଁ କାଗଜପତ୍ରରେ ଅନେକ ତଞ୍ଚକତା କରି ଅନୁମତି ହାସଲ କରିନେଇ ଶିକ୍ଷ ର ବ୍ୟବସାୟ ଚଳାଇଛନ୍ତି। ଅନେକଙ୍କ ପାଖରେ ଶିକ୍ଷାନୁଷ୍ଠାନ ପରିଚାଳନାର ଅନୁମତି ମଧ୍ୟ ନ ଥାଇ ସେମାନେ ଶିକ୍ଷାନୁଷ୍ଠାନ ସହ ହଷ୍ଟେଲ ଚଳାଉଥିବା ମଧ୍ୟ ଜିଲ୍ଲାରେ ନଜିର ରହିଛି।

## ପାଣି ନାଁରେ କଣ୍ଟାବାଞ୍ଜିରେ ବିଷ ବିକ୍ରି

◆ପାଣି ପାଉଚ୍ ଖୋଲିଲେ ଅଖା ଗନ୍ଧ
◆ଗ୍ରାହକଙ୍କ ସ୍ୱାସ୍ଥ୍ୟ ସହ ଖେଳ
◆ଗୋଳିଆ ପାଣିକୁ ମିନେରାଲ କହି ବିକ୍ରି
◆ଏଫ୍‌ଏସ୍‌ଏସ୍‌ଏଆଇ ନିୟମ ଫୁ
◆ନିଦାବିଷ୍ଟ ଖାଦ୍ୟ ସୁରକ୍ଷା ବିଭାଗ

କଣ୍ଟାବାଞ୍ଜି,୬।୧୦(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ସହରରେ ଏବେ ପିଇବା ପାଣି ନାଁରେ ବିଷ ବିକ୍ରି ହେଉଛି। ସହରର ଗଳି କନ୍ଦିରେ ବିକ୍ରି ହେଉଥିବା ଏକ ବ୍ରାଣ୍ଡର ପ୍ୟାକେଜ୍ଡ ପାଣି ପାଉଚକୁ ନେଇ ଏବେ ସାଂଘାତିକ ଅଭିଯୋଗ ସାମ୍ନାକୁ ଆସିଛି। ପାଉଚ ଉପରେ ପ୍ୟାକିଂ ତାରିଖ, ଏକ୍ସପାୟାରୀ ତାରିଖ, ବ୍ୟାଚ ନମ୍ବର ନାହିଁ; କିନ୍ତୁ ଦୋକାନରେ ଜୋରଦାର ବିକ୍ରି ଚାଲିଛି। ଆହୁରି ସାଂଘାତିକ ପାଉଚ ଖୋଲିଲେ ଦୁର୍ଗନ୍ଧ ବାହାରୁଛି। ପାଣି ଗୋଳିଆ ଦେଖାଯାଉଛି। ଟାବାଞ୍ଜିର କିଛି ଗ୍ରାହକ ଅଭିଯୋଗ କରିଛନ୍ତି ଯେ ପ୍ୟାକେଜ୍ଡ ପାଣି ଭାବି କିଣୁଛନ୍ତି। ପ୍ୟାକେଜ୍ଡ ପାଣି ସୁରକ୍ଷିତ ବୋଲି ଭରସା ଥାଏ; ହେଲେ ଖୋଲିବା ପରେ ଜଣାପଡୁଛି ନଳକୂପ ପାଣି ଭଳି ଗୋଳିଆ। ଅଖା ଗନ୍ଧ ବାହାରୁଛି। ତାରିଖ ନ ଥିବାରୁ ଏହା କେବେର ପାଣି ଜାଣିହେଉନି। ଏହା ଏଫ୍‌ଏସଏସଏଆଇ ନିୟମର ସିଧା ଉଲ୍ଲଂଘନ କରୁଛି। ନିୟମ ଅନୁଯାୟୀ ପ୍ରତ୍ୟେକ ପ୍ୟାକେଜ୍ଡ ପାଣି ପାଉଚରେ ପ୍ୟାକିଂ ତାରିଖ, ଏକ୍ସପାୟାରୀ ତାରିଖ, ଏମ୍‌ଆର୍‌ପି, ପ୍ଲାଣ୍ଟର ନାଁ ଓ ଏଫ୍‌ଏସଏସଏଆଇ ଲାଇସେନ୍ସ ନମ୍ବର ବାଧ୍ୟତାମୂଳ। ବିନା ତାରିଖର ଏତେ ସଂଖ୍ୟାରେ ପାଉଚ ପାଣି କଣ୍ଟାବାଞ୍ଜି ବଜାରରେ କେମିତି ବିକ୍ରି ହେଉଛି ତାହା ସନ୍ଦେହ ସୃଷ୍ଟି କରିଛି। ଖାଦ୍ୟ ସୁରକ୍ଷା ଅଧିକାରୀ ନିଦରେ ଶୋଇ ପଡିଛନ୍ତି। ଏହି ପାଣି ପ୍ଲାଣ୍ଟଟି କେଉଁଠି ଅଛି, ତାହାର ଆଇଏସଆଇ ମାର୍କ ଓ ଲାଇସେନ୍ସ ଅଛି କି ନାହିଁ ବୋଲି ସ୍ଥାନୀୟ ଲୋକଙ୍କ ମଧ୍ୟରେ ପ୍ରଶ୍ନ ଉଠୁଛି। ବିନା ପରୀକ୍ଷା ଓ ଗୋଳିଆ ପାଣି ପିଇଲେ ଝାଡ଼ା, ବାନ୍ତି, ଟାଇଫଏଡ ଓ ପେଟ ରୋଗ ହେବାର ଆଶଙ୍କା ବହୁତ ଅଧିକ। ବିଶେଷ କରି ଛୋଟ ପିଲା ଓ ବୟସ୍କ ଲୋକଙ୍କ ପାଇଁ ଏହା ବହୁତ ବିପଦଜନକ। ତୁରନ୍ତ ଖାଦ୍ୟ ସୁରକ୍ଷା ବିଭାଗ ଓ ପୌର ପରିଷଦ ମିଳିତ ଚଢଉ କରି ପାଉଚର ନମୁନା ସଂଗ୍ରହ କରି ଲାବୋରେଟୋରୀ ପରୀକ୍ଷା କରାଯାଉ। ପ୍ଲାଣ୍ଟର ଲାଇସେନ୍ସ ଯାଞ୍ଚ କରାଯାଉ। ଅନିୟମିତତା ପ୍ରମାଣିତ ହେଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି କଣ୍ଟାବାଞ୍ଜି ଅଞ୍ଚଳବାସୀ ଦାବି କରିଛନ୍ତି। ଏନେଇ ସମ୍ପୃକ୍ତ ମୂଳ ବ୍ରାଣ୍ଡର ପ୍ୟାକେଜ୍ଡର ମାଲିକ ମନିଷ ଆରିୟାଙ୍କୁ ପଚାରିବାରୁ କଣ୍ଟାବାଞ୍ଜି, ମୁରିବାହାଲ, ପାଟଣାଗଡ଼, ଟିକ୍ରାପଡା ଭଳି ଅଞ୍ଚଳରେ ବେଆଇ ଭାବେ ପାଣି ପ୍ୟାକେଜ୍ଡ ଫ୍ୟାକ୍ଟ୍ରି କରି ବିକ୍ରି କରାଯାଉଛି; କିନ୍ତୁ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ବୋଲି କହିଛନ୍ତି।

## ମାହେଶ୍ୱରୀ ପୀଠରେ ଷୋହଳ ପୂଜା, ଖଣ୍ଡା ବସା ଆରମ୍ଭ

**ମୁରିବାହାଲ,୬।୧୦(ସମିସ):** ମୁରୀବାହାଲ ମାହେଶ୍ୱରୀ ପୀଠରେ ଷୋହଳ ଦିନାତ୍ମକ ପୂଜା ଖଣ୍ଡା ବସା ପୂଜା ଆରମ୍ଭ ହୋଇଛି। ବିରଞ୍ଚି ମେରଲି, ସୁବାଷ ବଘାର, ମୁରଲୀ ଖମାରୀ, ସୁରେଶ ଅମାତ, ସୁଦର୍ଶନ କର୍ମୀ, ବରୁଆ ଉମେଶ ବଘାର ପ୍ରମୁଖ ପୂଜାରେ ସହଯୋଗ କରୁଥିଲେ। ପୂଜା କମିଟି ସଭାପତି ପ୍ରଫୁଲ୍ଲ ବଘାର, କୋଷାଧ୍ୟକ୍ଷ ମୁକୁନ୍ଦ ପ୍ରଧାନ, ଶ୍ରୀମୁଖ ବଘାର, ସଦସ୍ୟ ବାଲଗୋପାଲ ବଘାର, ଅମ୍ଳାନ ବଘାର, କୁନୁ ପଧାନ, ସ୍ୱାଧୀନ ବଘାର, ଦୁର୍ଯ୍ୟୋଧନ ବଘାର, ରାଧାକାନ୍ତ ବଘାର, ତରଣୀ ବଘାର୍, ଅଶ୍ୱିନୀ ବଘାର୍, ଯୁବରାଜ ବଘାର୍, ପିଣ୍ଟୁ ବଘାର, ପିକୁନ ପଧାନ, ସାଗର ମାହାର, ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଅଞ୍ଚଳର ଯମୁନା ପୀଠ, ବାଗବାହାଲି, ଖରାଳୀ, ଚନାବାହାଲ, ବାରବନ୍ଧ, ଜନିପଡ଼ା, ଦନ୍ଦରା ପୀଠରେ ମଧ୍ୟ ଖଣ୍ଡା ବସା ପୂଜା ଅନୁଷ୍ଠିତ ହୋଇଯାଇଛି।

## ବଲାଙ୍ଗିର ସହର ସାରା ଆବର୍ଜନାର ପାହାଡ଼

### ଜାତୀୟ ରାଜପଥ ଅବରୋଧ

**ବଲାଙ୍ଗିର,୬।୧୦(ସମିସ):** ବଲାଙ୍ଗିର ପୌରପାଳିକା ପକ୍ଷରୁ ସହରର ବିଭିନ୍ନ ରାସ୍ତା ପାଶ୍ୱର୍ରେ ଆବର୍ଜନା ପକାଯାଉଛି। ଏହାକୁ ବିରୋଧ କରି ମଙ୍ଗଳବାର ଆନ୍ଦୋଳନ ଦେଖା ଦେଇଛି। ଜାତୀୟ ରାଜପଥ-୨୬ ବାଇପାସ ନିକଟରେ ଆବର୍ଜନା ପକାଯିବାକୁ ବିରୋଧ କରି ମୁକ୍ତି ଏ ସୋସିଆଲ ଟ୍ରଷ୍ଟ ପକ୍ଷରୁ ଆନ୍ଦୋଳନ କରାଯାଇଥିଲା। ଆନ୍ଦୋଳନକାରୀ ରାସ୍ତା ଉପରେ ବସି ଜାତୀୟ ରାଜପଥ ଅବରୋଧ କରିଥିଲେ। ଆନ୍ଦୋଳନକାରୀଙ୍କ ଅଭିଯୋଗ ଅନୁଯାୟୀ, ସହରରୁ ସଂଗ୍ରହ ହେଉଥିବା ଆବର୍ଜନାକୁ ବାଇପାସ ନିକଟ ରାସ୍ତା ପାଶ୍ୱର୍ରେ ନିୟମିତ ଭାବେ ପକାଯାଉଛି। ଏହା ଫଳରେ ଅଞ୍ଚଳରେ ଦୁର୍ଗନ୍ଧ ସୃଷ୍ଟି ହେବା ସହ ଜନସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି ହେଉଛି। ଏହା ସହିତ ଆବର୍ଜନା ଯୋଗୁଁ ପରିବେଶ ପ୍ରଦୂଷିତ ହେବା ସହ ରାସ୍ତାରେ ଯାତାୟାତ କରୁଥିବା ଲୋକେ ମଧ୍ୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟାର ସ୍ଥାୟୀ ସମାଧାନ ଦାବିରେ ଆନ୍ଦୋଳନକାରୀ ପୌରପାଳିକା ନିକଟରେ ପୂର୍ବରୁ ଦାବି ଜଣାଇଛନ୍ତି। ତେବେ ଦାବି ପୂରଣ ନ ହେବାରୁ ବାଧ୍ୟ ହୋଇ ରାଜପଥ ଅବରୋଧ କରାଯାଇଥିବା ସେମାନେ ପ୍ରକାଶ କରିଛନ୍ତି। ଆବର୍ଜନା ପକାଇବା ପାଇଁ ଉପଯୁକ୍ତ ସ୍ଥାନ ଚିହ୍ନଟ, ଆବର୍ଜନାର ବୈଜ୍ଞାନିକ ପରିଚାଳନା ଏବଂ ରାସ୍ତା ପାଶ୍ୱର୍ରୁ ପୂର୍ବରୁ ପକାଯାଇଥିବା ଆବର୍ଜନା ହଟାଇବାକୁ ଆନ୍ଦୋଳନକାରୀ ଦାବି କରିଛନ୍ତି। ଅନ୍ୟପକ୍ଷରେ ଜାତୀୟ ରାଜପଥ ଅବରୋଧ ଯୋଗୁଁ ରାସ୍ତାର ଉଭୟ ପାଶ୍ୱର୍ରେ ଯାନବାହନ ଅଟକି ରହିଥିଲା। ଏହା ଫଳରେ କିଛି ସମୟ ପାଇଁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲା। ଆବର୍ଜନା ସମସ୍ୟାର ସମାଧାନ ପାଇଁ ପୌରପାଳିକା ପକ୍ଷରୁ ଆବଶ୍ୟକ ପଦକ୍ଷେପ ନେବା ନେଇ ପ୍ରତିଶ୍ରୁତି ପରେ ଆନ୍ଦୋଳନ ହଟିଥିଲା। ସହରରେ ବଢୁଥିବା ଆବର୍ଜନା ସମସ୍ୟାକୁ ନେଇ ଦୀର୍ଘଦିନ ଧରି ଅସନ୍ତୋଷ ରହିଥିବା ବେଳେ ଏହାର ସ୍ଥାୟୀ ସମାଧାନ ନ ହେଲେ ଆନ୍ଦୋଳନ ତୀବ୍ର କରାଯିବ ବୋଲି ଆନ୍ଦୋଳନକାରୀ ଚେତାବନୀ ଦେଇଛନ୍ତି।

## ଲୋକକଳା ଉଜ୍ଜୀବିତ ରଖିବାକୁ ସମସ୍ତଙ୍କ ପ୍ରୟାସ ଜରୁରୀ





ଦେଓଗାଁ,୬।୧୦(ସମିସ): ଦେଓଗାଁ କଛାରପାଲି ରଣାପଡାସ୍ଥିତ ଜୟଦୁର୍ଗା କ୍ଲବ୍‌ରେ ମଙ୍ଗଳବାର ବ୍ଲକ କଳା ସଂସ୍କୃତି ସଂଘର ନୂଆଁଖାଇ ଭେଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାରମ୍ପାରିକ ଲୋକକଳା ପ୍ରାୟତଃ ବିଲୁପ୍ତ ହେବାକୁ ବସିଛି। ଏହା ଚିନ୍ତାର ବିଷୟ। ଏହାକୁ ଉଜ୍ଜିବିତ କରି ରଖିବା ପାଇଁ ସମସ୍ତଙ୍କ ପ୍ରୟାସ ଜରୁରୀ ବୋଲି ଅତିଥିଗଣ ଗୁରୁତ୍ୱାରୋପ କରିଥିଲେ। ଏଥିରେ ବିଶିଷ୍ଟ ସମ୍ବଲପୁରୀ ସଂଗୀତଜ୍ଞ ନବୀନ କୁଅଁର, ଶିକ୍ଷକ ପ୍ରଦୀପ ଛତ୍ରିଆ, କଳା ସଂଗଠକ ବାସୁଦେବ ସା, ବିଶିଷ୍ଟ ପାରମ୍ପାରିକ ଲୋକକଳାକାର ପୂର୍ଣ୍ଣିମା ନନ୍ଦ, ବରିଷ୍ଠ ଲୋକଗୀତ କଣ୍ଠଶିଳ୍ପୀ ବିଲମ୍ବ କୁମ୍ଭାର, ସ୍ଥାନୀୟ ଯୁବ ସଂଗଠକ ଅଜୟ ରଣା, ବିଭୁଚରଣ ରଣା, କେଶବ ଚନ୍ଦ୍ର ରଣା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବରିଷ୍ଠ କଳାକାର ଶରତ ପୁଟେଲ ସଂଯୋଜନା କରିଥିବାବେଳେ ବିଡିଓ ପ୍ରିୟ ରଞ୍ଜନ କୁମାର ସଭାପତିତ୍ୱ କରିଥିଲେ। ସୁଦାମ ଚରଣ ବିଶି ଅତିଥି ପରିଚୟ ଦେବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅବନୀ ପଧାନ ଓ ଧନେଶ୍ୱର ଥନାପତିଙ୍କ ପରିଚାଳନାରେ ଲୋକକଳା ପ୍ରଦର୍ଶିତ ହୋଇଥିଲା। ସୁରଥ ଧରୁଆ, ଚିତ୍ରସେନ ସୁନା, ରାଜେନ୍ଦ୍ର ନନ୍ଦ, ଗଣ୍ଡାରାମ କପାଟ, ମହାଦେବ ମେହେର, ଭୀମ ସାଗର, ଯୌବନ ନନ୍ଦ ପ୍ରମୁଖ ସହଯୋଗ କରିଥିଲେ।






## ବିଶେଷ ଟିପ୍ପଣୀ



ଭାରତର ସୁପ୍ରିମକୋର୍ଟ କିମ୍ବା ଦୁଇଜଣ ନିର୍ବାଚନ କମିସନର କେହି ବି ଫର୍ମ-୬ର ପରିବର୍ତ୍ତନକୁ ଅନୁମୋଦନ କରିନାହାନ୍ତି। ଦୁଇଜଣ ନିର୍ବାଚନ କମିସନର ଏହି ପରିବର୍ତ୍ତନ ନେଇ ଆପତ୍ତି ଉଠାଇଥିଲେ, ଯାହା ପରବର୍ତ୍ତୀ ସମୟରେ ଫର୍ମ-୬ରୁ ହଟାଇ ଦିଆଯାଇଥିଲା। ଜ୍ଞାନେଶ କୁମାର ଉତ୍ତର ଦେବା ଆବଶ୍ୟକ ଯେ, ବିହାରରେ ଫର୍ମ-୬ରେ କରାଯାଇଥିବା ପରିବର୍ତ୍ତନ ପାଇଁ କିଏ ଅନୁମତି ଦେଇଥିଲା?

*-ଡ. ସୟିଦ ନସିର ହୁସେନ୍ (ରାଜ୍ୟସଭା ସାଂସଦ)*



ଅପରେସନ୍ ଜ୍ଞାନେଶ କୁମାର ସାରା ଦେଶରେ ହଇଚଇ ସୃଷ୍ଟି କରିଛି। ତେଣୁ ନିର୍ବାଚନ ପାଇଁ ବିଜେପି ଆଗୁଆ ସିବିଆଇକୁ ପଞ୍ଜାବ ପଠାଯାଇଛି। ଏହି ଚଢଉ ଶକ୍ତିର ନୁହେଁ ବରଂ ହତାଶାର ପ୍ରମାଣ।

*-ମନିସ ଶିଶୋଦିଆ (ଆପ୍ ନେତା)*

## ଜେନ୍ Z

ଯଦି ଭାରତର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ମୁଖ୍ୟ ନିର୍ବାଚନ କମିସନର୍‌ଙ୍କୁ ଭେଟିବାକୁ ଚାହାଁନ୍ତି, ତେବେ ତାଙ୍କୁ ଭେଟିବା ଉଚିତ। ତାଙ୍କର ମଧ୍ୟ ଏକ ସାମ୍ବିଧାନିକ ପଦବୀ ଅଛି ଏବଂ ତାଙ୍କୁ ଯଥୋଚିତ ସମ୍ମାନ କରାଯିବା ଉଚିତ। ସର୍ବୋପରି, ଯଦି ଆପଣ ସତ୍ୟନିଷ୍ଠ, ତେବେ ଭୟ କାହିଁକି?

-ଅମରେଶ ତିୱାରୀ @AmreshTiwary9






# ଜ୍ଞାନେଶ ହଟାଅ ସ୍ଲୋଗାନରେ କମ୍ପିଲା ଦିଲ୍ଲୀ

## ପୁଲିସ ବାରିକେଡକୁ ଚକ୍‌ମା ଦେଲେ ରାହୁଲ, ପ୍ରିୟଙ୍କା



ନୂଆଦିଲ୍ଲୀ,୬ା୧୦(ଏଜେନ୍ସି): ଭୋଟ ଚୋରି ଅଭିଯୋଗରେ ନିର୍ବାଚନ ଆୟୋଗ ଅଭିମୁଖେ ଇଣ୍ଡିଆ ମହାମେଣ୍ଟର ମଙ୍ଗଳବାର ଶୋଭାଯାତ୍ରା ହୋଇଛି। ଶୋଭାଯାତ୍ରାକୁ ପୁଲିସ ଅଧାବାଟରେ ଅଟକାଇଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଆନ୍ଦୋଳନକୁ ଆକାଶବାଣୀ ଭବନ ପରିସର ମଧ୍ୟକୁ ନେଇ ନାଟକୀୟ ମୁହାଁମୁହିଁ ସ୍ଥିତି ସୃଷ୍ଟି କରିଛନ୍ତି। ମୁଖ୍ୟ ନିର୍ବାଚନ ଆୟୁକ୍ତ (ସିଇସି) ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ସଂସଦ ଭବନରୁ ନିର୍ବାଚନ ଆୟୋଗ କାର୍ଯ୍ୟାଳୟ ଅଭିମୁଖେ ବାହାରିଥିବା ବିକ୍ଷୋଭ ଶୋଭାଯାତ୍ରାକୁ ପୁଲିସ ସଂସଦ ମାର୍ଗ ଓ ନୀତି ଆୟୋଗ ନିକଟରେ ବାରିକେଡ୍ ଲଗାଇ ଅଟକାଇଥିଲା। ପୁଲିସ ବିରୋଧୀ ଦଳର ବହୁ ସାଂସଦଙ୍କୁ ଅଟକ ରଖି ବସରେ ନେଇଥିଲା। ଅପରାହ୍ଣ ପ୍ରାୟ ୧୨.୨୦ରେ ରାହୁଲ ହଠାତ୍ ଆକାଶବାଣୀ ଭବନର ପ୍ରବେଶ ପଥ ଆଡ଼କୁ ଦୌଡ଼ି ଯାଇଥିଲେ ଏବଂ ଭିତରକୁ ପ୍ରବେଶ କରିଥିଲେ। ଏହାପରେ ପୂର୍ବରୁ ବସରେ ବସିଥିବା ପ୍ରିୟଙ୍କା ଗାନ୍ଧୀ ଭାଦ୍ରା ମଧ୍ୟ ବସରୁ ଓହ୍ଲାଇ ଆକାଶବାଣୀ ଭବନ ପରିସରରେ ତାଙ୍କ ସହ ଯୋଗ ଦେଇଥିଲେ। ଦୁଇ ନେତା ୪ ନମ୍ବର ଗେଟ୍ ନିକଟରେ ଥିବା ଏକ ଗଛ ତଳେ ଧାରଣାରେ ବସିଥିଲେ। ଏହି ସମୟରେ କଂଗ୍ରେସ ସାଧାରଣ ସମ୍ପାଦକ କେସି. ଭେଣୁଗୋପାଳ, ପବନ ଖେଡ଼ା, ଦୀପେନ୍ଦ୍ର ହୁଡ୍ଡା, ପ୍ରଣୀତି ଶିନ୍ଦେ ଏବଂ ଅନ୍ୟାନ୍ୟ ନେତାମାନେ ମଧ୍ୟ ଭିତରକୁ ଆସି ସେମାନଙ୍କ ସହ ସାମିଲ ହୋଇଥିଲେ। ନୂଆଦିଲ୍ଲୀ ଡିସିପି ସଚିନ ଶର୍ମା ଘଟଣାସ୍ଥଳରେ ପହଞ୍ଚି ନେତାମାନଙ୍କ ସହ ଆଲୋଚନା କରିଥିଲେ। ଅପରାହ୍ଣ ପ୍ରାୟ ୨:୩୦ ରେ ପରିସର ଭିତରୁ ସାମ୍ବାଦିକମାନଙ୍କୁ ସମ୍ବୋଧିତ କରି ରାହୁଲ ଗାନ୍ଧୀ କହିଥିଲେ, ମୁଁ ଗଣତନ୍ତ୍ରର ସୁରକ୍ଷା ପାଇଁ ଏଠାରେ ଛିଡ଼ା ହୋଇଛି।

## ସେମାନେ କେହି ରକ୍ଷା ପାଇବେ ନାହିଁ: ରାହୁଲ



ନୂଆଦିଲ୍ଲୀ,୬ା୧୦(ଏଜେନ୍ସି): ନିର୍ବାଚନ ଆୟୋଗ ଏବଂ କେନ୍ଦ୍ର ସରକାରଙ୍କ ବିରୋଧରେ ଭୋଟ ଚୋରି ମାଧ୍ୟମରେ ଦେଶର ଗଣତନ୍ତ୍ରକୁ ଅପହରଣ କରାଯାଇଥିବା ଭଳି ଗୁରୁତର ଅଭିଯୋଗ କରିଛନ୍ତି ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ। ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ, ଆରଏସଏସ ମୁଖ୍ୟ ମୋହନ ଭାଗବତ ଏବଂ ମୁଖ୍ୟ ନିର୍ବାଚନ କମିସନର (ସିଇସି) ଜ୍ଞାନେଶ କୁମାରଙ୍କ ବିରୋଧରେ ଭୋଟ ଚୋରି ଏବଂ ଦେଶଦ୍ରୋହର ଅଭିଯୋଗ ଆଣିଛନ୍ତି। ଏହି ଭୋଟ ଚୋରିରେ ସମ୍ପୃକ୍ତ ଥିବା କୌଣସି ବ୍ୟକ୍ତିଙ୍କୁ ଛଡ଼ାଯିବ ନାହିଁ ଏବଂ ସମସ୍ତଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ସେମାନେ ଗଣତନ୍ତ୍ରର ହତ୍ୟା କରିଛନ୍ତି ଏବଂ କାର୍ଯ୍ୟାନୁଷ୍ଠାନରୁ ସେମାନେ ବର୍ତ୍ତିପାରିବେ ନାହିଁ। ଗଣତନ୍ତ୍ରର ସୁରକ୍ଷା ପାଇଁ ଏହି ସଂଗ୍ରାମ ଜାରି ରହିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ପୁଲିସ ଅନେକ ବିରୋଧୀ ନେତାଙ୍କୁ ଅଟକ ରଖିଥିବା ବେଳେ ନିର୍ବାଚନ ଆୟୋଗ ବିରୋଧୀ ସାଂସଦଙ୍କୁ ସାକ୍ଷାତ ନକରିବା ନେଇ ରାହୁଲ ଗାନ୍ଧୀ ପ୍ରଶ୍ନ ଉଠାଇଛନ୍ତି।

## ଆଶୁତୋଷ ଦୀକ୍ଷିତ ହେବେ ଭାରତୀୟ ବାୟୁସେନାର ନୂତନ ମୁଖ୍ୟ

ନୂଆଦିଲ୍ଲୀ,୬ା୧୦(ଏଜେନ୍ସି): ଏୟାର ମାର୍ଶାଲ ଆଶୁତୋଷ ଦୀକ୍ଷିତଙ୍କୁ ଭାରତୀୟ ବାୟୁସେନା (ଆଇଏଏଫ୍)ର ପରବର୍ତ୍ତୀ ମୁଖ୍ୟ ଭାବେ ଚୟନ କରାହୋଇଛି। ମଙ୍ଗଳବାର କେନ୍ଦ୍ର ସରକାର ଏହି ନିଷ୍ପତ୍ତି ଘୋଷଣା କରିଛନ୍ତି। ବର୍ତ୍ତମାନ ବାୟୁସେନାର ଉପମୁଖ୍ୟ ଭାବେ କାର୍ଯ୍ୟରତ ଏୟାର ମାର୍ଶାଲ ଦୀକ୍ଷିତ, ବାୟୁସେନାର ୨୯ତମ ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିବେ ଏବଂ ଏୟାର ଚିଫ୍ ମାର୍ଶାଲ ରାଙ୍କ୍ ହାସଲ କରିବେ। ସେ ବର୍ତ୍ତମାନର ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ଅମର ପ୍ରୀତ ସିଂହଙ୍କ ସ୍ଥାନ ନେବେ। ଅମର ପ୍ରୀତ ସିଂହ ୨୦୨୬ ଅକ୍ଟୋବର ୩୧ରେ ଅବସର ଗ୍ରହଣ କରିବେ। ସୂଚନାଯୋଗ୍ୟ ଯେ, ଆଶୁତୋଷ ଦୀକ୍ଷିତ ଅପରେସନ୍ ସଫେଦ ସାଗର, ଅପରେସନ୍ ରକ୍ଷକ ଏବଂ ଅପରେସନ୍ ସିନ୍ଦୂର ଭଳି ଗୁରୁତ୍ୱପୂର୍ଣ୍ଣ ସାମରିକ ଅଭିଯାନରେ ଅଂଶଗ୍ରହଣ କରିଥିଲେ। ଏହାପୂର୍ବରୁ ସେ ସେଣ୍ଟ୍ରାଲ ଏୟାର କମାଣ୍ଡର ଏୟାର ଅଫିସର କମାଣ୍ଡିଂ ଇନ୍ ଚିଫ୍ ଏବଂ ଇଣ୍ଟିଗ୍ରେଟେଡ୍ ଡିଫେନ୍ସ ଷ୍ଟାଫର ମୁଖ୍ୟ ଭାବେ କାର୍ଯ୍ୟ କରିଛନ୍ତି।



## ସରିଲା ଉପନିର୍ବାଚନ: ବିଧାୟକ ହୁମାୟୁନ୍ କବୀର ଗିରଫ

ନୂଆଦିଲ୍ଲୀ,୬ା୧୦(ଏଜେନ୍ସି): ଦେଶରେ ମଙ୍ଗଳବାର ଗୋଟିଏ ଲୋକସଭା ଓ ୫ଟି ବିଧାନସଭା ଆସନ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆସାମର ନୂଆଗାଁ ଲୋକସଭା ଆସନ ସମେତ ତାମିଲନାଡୁର ମଦୁରାନ୍ତକମ୍ ଓ ଧରାପୁରମ୍ ବିଧାନସଭା, ପୁଡୁଚେରୀର ଥଟ୍ଟାଞ୍ଚାଭାଡି ଏବଂ ପଶ୍ଚିମବଙ୍ଗର ରେଜିନଗର ଓ ନନ୍ଦୀଗ୍ରାମ ବିଧାନସଭା ଆସନରେ ଉପନିର୍ବାଚନ ହୋଇଛି। ପଶ୍ଚିମବଙ୍ଗର ଦୁଇଟି ଉପନିର୍ବାଚନ ମଣ୍ଡଳୀରେ ଭୋଟଗ୍ରହଣ ସମୟରେ ବ୍ୟାପକ ରାଜନୈତିକ ଉତ୍ତେଜନା ଦେଖାଦେଇଛି। ରେଜିନଗରରେ ପୁଲିସ ସହ ମୁହାଁମୁହିଁ ପରେ ଆମ୍ ଜନତା ଉନ୍ନୟନ ପାର୍ଟି (ଏଜେୟୁପି)ର ମୁଖ୍ୟ ତଥା ବିଧାୟକ ହୁମାୟୁନ୍ କବୀରଙ୍କୁ ଗିରଫ କରାଯାଇଛି। ଗିରଫଦାରୀ ସମୟରେ ପୁଲିସ ତାଙ୍କ ସାର୍ଟ ଧରି ଟାଣି ଟାଣି ପୁଲିସ ଭ୍ୟାନକୁ ନେଇଯାଉଥିବାର ଦେଖିବାକୁ ମିଳିଥିଲା। କବୀର ପ୍ରାର୍ଥୀ କିମ୍ବା ନିର୍ବାଚନ ଏଜେଣ୍ଟ ନଥିଲେ। ତଥାପି ସେ ଭୋଟରଙ୍କୁ ପ୍ରଭାବିତ କରିବା ଏବଂ ଉସକାଇବା ଅଭିଯୋଗ କରି ପୁଲିସ ତାଙ୍କୁ ଗିରଫ କରିଥିବା କହିଛି। ଏହା ପୂର୍ବରୁ କବୀର ପୁଲିସ ଉପରେ ଭୋଟରଙ୍କୁ ଭୟଭୀତ କରୁଥିବା ଅଭିଯୋଗ ଆଣିଥିଲେ। ଏହି ଗିରଫଦାରୀ ପ୍ରତିବାଦରେ କଂଗ୍ରେସ ପ୍ରାର୍ଥୀ ମହମ୍ମଦ ଅବଦୁଲ୍ଲାହିଲ୍ କାଫି ରେଜିନଗର ଥାନା ଆଗରେ ଧାରଣା ଦେଇ ପୁନଃ ନିର୍ବାଚନ ଦାବି କରିଛନ୍ତି। ଅନ୍ୟପଟେ, ନନ୍ଦୀଗ୍ରାମରେ ମଧ୍ୟ ଭୋଟରଙ୍କୁ ଧମକ ଏବଂ ନିର୍ବାଚନୀ ଅନିୟମିତତାର ଅଭିଯୋଗ ଆସିଛି। ସେଠାରେ କଂଗ୍ରେସ ପ୍ରାର୍ଥୀ ମିଳନ ପ୍ରଧାନ ପୁଲିସର ନିଷ୍କ୍ରିୟତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି।

## ହର୍ମୁଜ୍ ପଥରେ ପୁଣି ଆକ୍ରମଣ; ୧୧ ଭାରତୀୟ ନାବିକ ଆହତ

ନୂଆଦିଲ୍ଲୀ,୬ା୧୦(ଏଜେନ୍ସି): ଓମାନ ଉପକୂଳ ନିକଟସ୍ଥ ହର୍ମୁଜ୍ ପ୍ରଣାଳୀ ଦେଇ ଗତି କରୁଥିବା ପାନାମା ପତାକାବାହୀ ବାଣିଜ୍ୟିକ ଜାହାଜ 'ଅନ୍ ପିସ୍' ଉପରେ ଆକ୍ରମଣ ହୋଇଛି। ଏହି ଜାହାଜରେ ମୋଟ ୧୯ ଜଣ କ୍ରୁ ସଦସ୍ୟ ଥିବା ବେଳେ ସେଥିମଧ୍ୟରୁ ୧୭ ଜଣ ଭାରତୀୟ ନାଗରିକ ଅଟନ୍ତି। ଆକ୍ରମଣରେ ୧୧ ଜଣ ଭାରତୀୟ ନାବିକଙ୍କ ସମେତ ମୋଟ ୧୨ ଜଣ କ୍ରୁ ସଦସ୍ୟ ଆହତ ହୋଇଛନ୍ତି। ଓମାନ କର୍ତ୍ତୃପକ୍ଷଙ୍କ ସହାୟତାରେ ଆହତ ନାବିକମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ସମସ୍ତଙ୍କୁ ଓମାନର ଖସାବ ଠାରେ ଚିକିତ୍ସା ଯୋଗାଇ ଦିଆଯାଉଛି। ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ (ଏମ୍‌ଇଏ) ଓମାନ ସରକାରଙ୍କ ଏହି ସହଯୋଗ ପାଇଁ ଧନ୍ୟବାଦ ଜଣାଇଛି। ଏହି ଘଟଣାକୁ ଭାରତ ବୈଦେଶିକ ମନ୍ତ୍ରଣାଳୟ ଦୃଢ଼ ନିନ୍ଦା କରିଛି। ସମୁଦ୍ର ପଥରେ ଜାହାଜଗୁଡ଼ିକ ଉପରେ ହେଉଥିବା କ୍ରମାଗତ ଆକ୍ରମଣକୁ ନେଇ ଗଭୀର ଚିନ୍ତା ପ୍ରକଟ କରିଛି। ବାଣିଜ୍ୟିକ ଜାହାଜ, ନାବିକ ଏବଂ ବେସାମରିକ ଭିତ୍ତିଭୂମିକୁ ଲକ୍ଷ୍ୟ କରିବା ତୁରନ୍ତ ବନ୍ଦ କରିବାକୁ ଭାରତ ଦାବି କରିଛି।

## କଂଗ୍ରେସର 'ଭୋଟ୍ ବଞ୍ଚାଅ, ଦେଶ ବଞ୍ଚାଅ' ଅଭିଯାନ

ନୂଆଦିଲ୍ଲୀ, ୬ା୧୦ (ଏଜେନ୍ସି): ନିର୍ବାଚନ ଆୟୋଗର କାର୍ଯ୍ୟଶୈଳୀ ଏବଂ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ବିରୋଧରେ କଂଗ୍ରେସ ଦଳ ପକ୍ଷରୁ ସାରା ଦେଶରେ ଆନ୍ଦୋଳନ ପାଇଁ ନକ୍ସା ପ୍ରସ୍ତୁତ କରାଯାଇଛି। କଂଗ୍ରେସ ନିର୍ବାଚନ ଆୟୋଗକୁ 'ଚିଟିଂ (ଜାଲିଆତି) ଆୟୋଗ' ଆଖ୍ୟା ଦେଇ 'ଭୋଟ୍ ବଞ୍ଚାଅ, ଦେଶ ବଞ୍ଚାଅ' ସ୍ଲୋଗାନ ସହ ଆନ୍ଦୋଳନ ଡକରା ଦେଇଛି। ଦଳର ପ୍ରସ୍ତାବିତ ଯୋଜନା ଅନୁଯାୟୀ, ଅକ୍ଟୋବର ୧୦ ରୁ ୨୦ ପର୍ଯ୍ୟନ୍ତ ବ୍ଲକ୍ ସ୍ତରରେ ଭୋଟ୍ ବଞ୍ଚାଅ, ଦେଶ ବଞ୍ଚାଅ ଅଭିଯାନ ଚାଲିବ। ସେଥିରେ ସାଇକଲ୍ ଓ ବାଇକ୍ ରାଲି, ଜ୍ଞାନେଶ କୁମାରଙ୍କ କୁଶପୁତ୍ତଳିକା ଦାହ ଏବଂ ପତ୍ରିକା ବଣ୍ଟନ କରାଯିବ। ଏହାପରେ ଅକ୍ଟୋବର ୨୫ ରୁ ନଭେମ୍ବର ୨୫ ପର୍ଯ୍ୟନ୍ତ ବୁଥ୍ ସ୍ତରରେ ବରିଷ୍ଠ ନେତାଙ୍କ ଉପସ୍ଥିତିରେ ଜନସଭା ଆୟୋଜନ ହେବ। ନଭେମ୍ବର ୧ରେ ଦିଲ୍ଲୀର ରାମଲୀଳା ମୈଦାନରେ ଏକ ବିଶାଳ ରାଲି ଅନୁଷ୍ଠିତ ହେବ। ସେହିପରି ନଭେମ୍ବର ୨୫ ଓ ୨୬ ରେ 'ଚଲୋ ଦିଲ୍ଲୀ' କାର୍ଯ୍ୟକ୍ରମ ଅଧୀନରେ ୬ଟି ପୃଥକ ପଦଯାତ୍ରା ବାହାରିବ। ପଦଯାତ୍ରା ନଭେମ୍ବର ୨୬ (ସମ୍ବିଧାନ ଦିବସ) ଦିନ ଦିଲ୍ଲୀରେ ଏକତ୍ରିତ ହେବେ। ସଂସଦର ଶୀତକାଳୀନ ଅଧିବେଶନରେ ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଣିବାକୁ ମଧ୍ୟ କଂଗ୍ରେସ ଲକ୍ଷ୍ୟ ରଖିଛି। ଭୋଟର ତାଲିକା ସଂଶୋଧନରେ ଅନିୟମିତତା ନେଇ ସଂସଦରୁ ନିର୍ବାଚନ ସଦନ ପର୍ଯ୍ୟନ୍ତ ଇଣ୍ଡିଆ ମେଣ୍ଟ ପକ୍ଷରୁ ଶୋଭାଯାତ୍ରା କରାଯାଇଛି। ଏଥିରେ ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ଭାଦ୍ରାଙ୍କ ସମେତ ଅନେକ ନେତାଙ୍କୁ ପୁଲିସ ଅଟକ ରଖିଥିଲା।

## ବେଙ୍ଗାଲୁରୁରେ ଜାଲ୍ ଫର୍ମ ଜରିଆରେ ୫୦୦୦ ଭୋଟରଙ୍କ ନାମ କଟିଛି

ବେଙ୍ଗାଲୁରୁ,୬ା୧୦(ଏଜେନ୍ସି): ବେଙ୍ଗାଲୁରୁର ଜୟନଗର ବିଧାନସଭା ନିର୍ବାଚନମଣ୍ଡଳୀରେ ଜାଲ୍ ଫର୍ମ-୭ ଆବେଦନ ଜରିଆରେ ୫,୬୯୮ ଜଣ ଭୋଟରଙ୍କ ନାମ ଭୋଟର ତାଲିକାରୁ ହଟିଛି। ଏହି ଗୁରୁତର ଅଭିଯୋଗରେ ପୁଲିସ ଦୁଇଜଣ ବୁଥ୍ ଲେଭଲ୍ ଏଜେଣ୍ଟ (ବିଏଲ୍ଏ) ଓ ଅନ୍ୟମାନଙ୍କ ବିରୋଧରେ ମାମଲା ରୁଜୁ କରିଛି। କର୍ଣ୍ଣାଟକ ମହିଳା କଂଗ୍ରେସ ସଭାନେତ୍ରୀ ତଥା ଜୟନଗରର ପୂର୍ବତନ ବିଧାୟିକା ସୌମ୍ୟା ରେଡ୍ଡୀଙ୍କ ଅଭିଯୋଗ ଆଧାରରେ ସୋମବାର ଜୟନଗର ପୁଲିସ ଷ୍ଟେସନରେ ମାମଲା ରୁଜୁ କରାଯାଇଛି। ସୌମ୍ୟା ୨୦୨୩ କର୍ଣ୍ଣାଟକ ବିଧାନସଭା ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଥିଲେ। ଅଭିଯୋଗ ଅନୁଯାୟୀ, ବିଜେପି ସହ ସମ୍ପୃକ୍ତ ଦୁଇଜଣ ବିଏଲ୍ଏ ରାମକୃଷ୍ଣ ଓ ଯୋଗେଶ ଅନ୍ୟମାନଙ୍କ ସହ ମିଶି ଏହି କେଲେଙ୍କାରୀ ଭିଆଇଛନ୍ତି। ସେମାନେ ଭୋଟରମାନେ ସ୍ଥାୟୀ ଭାବେ ଅନ୍ୟତ୍ର ଚାଲିଯାଇଛନ୍ତି ବୋଲି ମିଥ୍ୟା ଦାବି କରି ବୁଥ୍ ଲେଭଲ୍ ଅଫିସର (ବିଏଲ୍ଓ)ଙ୍କ ନିକଟରେ ଫର୍ମ-୭ ଦାଖଲ କରିଥିଲେ। ଏହି ଜାଲିଆତି ମୁଖ୍ୟତଃ ଅଳ୍ପସଂଖ୍ୟକ ସମ୍ପ୍ରଦାୟର ଭୋଟର ତଥା ଭାଜପା ଓ ଏହାର ସହଯୋଗୀ ଦଳଗୁଡ଼ିକର ରାଜନୈତିକ ବିପକ୍ଷ ବର୍ଗର ଭୋଟରଙ୍କୁ ଲକ୍ଷ୍ୟ କରି କରାଯାଇଥିଲା। ନିଜସ୍ୱ ଅନୁସନ୍ଧାନରୁ ଏହି ଜାଲିଆତି ସାମ୍ନାକୁ ଆସିଥିବା ସୌମ୍ୟା ପ୍ରକାଶ କରିଛନ୍ତି।

**୨ ବିଏଲ୍ଏଙ୍କ ବିରୋଧରେ ମାମଲା ରୁଜୁ**

ଅଭିଯୋଗରେ ସି. ରମେଶ ଓ ତାଙ୍କ ପତ୍ନୀ ରୂପା ନାମକ ଦୁଇଜଣଙ୍କ ବିଷୟରେ ଉଲ୍ଲେଖ ରହିଛି। ସେମାନଙ୍କ ଅନୁମତି ବିନା ସେମାନଙ୍କ ନାମ ଓ ଭୋଟର ପରିଚୟପତ୍ରର ତଥ୍ୟ ବ୍ୟବହାର କରି ବିଏଲ୍ଓଙ୍କ ନିକଟରେ ଫର୍ମ-୭ ଆବେଦନ ଦାଖଲ କରାଯାଇଥିଲା। ଏହାସହ, ବିଏଲ୍ଓ ଲୋକେଶଙ୍କ ନିକଟରେ ଦାଖଲ କରାଯାଇଥିବା କେତେକ ଫର୍ମ-୭ ଆବେଦନରେ ଜାଲ୍ ସ୍ୱାକ୍ଷର ରହିଥିବା ମଧ୍ୟ ଜଣାପଡ଼ିଛି। ଏହି ଘଟଣାରେ ପୁଲିସ ରାମକୃଷ୍ଣ, ଯୋଗେଶ ଓ ଅନ୍ୟମାନଙ୍କ ବିରୋଧରେ ମାମଲା ରୁଜୁ କରିଛି। ଘଟଣାର ଅଧିକ ତଦନ୍ତ ଜାରି ରହିଛି ବୋଲି ପୁଲିସ ସୂଚନା ଦେଇଛି।

## ତେଲଙ୍ଗାନାରେ ବି ଜାଲିଆତି, କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଲେ ସିଇଓ

ହାଇଦ୍ରାବାଦ, ୬ା୧୦ (ଏଜେନ୍ସି): ଯୋଗ୍ୟ ଭୋଟରଙ୍କ ନାଁ ଭୋଟର ତାଲିକାରୁ ବାଦ ଦେବା ଉଦ୍ଦେଶ୍ୟରେ ନିର୍ବାଚନ କମିସନଙ୍କ ଫର୍ମ-୭ର ଦୁରୁପଯୋଗ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର ପଦକ୍ଷେପ ନିଆଯିବ। ତେଲଙ୍ଗାନାର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଏନେଇ ଅଧିକାରୀମାନଙ୍କୁ ସତର୍କ କରିବା ସହ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଭୋଟର ତାଲିକାରୁ କୌଣସି ନାଁ ବାଦ ଦେବା ପାଇଁ ଫର୍ମ-୭ ବ୍ୟବହାର କରାଯାଏ। ତେବେ ଏହାର ଦୁରୁପଯୋଗ କରି ଯୋଗ୍ୟ ଭୋଟରଙ୍କ ନାଁ କାଟିବା ପାଇଁ ଆବେଦନ କରାଯାଉଥିଲେ, ତାହାକୁ ଗୁରୁତ୍ୱର ସହ ନେବାକୁ ନିର୍ବାଚନ ଅଧିକାରୀଙ୍କୁ କୁହାଯାଇଛି। ସିଇଓଙ୍କ ଏହି ପଦକ୍ଷେପ ଭୋଟର ତାଲିକାର ସଠିକତା ଓ ଯୋଗ୍ୟ ମତଦାତାଙ୍କ ଅଧିକାର ସୁରକ୍ଷା ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ। ଫର୍ମ-୭ ମାଧ୍ୟମରେ ଆସୁଥିବା ନାଁ ବାଦ ଆବେଦନଗୁଡ଼ିକୁ ନିୟମ ଅନୁସାରେ ଯାଞ୍ଚ କରିବା ସହ ପ୍ରକୃତ କାରଣ ନଥିଲେ ଯୋଗ୍ୟ ଭୋଟରଙ୍କ ନାଁ ତାଲିକାରୁ ବାଦ ନଦେବା ଉପରେ ଗୁରୁତ୍ୱ ଦିଆଯାଇଛି। ନିର୍ବାଚନ ପ୍ରକ୍ରିୟାରେ ଭୋଟର ତାଲିକାର ସଠିକତା ଅତ୍ୟନ୍ତ ଜରୁରୀ। ତେଣୁ ଭୋଟରଙ୍କ ନାଁ ବାଦ ଦେବା ସମ୍ପର୍କିତ ଆବେଦନରେ କୌଣସି ଅନିୟମିତତା କିମ୍ବା ଦୁରୁପଯୋଗ ଧରାପଡ଼ିଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ନିୟମାନୁସାରେ ପଦକ୍ଷେପ ନେବାକୁ ତେଲଙ୍ଗାନା ସିଇଓଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି।

## କକ୍ରୋଚ୍ ନେତାଙ୍କୁ ଡରାଉଛି ପୁଲିସ

ନୂଆଦିଲ୍ଲୀ,୬ା୧୦(ଏଜେନ୍ସି): କକ୍ରୋଚ୍ ଜନତା ପାର୍ଟି (ସିଜେପି)ର ସଂସ୍ଥାପକ ଅଭିଜିତ୍ ଦୀପକେ କେନ୍ଦ୍ର ସରକାରଙ୍କ ବିରୋଧରେ ମଙ୍ଗଳବାର ଗୁରୁତର ଅଭିଯୋଗ ଆଣିଛନ୍ତି। ଏକ ଦେଶ, ଏକ ନିର୍ବାଚନ ସ୍ଲୋଗାନ ବାହାନାରେ ସରକାର 'ଗୋଟିଏ ଦେଶ, ଗୋଟିଏ ରାଜନୈତିକ ଦଳ' ପ୍ରତିଷ୍ଠା କରିବାକୁ ଚାହୁଁଛନ୍ତି ବୋଲି ସେ ଦାବି କରିଛନ୍ତି। ଆସନ୍ତା ଅକ୍ଟୋବର ୧୦ରେ ନୂଆଦିଲ୍ଲୀର ଯନ୍ତରମନ୍ତର ଠାରେ ସିଜେପି ବିକ୍ଷୋଭ ଆହ୍ୱାନ ଦେଇଛି। ତେବେ ବିକ୍ଷୋଭରେ ଭାଗ ନନେବା ପାଇଁ ସିଜେପି କାର୍ଯ୍ୟକର୍ତ୍ତାଙ୍କୁ ଚନ୍ଦ୍ରପୁର ପୁଲିସ ନୋଟିସ୍ ଜାରି କରି ଚାପ ପକାଉଥିବା ସେ ଅଭିଯୋଗ କରିଛନ୍ତି। ଏହି ଆନ୍ଦୋଳନ ହିଂସାତ୍ମକ ହୋଇପାରେ ବୋଲି ଦର୍ଶାଇ ପୁଲିସ ଚେତାବନୀ ଦେଇଛି। ଶୋଭାଯାତ୍ରାର ଖର୍ଚ୍ଚର ଆର୍ଥିକ ହିସାବ ଏବଂ ସୋସିଆଲ ମିଡିଆ ପୋଷ୍ଟ ଉପରେ କଟକଣା ସମ୍ପର୍କରେ ପୁଲିସ ପ୍ରଶ୍ନ କରିଛି। ଏହାକୁ ନେଇ ବିକ୍ଷୋଭରେ ହିଂସା ହେବ ବୋଲି ପୁଲିସ କିପରି ଆଗୁଆ ଜାଣିଲା ବୋଲି ଅଭିଜିତ୍ ପ୍ରଶ୍ନ କରିଛନ୍ତି। ସେମାନେ ମହାତ୍ମା ଗାନ୍ଧୀ ଓ ବିଆର୍. ଆମ୍ବେଦକରଙ୍କ ଅହିଂସା ନୀତି ଆପଣେଇଥିବା ବେଳେ ପୁଲିସ କିପରି ଏହାକୁ ହିଂସାତ୍ମକ ବୋଲି ଆଖ୍ୟା ଦେଉଛି ବୋଲି ଦୀପକେ ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପଟେ, ସିଜେପି ସହ-ଆବାହକ ସୌରଭ ଦାସ ପ୍ରକାଶ କରିଛନ୍ତି ଯେ ଅକ୍ଟୋବର ୧୦ ବିକ୍ଷୋଭ ପୂର୍ବରୁ ସେମାନଙ୍କ ନେତାମାନଙ୍କୁ ଗିରଫ କରାଯିବାର ଆଶଙ୍କା ରହିଛି। ତଥାପି, ଯୁବସମାଜର ଭବିଷ୍ୟତ ଓ ଅଧିକାର ପାଇଁ ଏହି ସଂଗ୍ରାମ ଜାରି ରହିବ ବୋଲି ସେ ପ୍ରକାଶ କରିଛନ୍ତି।



**ଅକ୍ଟୋବର ୧୦ ଦିଲ୍ଲୀ ବିକ୍ଷୋଭ ପୂର୍ବରୁ ସିଜେପି କାର୍ଯ୍ୟକର୍ତ୍ତାଙ୍କୁ ପୁଲିସ ନୋଟିସ**

## କମିସନ ନିରବ; ସଫେଇ ଦେଉଛି ବିଜେପି

ନୂଆଦିଲ୍ଲୀ,୬ା୧୦(ଏଜେନ୍ସି): ଦେଶବ୍ୟାପୀ ଏସ୍ଆଇଆର୍ ପ୍ରକ୍ରିୟାରେ ଭୋଟର ତାଲିକାରୁ ପ୍ରାୟ ୧୩.୩ କୋଟି ନାମ ବାଦ୍ ପଡ଼ିଛି। ଏହି ପ୍ରସଙ୍ଗରେ ବିରୋଧୀ ଦଳଗୁଡ଼ିକ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରୁଥିବା ବେଳେ କମିସନ ସପକ୍ଷେରେ ସଫେଇ ସେଦଇଛନ୍ତି ବିଜେପି ଜାତୀୟ ପ୍ରବକ୍ତା ସୁଧାଂଶୁ ତ୍ରିବେଦୀ। ସେ କହିଛନ୍ତି ଯେ, ଏହି ସଂଖ୍ୟା ଚୂଡ଼ାନ୍ତ ଭୋଟର ବାଦ୍‌କୁ ଦର୍ଶାଉ ନାହିଁ। ସେ କହିଛନ୍ତି ଯେ, ନାମ କଟିଥିବା ଭୋଟରଙ୍କ ମଧ୍ୟରେ ୨.୮ କୋଟି ମୃତ ଭୋଟର, ୬.୩ କୋଟି ଅନ୍ୟତ୍ର ସ୍ଥାନାନ୍ତରିତ, ୧ କୋଟି ନକଲି ଏବଂ ପ୍ରାୟ ୩ କୋଟି ସନ୍ଧାନହୀନ ବ୍ୟକ୍ତି ରହିଛନ୍ତି।

## ଫ୍ରାନ୍ସରେ ଛାତ୍ରଙ୍କ ହିଂସାତ୍ମକ ଆନ୍ଦୋଳନ; ୫ ହଜାର ଗିରଫ



ପ୍ୟାରିସ୍, ୬ା୧୦ (ଏଜେନ୍ସି): ଫ୍ରାନ୍ସରେ ଶିକ୍ଷା ବ୍ୟବସ୍ଥାରେ ସଂସ୍କାର, ଶିକ୍ଷକ ଅଭାବ ଏବଂ ଭିତ୍ତିଭୂମିର ସୁଧାର ଦାବିରେ ଚାଲିଥିବା ଛାତ୍ର ଆନ୍ଦୋଳନ ଏବେ ଉଗ୍ର ଓ ହିଂସାତ୍ମକ ରୂପ ନେଇଛି। ସେପ୍ଟେମ୍ବରରୁ ପ୍ୟାରିସରୁ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନ ସାରା ଦେଶକୁ ବ୍ୟାପିଯାଇଛି। ଏଥିରେ ସ୍କୁଲ୍ ଏବଂ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ବ୍ୟାପକ ଭାବେ ସାମିଲ ହୋଇଛନ୍ତି। ସୁରକ୍ଷାକର୍ମୀ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ସଂଘର୍ଷ ଯୋଗୁଁ ପରିସ୍ଥିତି ଜଟିଳ ହୋଇପଡ଼ିଛି। ଲେନ୍ସ ସହରରେ ଏକ ବିସ୍ଫୋରଣରେ ଜଣେ ୧୫ ବର୍ଷୀୟ ଛାତ୍ର ନିଜର ହାତ ହରାଇଛନ୍ତି। ଲୁହବୁହା ଗ୍ୟାସ୍ କ୍ୟାନିଷ୍ଟର ବାଜି ୧୪ ବର୍ଷୀୟ ଏଡେନ ନାମକ ଜଣେ ଛାତ୍ରଙ୍କ ଦୁଇଟି ହାଡ଼ ଭାଙ୍ଗିଯାଇଛି। ଏହି ବିକ୍ଷୋଭରେ ୧୯୦ ଜଣ ଛାତ୍ର ଆହତ ହୋଇଛନ୍ତି। ସେହିପରି ପୁଲିସ ୫,୦୬୦ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରୁ ୮୭ ପ୍ରତିଶତ ନାବାଳକ। ଆନ୍ଦୋଳନ ସମୟରେ ୨୪ଟି ସ୍କୁଲରେ ନିଆଁ ଲଗାଇ ଦିଆଯାଇଛି କିମ୍ବା ଭଙ୍ଗାରୁଜା କରାଯାଇଛି। ୨୦୧୦ରେ ବୃଦ୍ଧି ପାଇଥିବା ଜନ୍ମହାର ହେତୁ ସ୍କୁଲଗୁଡ଼ିକରେ ଛାତ୍ରସଂଖ୍ୟା ପ୍ରାୟ ୨.୫ ଲକ୍ଷ ବୃଦ୍ଧି ପାଇଛି। ମାତ୍ର ସେହି ତୁଳନାରେ ଶିକ୍ଷକ ସଂଖ୍ୟା ହ୍ରାସ ପାଇଛି। ଶ୍ରେଣୀଗୃହରେ ଅତ୍ୟଧିକ ଭିଡ଼, ବିଦ୍ୟାଳୟ ଗୃହଗୁଡ଼ିକର ଜର୍ଜର ଅବସ୍ଥା ଏବଂ ଶିକ୍ଷକଙ୍କ ଘୋର ଅଭାବ ଯୋଗୁଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଫ୍ରାନ୍ସ ପ୍ରଧାନମନ୍ତ୍ରୀ ସେବାଷ୍ଟିଆନ୍ ଲେକୋର୍ନୁ ଶିକ୍ଷା କ୍ଷେତ୍ରର ସମସ୍ୟା ସମାଧାନ ପାଇଁ କିଛି ପଦକ୍ଷେପ ଘୋଷଣା କରିଛନ୍ତି। ମାତ୍ର ହିଂସାତ୍ମକ କାର୍ଯ୍ୟକଳାପ ପ୍ରତି କୌଣସି କୋହଳ ଆଭିମୁଖ୍ୟ ଗ୍ରହଣ କରାଯିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ପ୍ରମୁଖ ଛାତ୍ର ସଂଗଠନ 'ୟୁନିଅନ୍ ସିଣ୍ଡିକାଲେ ଲାଇସିଏନ୍' ଏବଂ ଶିକ୍ଷକ ସଂଗଠନଗୁଡ଼ିକ ସଙ୍ଗଠିତ ହୋଇ ସାରା ଦେଶରେ ବୃହତ୍ ପ୍ରଦର୍ଶନ ପାଇଁ ଆହ୍ୱାନ ଦେଇଛନ୍ତି।

## ଅସଦାଚରଣ ଅଭିଯୁକ୍ତ ପୁଲିସ ଅଧିକାରୀଙ୍କ ପଦୋନ୍ନତି ଅଟକିଲା

ନୂଆଦିଲ୍ଲୀ,୬ା୧୦(ଏଜେନ୍ସି): ଦିଲ୍ଲୀ ପୁଲିସର କନ୍ନଟ ପ୍ଲେସ ପୁଲିସ ଷ୍ଟେସନର ଏସଡିପିଓ ବିବେକ ଭଗତ ନିଜର ପଦୋନ୍ନତି ନିର୍ଦ୍ଦେଶନାମାକୁ ସ୍ଥଗିତ ରଖିବା ପାଇଁ ଦିଲ୍ଲୀ ପୁଲିସ କମିସନରଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। ଅକ୍ଟୋବର ୫ରେ ତାଙ୍କୁ ଅତିରିକ୍ତ ଡିସିପି ପଦବୀକୁ ପଦୋନ୍ନତି ଦିଆଯାଇଥିଲା। ତେବେ ଜଣେ ୟୁଟ୍ୟୁବର ଏବଂ କକ୍ରୋଚ ଜନତା ପାର୍ଟି (ସିଜେପି) ଦ୍ୱାରା ତାଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଅଣାଯାଇଛି। ଏହାର କ୍ରାଇମବ୍ରାଞ୍ଚ ତଦନ୍ତ ଚାଲିଥିବାରୁ, ସେ ନିଜେ ଏହି ପଦୋନ୍ନତି ନିର୍ଦ୍ଦେଶକୁ ସ୍ଥଗିତ ରଖିବାକୁ ସମ୍ମତି ଦେଇଛନ୍ତି। ବିବେକଙ୍କ ବିରୋଧରେ ଯନ୍ତରମନ୍ତରରେ ହୋଇଥିବା ଏକ ବିକ୍ଷୋଭ ପ୍ରଦର୍ଶନ ସମୟରେ ଜଣେ ମହିଳା ସାମ୍ବାଦିକଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ଆସିଥିଲା। ସିଜେପି ପକ୍ଷରୁ ଏହି ପଦୋନ୍ନତିର ସମୟକୁ ନେଇ କଠୋର ସମାଲୋଚନା କରାଯାଇଥିଲା। ତେବେ ପୁଲିସ ବିଭାଗ ଅନୁଯାୟୀ, ଏହି ପଦୋନ୍ନତି ଏକ ନିୟମିତ ପ୍ରଶାସନିକ ପ୍ରକ୍ରିୟା ଥିଲା। ଏଥିରେ ମୋଟ ୧୨ ଜଣ ଅଧିକାରୀଙ୍କୁ ପଦୋନ୍ନତି ଦିଆଯାଇଥିଲା। ଅନ୍ୟପଟେ, ବିବେକ ଭଗତଙ୍କ ବିରୋଧରେ ଏଆଇ ଦ୍ୱାରା ନକଲି ସିସିଟିଭି ଭିଡିଓ ପ୍ରସ୍ତୁତ କରି ସୋସିଆଲ ମିଡିଆରେ ପ୍ରସାରିତ କରିଥିବା ଅଭିଯୋଗ ହୋଇଛି। ଏଥିରେ ଦିଲ୍ଲୀ ପୁଲିସ ନିଜକୁ ସ୍ୱାଧୀନ ସାମ୍ବାଦିକ ଦାବି କରୁଥିବା ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି।

# ଦାଦନ ଚାଲାଣ ପାଇଁ ବଦନାମ କଣ୍ଟାବାଞ୍ଜି

- ନୂଆଁଖାଇ ଗଲା ପରେ ମଣିଷ ଚାଲାଣ ଆରମ୍ଭ
- ସରକାରୀ ବ୍ୟବସ୍ଥାକୁ ଲଜ୍ଜିତ କରୁଛି
- ରାତି ୧୦ଟା ପରେ ଟ୍ରେନ୍ ଧରିବାକୁ ଗହଳି

କଣ୍ଟାବାଞ୍ଜି,୬ ।୧୦(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ନାଁ ଶୁଣିଲେ ଦାଦନ ଗଡ଼ କଥା ମନକୁ ଆସିଯାଏ। ନୂଆଁଖାଇ ଗଲା ପରେ ଏଠି ମଣିଷ ଚାଲାଣର କଳା ବେପାର ଆରମ୍ଭ ହୋଇଛି। କଣ୍ଟାବାଞ୍ଜି ରେଳ ଷ୍ଟେସନରେ ରାତି ହେଲେ ଯେଉଁ ଦୃଶ୍ୟ ଦେଖିବାକୁ ମିଳୁଛି ତାହା ସରକାରୀ ବ୍ୟବସ୍ଥାକୁ ଲଜ୍ଜିତ କରୁଛି। ରାତି ହେଲେ କଣ୍ଟାବାଞ୍ଜି ଷ୍ଟେସନରେ ଶହ ଶହ ଦାଦନ ଶ୍ରମିକ, ମହିଳା, ଛୋଟ ଛୋଟ ପିଲାଙ୍କ ଭିଡ଼ ଜମୁଛି। ମୁଣ୍ଡରେ ବସ୍ତା, ହାତରେ ପିଲା, ଆଖିରେ ଲୁହ ନେଇ ଏମାନେ ବାହାର ରାଜ୍ୟକୁ ଯିବାକୁ ଟ୍ରେନ୍ ଧରୁଛନ୍ତି। ଦାଦନ ସର୍ଦ୍ଦାର ଓ ଦଲାଲ ଏମାନଙ୍କୁ ତାମିଲନାଡୁ, ଆନ୍ଧ୍ର, ତେଲେଙ୍ଗାନା ଚାଲାଣ କରୁଛନ୍ତି। ବାହାର ରାଜ୍ୟକୁ ଶ୍ରମିକ ନେଲେ ଶ୍ରମ ବିଭାଗରେ ପଞ୍ଜିକରଣ କରିବା ନିୟମ ଅଛି; ହେଲେ କଣ୍ଟାବାଞ୍ଜିରେ ଏସବୁ ପାଳନ ହେଉନି। ଷ୍ଟେସନରେ ନା ଶ୍ରମ ଅଧିକାରୀ ନା ପୁଲିସ ଯାଞ୍ଚ କରୁଛନ୍ତି। ଦାଦନ ସର୍ଦ୍ଦାରମାନେ ସରକାରୀ ବାବୁଙ୍କୁ ମୋଟା ଅଙ୍କର ହାତଗୁଞ୍ଜା ଦେଇ କାରବାର ଚଲାଉଛନ୍ତି। ନୂଆଁଖାଇ ପୂର୍ବରୁ ଇଟାଭାଟି ମାଲିକ ଅଗ୍ରୀମ ଦେଇ ଗରିବ ପରିବାରକୁ କିଣି ନେଇଛନ୍ତି। ଏବେ ସୁଧ ସହ ଟଙ୍କା ଆଦାୟ ପାଇଁ ଏମାନଙ୍କୁ ଜୋର ଜବରଦସ୍ତ ନିଆଯାଉଛି। ମଞ୍ଚ ଉପରେ ନେତା କହୁଛନ୍ତି ଦାଦନ ମୁକ୍ତ ଓଡିଶା କରିବେ। ଏହା ଶୁଣିବାକୁ ଭଲ ଲାଗୁଛି; କିନ୍ତୁ ବାସ୍ତବ ସମ୍ପୂର୍ଣ୍ଣ ଓଲଟା। ତେବେ ଏନେଇ ତୁରେକେଲା ବ୍ଲକ୍ ଶ୍ରମ ଅଧିକାରୀ ଅଭୟ ମାହାକୁଡଙ୍କୁ ପଚାରିବାରୁ ବର୍ତ୍ତମାନ ଯାଏଁ ଷ୍ଟେସନରେ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଆସିନାହିଁ। କେତେ ଶ୍ରମିକ ପଂଜୀକରଣ କରାଯାଇଛି ଏବଂ କେତେ ଯାଇଛନ୍ତି ତାହା ଜିଲ୍ଲା କାର୍ଯ୍ୟାଳୟରେ ଜଣାପଡିବ। ଆମ ପାଖରେ ତଥ୍ୟ ନାହିଁ ବୋଲି ସେ କହିଛନ୍ତି।




# କାଜୁ ବଗିଚାରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର



ମୁରିବାହାଲ, ୬ ।୧୦(ସମିସ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ୍ ଲେବଡା ପଞ୍ଚାୟତ ମାକ୍ରିପଡା ଗ୍ରାମର ଶଶି ନାଗଙ୍କ ମଝିଆ ପୁଅ ମଞ୍ଜିତ ନାଗ (୨୭) ଙ୍କ ମୃତଦେହ ଶିଆଳଝୁଣଙ୍ଗି ନିକଟସ୍ଥ ଏକ କାଜୁ ବଗିଚାରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର ହୋଇଛି। ଞ୍ଜିତ କିଛି ଦିନ ତଳେ ମୁମ୍ବାଇରୁ ଗାଁକୁ ଫେରିଥିଲେ। ସନ୍ଧ୍ୟାରେ ସ୍ଥାନୀୟ ଲୋକେ କାଜୁ ବଗିଚାରେ ତାଙ୍କ ମୃତଦେହ ଦେଖି ଟିଟିଲାଗଡ଼ ପୁଲିସକୁ ଖବର ଦେଇଥିଲେ। ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ଖବର ପାଇ ଟିଟିଲାଗଡ଼ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ବଲାଙ୍ଗିର ସାଇଣ୍ଟିଫିକ୍ ଟିମ୍‌କୁ ଖବର ଦେଇଥିଲା। ତେବେ ମୃତ୍ୟୁର କାରଣ ଜଣାପଡ଼ିନି। ଏହା ଆତ୍ମହତ୍ୟା ନା ଅନ୍ୟ କୌଣସି କାରଣ ସେ ନେଇ ପୁଲିସ ତଦନ୍ତ ଜାରି ରଖିଛି। ଏନେଇ ପୁଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଛି।

# ସ୍ୱଚ୍ଛତା ଅଭିଯାନରେ ୧୦୦ ସ୍ୱେଚ୍ଛାସେବୀ ସାମିଲ

ବୀରମହାରାଜପୁର, ୬ ।୧୦(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ସ୍ୱଚ୍ଛତା ହିଁ ସେବା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ପରିବେଶ ସ୍ୱଚ୍ଛ ଓ ସୁନ୍ଦର ହେଲେ ପୃଥିବୀ ସୁନ୍ଦର ହେବ ବାର୍ତ୍ତା ନେଇ ମହାବିଦ୍ୟାଳୟ ପରିସରରେ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ଅଧ୍ୟାପକ ଡ. ଶିଶିର ବଣିଆ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ନରେନ୍ଦ୍ର ଝା, ସଞ୍ଜୟ ପ୍ରଧାନ ଓ ପ୍ରଭାତ ପୁରୋହିତ ଯୋଗ ଦେଇଥିଲେ। ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଯାମିନୀ ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସଫେଇ ଅଭିଯାନରେ ପ୍ରାୟ ୧୦୦ ଜଣ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ।

# ଗୋଛାଗୋରାରେ କନ୍ଧ ସମାଜର ବୈଠକ

କଣ୍ଟାମାଳ,୬ ।୧୦(ସମିସ): କଣ୍ଟାମାଳ ବ୍ଲକ୍ ଗୋଛାଗୋରା ଗ୍ରାମରେ କୁଦୁର୍କା ପ୍ରଗଣା କନ୍ଧ ସମାଜର ଏକ ଗୁରୁତ୍ୱପୂର୍ଣ୍ଣ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। କୁଦୁର୍କା ପ୍ରଗଣା ସଭାପତି ଦେବାଧି ମଲିକଙ୍କ ଆହ୍ୱାନ କ୍ରମେ ଅନୁଷ୍ଠିତ ଏହି ସଭାରେ ଆଞ୍ଚଳିକ କନ୍ଧ ସମାଜ ଉନ୍ନୟନ ପରିଷଦର ଅଧ୍ୟକ୍ଷ ସାମନ୍ତ ମାଝୀ ସଭାପତିତ୍ୱ କରିଥିଲେ। ସଭା ପୂର୍ବରୁ କନ୍ଧ ସମାଜର ଇଷ୍ଟଦେବୀ ଆଦିମାତା ଆଦିଶକ୍ତିଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ମହସିଂ ପ୍ରଗଣା ସଭାପତି ହେମସାଗର ମାଝୀ, ତୁର୍କା ସମ୍ପାଦକ ଧର୍ମୁ କହଁର, କଣ୍ଟାମାଳ ବ୍ଲକ୍ ଉପ ସଭାପତି ପିତାମ୍ବର ଭୋଇ, ବିଲବିଟ ପ୍ରଗଣା ଉପଦେଷ୍ଟା ଦେବହରୀ ମଲିକ, ବରିଷ୍ଠ ସଦସ୍ୟ ଘନଶ୍ୟାମ ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ସମାଜର ପ୍ରାଚୀନ ସଂସ୍କୃତି, ପରମ୍ପରା ଏବଂ ରୀତିନୀତିକୁ ସୁରକ୍ଷିତ ରଖିବା ସହିତ ଏହାର ସୁରକ୍ଷା ଉପରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା। ସମାଜର ସର୍ବାଙ୍ଗୀନ ବିକାଶ ପାଇଁ ସମସ୍ତେ ଏକାଠି ହୋଇ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନିଆଯାଇଛି। ସମାଜର ଯୁବପିଢ଼ିଙ୍କୁ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଆଗକୁ ବଢ଼ାଇବା ପାଇଁ ମିଳିତ ପ୍ରୟାସ ଜରୁରୀ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ପରସ୍ପର ମଧ୍ୟରେ ଭାଇଚାରା, ଏକତା ଏବଂ ସାମାଜିକ ଶୃଙ୍ଖଳା ବଜାୟ ରଖିବା ପାଇଁ ବରିଷ୍ଠ ବ୍ୟକ୍ତିମାନେ ପରାମର୍ଶ ଦେଇଥିଲେ। ଆଞ୍ଚଳିକ କମିଟି ସମ୍ପାଦକ ସୁଦାମ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ପାଦକ ରବୀନ୍ଦ୍ର କହଁର, କୋଷାଧ୍ୟକ୍ଷ ମୁଛ ଝାଙ୍କର, ଗୋଛାଗୋରା ଗ୍ରାମ ଏବଂ ଆଖପାଖ ଅଞ୍ଚଳର ବହୁ କନ୍ଧ ସମାଜର ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# କୃଷକ ଉତ୍ପାଦକ ସଂଗଠନଙ୍କ ତାଲିମ ଶିବିର

ଜହ୍ନାପଙ୍କ,୬ ।୧୦(ସମିସ): ବୌଦ୍ଧ କୃଷି ବିଜ୍ଞାନ କେନ୍ଦ୍ର ସଭାଗୃହରେ ବୌଦ୍ଧ ଜିଲ୍ଲାର ସମସ୍ତ କୃଷକ ଉତ୍ପାଦକ ସଂଗଠନମାନଙ୍କ ନିର୍ଦ୍ଦେଶକ ଓ ସିଇଓମାନଙ୍କୁ ନେଇ ପ୍ରଥମ ଜିଲ୍ଲାସ୍ତରୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଅଗ୍ରୋ ପଲିଟେକନିକ ନିର୍ଦ୍ଦେଶକ ପ୍ରଫେସର ମହାମାୟା ପ୍ରସାଦ ନାୟକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବୌଦ୍ଧ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା ଦିଲ୍ଲୀପ କବିରାଜ, ଉଦ୍ୟାନ ଉପ ନିର୍ଦ୍ଦେଶକ ଶୁଭେନ୍ଦୁ ବିଶ୍ୱାସ, ଅଗ୍ରଣୀ ବ୍ୟାଙ୍କ ଅଧିକାରୀ ଡୁନ୍ ବାସ୍କେ, ଏନଏଚଆରଡିଏଫ ତାଲିମଦାତା ରଂଜିତ ଦାଶ, ଜିଲ୍ଲା ଶିଳ୍ପ କେନ୍ଦ୍ରର ଶୁଭେନ୍ଦୁ ଶେଖର ସାହୁ, ବ୍ଲକ୍ କୃଷି ଅଧିକାରୀ ରାଜେଶ ଚୌଧୁରୀ ପ୍ରମୁଖ ଯୋଗ ଦେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ବୈଜ୍ଞାନିକ ତପନ ଦାସ ସଂଯୋଜନା କରିଥିଲେ। ଓଡିଶା କୃଷି ବିଶ୍ୱ ବିଦ୍ୟାଳୟ ଏଫପିଓ ସମ୍ପ୍ରସାରଣ ମାଧ୍ୟମରେ ଯୁଗ୍ମ ନିର୍ଦ୍ଦେଶିକା ଡ. ସର୍ବାଣୀ ଦାସଙ୍କ ସଂଯୋଜନାରେ ଓୟୁଏଟି ଡିନ୍ (ସମ୍ପ୍ରସାରଣ) ଡା ସୁଶାନ୍ତ ସ୍ୱାଇଁଙ୍କ ଉପସ୍ଥିତରେ କମ୍ପାନୀ ସେକ୍ରେଟାରୀ ସୁନିଲ ଦେଓ ଅନଲାଇନ ମଧ୍ୟରେ ତାଲିମ ପ୍ରଦାନ କରିଥିଲେ। ଫେଡେରେସନ ସଭାପତି ରାଜ କିଶୋର ଅଗ୍ରୱାଲ, ସମ୍ପାଦକ କୃତ୍ତିବାସ ପଲିଆ, ସଦସ୍ୟ ପୂର୍ଣ୍ଣଚନ୍ଦ୍ର ଖଟୁଆ, ମଞ୍ଜୁଲତା ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଭାରତୀୟ କିସାନ ସଂଘ ବୌଦ୍ଧ ଜିଲ୍ଲା ସଭାପତି ଭୋଳାଗିରି ସାହୁ ଓ ଜିଲ୍ଲା ସଂଯୋଜକ ବିଶିକେସନ ପ୍ରଧାନ ଯୋଗ ଦେଇଥିଲେ। ଶେଷରେ କୃଷି ବିଜ୍ଞାନ କେନ୍ଦ୍ରର ଗୃହ ବିଜ୍ଞାନୀ ଡ. ସସ୍ମିତା ପାଲ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟତମ କୃଷି ବୈଜ୍ଞାନିକ ଡ. ମୟୂରୀ ସିଂ ସର୍ଦାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମେଟାକାନି ମନ୍ଦିର ପରିସରରେ ସଫେଇ

ବୀରମହାରାଜପୁର, ୬ ।୧୦(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ୍ ମେଟାକାନି ମନ୍ଦିର ପରିସରରେ ମେରା ଯୁବା ଭାରତ, ସୋନପୁର ତତ୍ତ୍ୱାବଧାନରେ "ସେବା ପଖୱାଡ଼ା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଷ୍ଟ୍ରୀୟ ସ୍ୱେଚ୍ଛାସେବୀଙ୍କୁ ନେଇ ସ୍ୱତନ୍ତ୍ର ସେବା ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ କରାଯାଇଥିଲା। ମନ୍ଦିର ପରିସରରେ ସ୍ୱଚ୍ଛତା ଅଭିଯାନ ସହ ଜନସାଧାରଣଙ୍କ ମଧ୍ୟରେ ସେବା, ସ୍ୱଚ୍ଛତା ଓ ସାମାଜିକ ଦାୟିତ୍ୱର ବାର୍ତ୍ତା ପ୍ରଚାର କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ କଣ୍ଟାମାଳ ବିଧାୟକ କହ୍ନେଇଚରଣ ଡାଙ୍ଗ ଉପସ୍ଥିତ ଥିଲେ। ମେରା ଯୁବା ଭାରତର କୃପାସିନ୍ଧୁ ସା, ସୁନୀଲ ପଧାନ, ଦେବାଶିଷ କମ୍ପ, ପ୍ରକୃତି ବନ୍ଧୁ ଶମ୍ଭୁରାଜ କର୍ଣ୍ଣ ଏବଂ ଯୋଗ ଶିକ୍ଷକ ଧବଳେଶ୍ୱର ଭୁକ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଦୟା ସରାବନି ଯୋଗ ଟ୍ରଷ୍ଟ ଏବଂ ବୀର ସୁରେନ୍ଦ୍ର ସାଏ କ୍ଲବ୍ ସଦସ୍ୟମାନେ ସହଯୋଗ କରିଥିଲେ।

# ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ




ତୁଷୁରା,୬ ।୧୦(ସମିସ): ତୁଷୁରା ଏନ୍‌ଏସି ପକ୍ଷରୁ ସ୍ୱଚ୍ଛତା ଓ ସେବା କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ବିଭିନ୍ନ ସ୍କୁଲରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏନେଇ ଆଜି ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀନିବାସ ମିର୍ଦ୍ଧାଙ୍କ ସଭାପତିତ୍ୱରେ ଏନ୍‌ଏସି ମିଟିଂ ହଲ୍ ପରିସରରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ତୁଷୁରା ଏନ୍‌ଏସି ଅଧ୍ୟକ୍ଷ ଅଜୟ ଜୟସ୍ୱାଲ ଯୋଗ ଦେଇ ଥିବା ବେଳେ ତୁଷୁରା ତହସିଲଦାର ଆର୍ତ୍ତ ତ୍ରାଣ ଥାଟି, ଟିଟଲାଗଡ ବିଧାୟକଙ୍କ ତୁଷୁରା ଏନ୍‌ଏସି ପ୍ରତିନିଧି ଜିତେନ୍ଦ୍ର ମହାପାତ୍ର, ଏନ୍‌ଏସି ଉପାଧ୍ୟକ୍ଷା ମାମୀ ଦାସ ଯୋଗଦେଇ ସହରର ସ୍ୱଚ୍ଛତାକୁ ଧ୍ୟାନ ଦେବା ଏବଂ ଅଞ୍ଚଳକୁ ସବୁଜ ସୁନ୍ଦର ଗଢିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିଭିନ୍ନ ସ୍କୁଲରେ ହୋଇଥିବା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

# ସମସ୍ୟାରେ ଶଗଡ଼ା ଜନତା ହାଇସ୍କୁଲ

- ୨୭୦ ଛାତ୍ରଛାତ୍ରୀଙ୍କୁ ୩ ଶିକ୍ଷକ

**ଭାର ସମ୍ଭାଳିଛନ୍ତି ପ୍ରଧାନଶିକ୍ଷକ, ସଂସ୍କୃତ ଶିକ୍ଷକ ଓ ଖେଳ ଶିକ୍ଷକ**

କଣ୍ଟାମାଳ,୬ ।୧୦(ସମିସ): ବୌଦ୍ଧ ଜିଲ୍ଲା ଶଗଡ଼ା ଜନତା ହାଇସ୍କୁଲ ଅନେକ ସମସ୍ୟା ଭିତରେ ଚାଲିଛି। ଏଠାରେ ମାତ୍ର ୩ ଜଣ ଶିକ୍ଷକ ଅଛନ୍ତି। ଜଣେ ପ୍ରଧାନଶିକ୍ଷକ, ଜଣେ ସଂସ୍କୃତ ଶିକ୍ଷକ ଓ ଖେଳ ଶିକ୍ଷକ କାର୍ଯ୍ୟ କରୁଛନ୍ତି। ଦେଖିବାକୁ ଗଲେ ବିଷୟଗତ ଶିକ୍ଷକ କେବଳ ସଂସ୍କୃତ ଶିକ୍ଷକ। ପ୍ରଧାନ ଶିକ୍ଷକ ଅଫିସ ତଥା ସରକାରୀ କାମ କରିବାକୁ ବାଧ୍ୟ। ଖେଳ ଶିକ୍ଷକ ମଧ୍ୟ ପିଲାଙ୍କୁ ପଢାଉଛନ୍ତି। ଏଣୁ ଅତି ଦୟନୀୟ ଭାବେ ଏଠି ପିଲାମାନେ ପାଠ ପଢୁଛନ୍ତି। ଏହି ୩ ଜଣ ଶିକ୍ଷକ ପିଲାଙ୍କ ଭାର ସମ୍ଭାଳିବା କଷ୍ଟକର ହୋଇ ପଡୁଛି। ବିଦ୍ୟାଳୟରେ ସମୁଦାୟ ୨୭୦ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ଗଣିତ, ବିଜ୍ଞାନ, ଇଂରାଜୀ, ଇତିହାସ, ଭୂଗୋଳ ଓ ହିନ୍ଦୀ ଆଦି ବିଷୟର ଶିକ୍ଷକ ନାହାନ୍ତି। ସେହିଭଳି ରୋଷେଇ ଘର ଉପରେ ଗଛ ପଡି ପାଣି ଗଳୁଛି। ଏଣୁ ବାହାରେ ରୋଷେଇ କରାଯାଉଛି। ସ୍କୁଲରେ ଗୋଟିଏ ପଟରେ ପାଚେରି ଅଛି। ଅନ୍ୟ ୩ ପଟ ମେଲା ପଡିଛି। ବାଳକ ମାନଙ୍କ ପାଇଁ ପାଇଖାନ ନାହିଁ। ଏ ସବୁ ସମସ୍ୟା ନେଇ ସ୍କୁଲ ପରିଚାଳନା ସମିତି ସଭାପତି ଓ ଅଭିଭାବକ ବାରମ୍ବାର ଅଭିଯୋଗ କରୁଛନ୍ତି; ହେଲେ କିଛି ଲାଭ ହେଉନି।

# ପୂର୍ବତନ ପ୍ରଧାନ ଶିକ୍ଷକଙ୍କ ପରଲୋକ



ଟିଟିଲାଗଡ,୬ ।୧୦(ସମିସ): ଟିଟିଲାଗଡ ବ୍ଲକ୍ ବନ୍ଧୂପଲା ସ୍କୁଲର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଧନପତି ଚନ୍ଦନ(୭୫)ଙ୍କ ନୀଳଚକ୍ର ନଗର ସ୍ଥିତ ବାସ ଭବନରେ ପରଲୋକ ଘଟିଛି। ସେ ରାଜ୍ୟସ୍ତରୀୟ ଫୁଟବଲ୍ ଖେଳାଳି ଥିଲେ। ଦୀର୍ଘଦିନ ଧରି ବୃକକ୍ ଜନିତ ସମସ୍ୟାରେ ପୀଡ଼ିତ ଥିଲେ। ସହରର ମୁକ୍ତିଧାମ୍‌ଠାରେ ତାଙ୍କ ଅନ୍ତିମ ସତ୍କାର କରାଯାଇଛି। ତାଙ୍କ ଶବଧାରରେ ବହୁ ଲୋକ ସାମିଲ ଥିଲେ। ତାଙ୍କ ବିୟୋଗରେ ଟିଟିଲାଗଡ ଆଥେଲେଟିକ୍ସ ଆସୋସିଏସନ୍‌ର ସାଭାପତି ରାଧାକାନ୍ତ ପାଢ଼ୀ, ସମ୍ପାଦକ ଶୁଭ୍ରାଂଶୁ ଦାସ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ନୂଆ ଜିଲ୍ଲାପାଳଙ୍କୁ ଭେଟିଲେ ସାମ୍ବାଦିକ



ଡୁଙ୍ଗୁରିପାଲି,୬ ।୧୦(ସମିସ): ସୋନପୁର ଜିଲ୍ଲାର ନୂତନ ଜିଲ୍ଲାପାଳ ଭାବେ ଯୋଗ ଦେଇଥିବା ଦେବାଶିଷ ସିଂଙ୍କୁ ଡୁଙ୍ଗୁରିପାଲି ବ୍ଲକ୍ ସାମ୍ବାଦିକ ସଙ୍ଘର କର୍ମକର୍ତ୍ତା ଭେଟି ଅଭିନନ୍ଦନ ଜଣାଇଛନ୍ତି। ସଂଘ ସଭାପତି ପଦ୍ମବାଗଯାଦବ ଓ ସମ୍ପାଦକ ମୁକେଶ ଭୋଇ ପୁଷ୍ପଗୁଚ୍ଛ ସହ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଉପସଭାପତି ଚୌବର୍ଗ ଭୋଇ, କୋଷାଧ୍ୟକ୍ଷ ସୁଦାମ ସାହୁ, ଗ୍ରନ୍ଥାଗାରିକ ଉମାକାନ୍ତ ବାଘ, ସାମ୍ବାଦିକ ପ୍ରକାଶ ହାତୀ ଓ ମହାଦେବ ଗଡତିୟା ପ୍ରମୁଖ ଉପସ୍ଥିତ ଥିଲେ।

# ମଦ କାରବାରରେ ୨ ଗିରଫ

ପାଟଣାଗଡ଼,୬ ।୧୦(ସମିସ): ଲରମ୍ଭା ଥାନା ମୁଦଲସର ବ୍ରିଜ ଛକ ନିକଟରେ ଅବକାରୀ ବିଭାଗ ପାଟ୍ରୋଲିଂ କରୁଥିବାବେଳେ ୧୧୦ ଲିଟର ରନ୍ଧା ଦେଶୀ ମଦ ସହ ଗୋଟିଏ ବାଇକ୍ ଜବତ କରି ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଗାଇସିଲେଟ ଥାନା ଛାନ୍ଦ୍ରାପାଳି ଗାଁ ର ଅର୍ଜୁନ ବରିହା (୪୩) ଓ ଅଭି ବରିହା (୩୨)। ଅବକାରୀ ବିଭାଗ ସନ୍ଦେହରେ ସେମାନଙ୍କୁ ଯାଞ୍ଚ କରିବାରୁ ଏକ ବସ୍ତାରେ ରନ୍ଧା ମଦ ମିଳିଥିଲା। ଜରି ପାଉଚ ଗୁଡିକରେ ମଦ ଭର୍ତ୍ତି ହୋଇଥିଲା। ଏହି ଚଢ଼ଉରେ ଅବକାରୀ ଅଧିକାରୀ ଭବାନୀ ବେହେରା, ଏଏସଆଇ ପିନୁ ସାହୁ, କନେଷ୍ଟବଳ ଗୁଣମତି ମାଝୀ, ବିନୟ ପଟେଲ ଓ ନୀତିଶ ତରିଆ ସାମିଲ ଥିଲେ।

# ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ନାଟକ ପ୍ରଦର୍ଶିତ

ବଲାଙ୍ଗିର,୬ ।୧୦(ସମିସ): ସେବା ସଂକଳ୍ପ ଅଭିଯାନ-୨୦୨୬ ଅବସରରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଆୟୋଜିତ ଜିଲ୍ଲାସ୍ତରୀୟ ପଥପ୍ରାନ୍ତ ନାଟକ "ନମୋ ସେବା ଗାଥା' ସରକାରୀ ମହିଳା ମହାବିଦ୍ୟାଳୟ ପରିସରରେ ପରିବେଷିତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜୀବନ, ସଂଘର୍ଷ ଓ ୨୫ ବର୍ଷର ଜନସେବାକୁ ଆଧାର କରି ଏହି ନାଟକ ପ୍ରସ୍ତୁତ କରାଯାଇଥିଲା। କଳାକାରମାନେ ତାଙ୍କ ଜୀବନର ବିଭିନ୍ନ ପର୍ଯ୍ୟାୟ ଏବଂ ସାର୍ବଜନୀନ ଜୀବନରେ ତାଙ୍କ ଯାତ୍ରାକୁ ନାଟ୍ୟରୂପରେ ପ୍ରଦର୍ଶନ କରିଥିଲେ। ଏଥିରେ ଜନସେବା, ପ୍ରତିବଦ୍ଧତା ଓ ରାଷ୍ଟ୍ର ଗଠନ ପ୍ରତି ତାଙ୍କ ଭୂମିକାକୁ ମଧ୍ୟ ଚିତ୍ରଣ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ଡ. ବିଜୟାନନ୍ଦ ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ବଲ୍ଲଭ ଧରୁଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଜେପି ଜିଲ୍ଲା ସଭାପତି ଶ୍ରୀବତ୍ସ ବେହେରା, ଉପମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଗୋପାଳଜୀ ପାଣିଗ୍ରାହୀ, ସାଂସଦଙ୍କ ପ୍ରତିନିଧି ଦିନେଶ ଶର୍ମା ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝୀ, ସରକାରୀ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଅରବିନ୍ଦ ଓଝା, ପଥପ୍ରାନ୍ତ ନାଟକର ଜିଲ୍ଲା ସଂଯୋଜକ ସୁଶାନ୍ତ ମହାନ୍ତି ଓ ଅମରଜିତ୍ ପଟେଲଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ମାନ୍ୟଗଣ୍ୟ ବ୍ୟକ୍ତି, ଛାତ୍ରଛାତ୍ରୀ ଓ ସାଧାରଣ ଲୋକ ଉପସ୍ଥିତ ଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମି ରଞ୍ଜନ ମିଶ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ସନ୍ଦୀପ କଅଁର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ତରଭା:** ସୁବର୍ଣ୍ଣପୁର ଜିଲ୍ଲା ନୂଆ ଟାଉନ ହଲଠାରେ ଜିଲ୍ଲାସ୍ତରୀୟ ପଥପ୍ରାନ୍ତ ନାଟକ "ନମୋ ସେବା ଗାଥା' କାର୍ଯ୍ୟକ୍ରମ ମଙ୍ଗଳବାର ଆୟୋଜିତ ହୋଇଛି। ଏହି ଅବସରରେ ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା, ବେଣୁଧର ଦାସ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ ମେହେର, ସମାଜସେବୀ ନଳିନୀ ପଣ୍ଡା ଏବଂ ଜିଲ୍ଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ।

**ବୀରମହାରାଜପୁର:** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ କମିରା ଏବଂ ପିତା ମହୁଲଠାରେ ପଥପ୍ରାନ୍ତ ନାଟକ ପ୍ରଦର୍ଶିତ ହୋଇଥିଲା। ଅବିନାଶ ପଧାନ ନିର୍ଦ୍ଦେଶନା ଦେଇଥିଲେ। ବିଭିନ୍ନ ଭୂମିକାରେ ଅବିନାଶ ପଧାନ, ପ୍ରଦୀପ ମିଶ୍ର, ଦୁର୍ବାଦଳ, ପଧାନ, ଚମ୍ପେଶ୍ୱର ପଧାନ, ପୁରନ୍ଦର ପଧାନ, ମିଳନ ଦେହେରି, ସୁରେଶ ମିଶ୍ର,, ବୈଷ୍ଣବ ପଧାନ, ରାଜେଶ ସାହୁ, ବରୁଣ ପଧାନ, ଟିଟୁନପଧାନ, ନୀଳାଦ୍ରି ବିହାରୀ ସାହୁ ପ୍ରମୁଖ ଅଭିନୟ କରିଥିଲେ।

# କର୍ମଚାରୀଙ୍କ ଅନଶନ ଯୋଗୁଁ ବିଦ୍ୟୁତ୍ ସେବା ବିପର୍ଯ୍ୟସ୍ତ

କଣ୍ଟାମାଳ,୬ ।୧୦(ସମିସ): ବୌଦ୍ଧ ଜିଲ୍ଲା ମନମୁଣ୍ଡା ବିଦ୍ୟୁତ ସବଡିଭିଜନ ଅଧୀନ କଣ୍ଟାମାଳ, ଘଣ୍ଟାପଡ଼ା ଓ ଘୁଲୁଘୁଲାପଦର ଗ୍ରୀଡ୍ ଅଞ୍ଚଳରେ ବିଦ୍ୟୁତ ସେବାକୁ ନେଇ ଦିନକୁ ଦିନ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ବିଦ୍ୟୁତ୍ ମରାମତି ଓ ରକ୍ଷଣାବେକ୍ଷଣ କାର୍ଯ୍ୟରେ ନିୟୋଜିତ କର୍ମଚାରୀ ୨ ଦିନ ଧରି ଅନଶନରେ ରହିଛନ୍ତି। ଏଣୁ ବିଭିନ୍ନ ସ୍ଥାନରେ ବିଦ୍ୟୁତ ତ୍ରୁଟି ଦେଖାଦେଲେ ମଧ୍ୟ ତାହାର ତୁରନ୍ତ ମରାମତି ହୋଇପାରୁନାହିଁ। ସାଧାରଣ ଭାବେ ଘରୋଇ ବିଦ୍ୟୁତ ଲାଇନ୍‌ର ଫିଉଜ୍ କଟିଗଲେ ମଧ୍ୟ ଉପଭୋକ୍ତା ଟାଟା ପାୱାରର ଟୋଲ୍‌ଫ୍ରି ନମ୍ବରରେ ଅଭିଯୋଗ କରୁଛନ୍ତି। ଅନେକ ସମୟରେ ତାହାର ସମାଧାନ ପାଇଁ କର୍ମଚାରୀ ପହଞ୍ଚୁ ନ ଥିବାରୁ ଲୋକେ ଦୀର୍ଘ ସମୟ ଧରି କଲବଲ ହେଉଛନ୍ତି। ଏହା ଫଳରେ ଦୈନନ୍ଦିନ ଜୀବନ ସହିତ ବ୍ୟବସାୟ, ଛାତ୍ରଛାତ୍ରୀଙ୍କ ପାଠପଢ଼ା ଓ ବିଭିନ୍ନ ଜରୁରୀ କାର୍ଯ୍ୟ ପ୍ରଭାବିତ ହେଉଛି। ଅନ୍ୟପକ୍ଷରେ ଉପଭୋକ୍ତା ପ୍ରଶ୍ନ ଉଠାଇ କହିଛନ୍ତି ଯେ ବିଦ୍ୟୁତ ବିଲ୍ ସଂଗ୍ରହ କରିବାରେ କମ୍ପାନୀ ଯେତିକି ତତ୍ପରତା ଦେଖାଉଛି ଉପଭୋକ୍ତାଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଇବା ଓ ତ୍ରୁଟି ଦେଖାଦେଲେ ତୁରନ୍ତ ମରାମତି କରିବାରେ ସେହି ତତ୍ପରତା ଦେଖାଯାଉନାହିଁ। ବିଦ୍ୟୁତ ସେବା ଏକ ଅତ୍ୟାବଶ୍ୟକ ସେବା ହୋଇଥିବା ବେଳେ କର୍ମଚାରୀଙ୍କ ଅନଶନ ଯୋଗୁଁ ଯଦି ସେବା ବାଧାପ୍ରାପ୍ତ ହୁଏ ତେବେ ଏହାର ବିକଳ୍ପ ବ୍ୟବସ୍ଥା କରିବା ଦାୟିତ୍ୱ ବିଦ୍ୟୁତ ବିଭାଗ ଓ ସଂପୃକ୍ତ କମ୍ପାନୀର ବୋଲି ଉପଭୋକ୍ତା ମତ ପ୍ରକାଶ କରିଛନ୍ତି। ବିଶେଷ କରି ବର୍ତ୍ତମାନ ବର୍ଷା ଋତୁ ଶେଷ ହେବା ସହ ଚାଷୀ ଧାନ ଚାଷ ପାଇଁ ଜୋରସୋରରେ ପ୍ରସ୍ତୁତି ଚଳାଇଛନ୍ତି। ବିଦ୍ୟୁତ ସମସ୍ୟା ଚାଷୀଙ୍କ ଚିନ୍ତାକୁ ଆହୁରି ବଢ଼ାଇ ଦେଇଛି। କଣ୍ଟାମାଳ, ଘଣ୍ଟାପଡ଼ା ଓ ଘୁଲୁଘୁଲାପଦର ଗ୍ରୀଡ୍ ଅଧୀନ ବିଭିନ୍ନ ଅଞ୍ଚଳରେ ଥିବା ଉଠା ଜଳସେଚନ ପ୍ରକଳ୍ପ ଓ ଗଭୀର ନଳକୂପଗୁଡ଼ିକର ବିଦ୍ୟୁତ ଟ୍ରାନ୍ସଫର୍ମରର ଫିଉଜ୍ କଟିଯାଇଥିବାରୁ ଅନେକ ସ୍ଥାନରେ ଜଳସେଚନ ବ୍ୟବସ୍ଥା ବନ୍ଦ ରହିଛି ବୋଲି ଚାଷୀ ଅଭିଯୋଗ କରିଛନ୍ତି। ବିଦ୍ୟୁତ ନ ଥିବାରୁ ମୋଟର ଚାଲୁ ନ ଥିବା ଏବଂ ଜମିକୁ ପାଣି ଯାଇପାରୁ ନ ଥିବାରୁ ଧାନ ଫସଲ ଶୁଖିବା ଆରମ୍ଭ କରିଥିବା ନେଇ ଚାଷୀ ଚିନ୍ତା ପ୍ରକାଶ କରିଛନ୍ତି। ଚାଷ ସମୟରେ ଏଭଳି ବିଦ୍ୟୁତ ବିଭ୍ରାଟ ଜାରି ରହିଲେ ଧାନ ଫସଲ ଉପରେ ଏହାର ଗୁରୁତର ପ୍ରଭାବ ପଡ଼ିବା ସହ ଚାଷୀମାନେ ଆର୍ଥିକ କ୍ଷତିର ସମ୍ମୁଖୀନ ହେବେ ବୋଲି ଚାଷୀ କହିଛନ୍ତି। ତେଣୁ ଉପଭୋକ୍ତା ଓ ଚାଷୀଙ୍କ ସମସ୍ୟାକୁ ଗୁରୁତ୍ୱର ସହ ନେଇ କଣ୍ଟାମାଳ, ଘଣ୍ଟାପଡ଼ା ଓ ଘୁଲୁଘୁଲାପଦର ଗ୍ରୀଡ୍ ଅଧୀନ ଅଞ୍ଚଳରେ ତୁରନ୍ତ ମରାମତି କର୍ମଚାରୀଙ୍କୁ ନିୟୋଜିତ କରି ବିଦ୍ୟୁତ ସେବା ସ୍ୱାଭାବିକ କରିବା ସହ ଉଠା ଜଳସେଚନ ଓ ଗଭୀର ନଳକୂପର ଟ୍ରାନ୍ସଫର୍ମର ଫିଉଜ୍ ମରାମତି କରିବା ପାଇଁ ଟାଟା ପାୱାର ଅଧିକାରୀଙ୍କ ନିକଟରେ ଦାବି ହୋଇଛି। ଏଥିସହିତ ଜିଲ୍ଲା ପ୍ରଶାସନ ମଧ୍ୟ ଘଟଣାରେ ହସ୍ତକ୍ଷେପ କରି ବିଦ୍ୟୁତ ସେବା ଯେପରି ବାଧାପ୍ରାପ୍ତ ନହୁଏ ଏବଂ ଚାଷୀଙ୍କ ଧାନ ଫସଲ ଜଳାଭାବରେ ନଷ୍ଟ ନହୁଏ, ସେଥିପାଇଁ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଶ୍ରୀ ଜଗନ୍ନାଥ ଦର୍ଶନ ଯାତ୍ରାର ଶୁଭାରମ୍ଭ

ତରଭା,୬ ।୧୦(ସମିସ): ସୁବର୍ଣ୍ଣପୁର ଜିଲ୍ଲାର ନୂଆଁ ଟାଉନ ହଲରେ ଶ୍ରୀ ଜଗନ୍ନାଥ ଦର୍ଶନ ଯାତ୍ରାର ଶୁଭାରମ୍ଭ ହୋଇଛି। ବିଧାୟକ ରଘୁନାଥ ଜଗଦଲା ମଙ୍ଗଳବାର ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ରାଜେଶ ସାହୁ, ଓଏସ୍‌ଆର୍‌ଟିସିର ଜେ.ଏମ. ଲକ୍ଷ୍ମୀ ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ଉପସ୍ଥିତ ଥିଲେ। ୨୧୦ ଜଣ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ୬ଟି ଶୀତତାପ ନିୟନ୍ତ୍ରିତ ଭଲଭୋ ବସ୍‌ରେ ରାତ୍ରି ଭୋଜନ କରି ପୁରୀ ଅଭିମୁଖେ ବାହାରିଛନ୍ତି। ୬ଟି ବସରେ ୬ ଜଣ ଏସ୍କର୍ଟ ଅଫିସର ତାଙ୍କ ସହିତ ଯାଉଛନ୍ତି। ଯାତ୍ରୀମାନେ ବୁଧବାର ସକାଳେ ପୁରୀରେ ପହଞ୍ଚିବେ। ଶ୍ରୀକ୍ଷେତ୍ର ଦର୍ଶନ କରି ସନ୍ଧ୍ୟାରେ ପୁରୀରୁ ବାହାରିବେ। ସେହିପରି ବୁଧବାର ମଧ୍ୟ ୨୮୦ ଜଣ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ୧୨ ଜଣ ଏସ୍କର୍ଟ ଅଫିସରଙ୍କ ସହିତ ପୁରୀ ବାହାରିବେ। ଏହି ବରିଷ୍ଠ ନାଗରିକମାନଙ୍କ ରହିବା, ଖାଇବା ଏବଂ ଯାତାୟାତ ସମସ୍ତ ଖର୍ଚ୍ଚ ସରକାର ବହନ କରୁଛନ୍ତି।



**ଏସ୍‌ଆଇଆରରେ ବାଦ୍ ଯୋଗ୍ୟ ଭୋଟରଙ୍କ ନାଁ ସାମିଲ ସୁଯୋଗ**

# ଆଜିଠୁ ୯ ପର୍ଯ୍ୟନ୍ତ ସୁବର୍ଣ୍ଣପୁର ଜିଲ୍ଲାରେ ସ୍ୱତନ୍ତ୍ର ଅଭିଯାନ

ତରଭା,୬ ।୧୦(ସମିସ): ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର)-୨୦୨୬ ପରିପ୍ରେକ୍ଷୀରେ ଭୋଟର ତାଲିକାକୁ ଅଧିକ ଠିକ୍, ସ୍ୱଚ୍ଛ କରିବା ଉଦ୍ଦେଶ୍ୟରେ ସୁବର୍ଣ୍ଣପୁର ଜିଲ୍ଲାରେ ବୁଧବାରଠାରୁ ୯ ତାରିଖ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଅଭିଯାନ ଅନୁଷ୍ଠିତ ହେବ। ଏହି ଅଭିଯାନ ୬୪-ବୀରମହାରାଜପୁର ଓ ୬୫-ସୋନପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ଅନୁଷ୍ଠିତ ହେବ। ଏସଆଇଆର ପ୍ରକ୍ରିୟାରେ କୌଣସି କାରଣରୁ ଚୂଡ଼ାନ୍ତ ଭୋଟର ତାଲିକାରେ ନାମ ସାମିଲ ହୋଇପାରି ନ ଥିବା ଯୋଗ୍ୟ ଭୋଟର ଏବଂ ନୂତନ ଭାବେ ଯୋଗ୍ୟ ହୋଇଥିବା ଯୁବ ଓ ପ୍ରଥମ ଥରର ଭୋଟରଙ୍କୁ ତାଲିକାରେ ସାମିଲ କରିବା ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ। ଅକ୍ଟୋବର ୧ ସୁଦ୍ଧା ୧୮ ବର୍ଷ ବୟସ ପୂରଣ କରିଥିବା ଯୁବକ, ଯୁବତୀ ଫର୍ମ-୬ ମାଧ୍ୟମରେ ଭୋଟର ତାଲିକାରେ ନିଜ ନାମ ସାମିଲ ପାଇଁ ଆବେଦନ କରିପାରିବେ। ଏଥିପାଇଁ ସେମାନେ ନିଜ ଅଞ୍ଚଳର ବୁଥ୍ ସ୍ତରୀୟ ଅଧିକାରୀ (ବିଏଲଓ) ଙ୍କ ସହ ଯୋଗାଯୋଗ କରି ଆବଶ୍ୟକ ସହାୟତା ଓ ମାର୍ଗଦର୍ଶନ ନେଇପାରିବେ। ଏହି ତିନି ଦିନକୁ ଏକ ସମର୍ପିତ ଭୋଟର ଅଭିଯାନ ଭାବେ ପାଳନ କରାଯିବ। ବୁଥ୍ ସ୍ତରରେ ବିଶେଷ ଶିବିର ଆୟୋଜନ କରାଯାଇ ଏସଆଇଆରରେ ବାଦ୍ ପଡ଼ିଥିବା ଯୋଗ୍ୟ ଭୋଟର, ଯୁବ ଓ ନୂତନ ଭୋଟରଙ୍କୁ ଆବେଦନ ଦାଖଲ ପ୍ରକ୍ରିୟାରେ ସହାୟତା କରାଯିବ। ବିଏଲଓମାନେ ଏହି ଅଭିଯାନ ସମୟରେ ଯୋଗ୍ୟ ଭୋଟରଙ୍କୁ ଚିହ୍ନଟ କରି ନାମ ପଞ୍ଜୀକରଣ ପାଇଁ ଆବଶ୍ୟକ ସହଯୋଗ ପ୍ରଦାନ କରିବେ। ଏଥିସହିତ ଏସଆଇଆର ପ୍ରକ୍ରିୟାରେ ଚିହ୍ନଟ ହୋଇଥିବା ମୃତ, ସ୍ଥାନାନ୍ତରିତ, ଅନୁପସ୍ଥିତ ଓ ଦୋହରା ଭୋଟରଙ୍କ ତାଲିକା (ଏଏସଡ଼ିଡି) ସାଧାରଣ ଅବଗତି ଓ ଯାଞ୍ଚ ପାଇଁ ଉପଲବ୍ଧ କରାଯିବ। ଏହି ତାଲିକା ସମ୍ପର୍କିତ ଜିଲ୍ଲା ୱେବସାଇଟ୍ ସହ ସିଇଓ, ଓଡିଶା ୱେବସାଇଟରେ ମଧ୍ୟ ଉପଲବ୍ଧ ହେବ। ଯଦି କୌଣସି ଯୋଗ୍ୟ ଭୋଟରଙ୍କ ନାମ ଭୁଲ୍ ବଶତଃ ଏହି ତାଲିକାରେ ଅନ୍ତର୍ଭୁକ୍ତ ହୋଇଥାଏ ତେବେ ଆବଶ୍ୟକ ଯାଞ୍ଚ ପରେ ଦାବି ଓ ଆପତ୍ତି ଦାଖଲ କରାଯାଇପାରିବ। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ଅଭିଯାନର ପ୍ରଗତି ଉପରେ ଦୈନିକ ଭିତ୍ତିରେ ନଜର ରଖାଯିବ। ଆୟୋଜିତ ଶିବିର ଓ କାର୍ଯ୍ୟକଳାପ ସମ୍ପର୍କରେ ପ୍ରତିଦିନ ତଥ୍ୟ ଗ୍ରହଣ କରାଯିବ। ଅଭିଯାନର ପ୍ରତ୍ୟେକ ଦିନର କାର୍ଯ୍ୟକ୍ରମ ଓ ତଥ୍ୟ ଉପଯୁକ୍ତ ଭାବେ ସଂରକ୍ଷିତ ରଖାଯିବ। ସ୍ୱଚ୍ଛ, ନିର୍ଭୁଲ୍ ଭୋଟର ତାଲିକା ପ୍ରସ୍ତୁତିକୁ ଆହୁରି ସୁଦୃଢ଼ କରିବା ପାଇଁ ଏସଆଇଆରରେ ବାଦ୍ ପଡ଼ିଥିବା ଯୋଗ୍ୟ ଭୋଟର, ନୂତନ ଭାବେ ଯୋଗ୍ୟ ହୋଇଥିବା ଯୁବ ଭୋଟର ଏବଂ ତାଲିକାରେ ନାମ ସାମିଲ ପାଇଁ ଯୋଗ୍ୟ ସମସ୍ତ ବ୍ୟକ୍ତି ଏହି ସ୍ୱତନ୍ତ୍ର ଅଭିଯାନର ସୁଯୋଗ ନେଇ ଆବେଦନ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

■ ନ୍ୟୁଜିଲାଣ୍ଡ ଟୁର୍ : ଭାରତୀୟ ଟି-୨୦ ଦଳ ଘୋଷଣା

## ୪ ବର୍ଷ ପରେ ଫେରିଲେ ଭୁବି

ମୁମ୍ବଇ, ୬।୧୦ (ଏଜେନ୍ସି): ନ୍ୟୁଜିଲାଣ୍ଡ ବିପକ୍ଷ ଆଗାମୀ ୫ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜ ଲାଗି ମଙ୍ଗଳବାର ଭାରତୀୟ ଦଳ ଘୋଷଣା କରାଯାଇଛି। ଶ୍ରେୟସ ଆୟର ଘୋଷିତ ୧୬ ଜଣିଆ ଦଳର ନେତୃତ୍ୱ ଭାର ବଜାୟ ରଖିଛନ୍ତି। ତେବେ ଚୟନ ସମିତି ଏକ ବଡ଼ ନିଷ୍ପତ୍ତିକ୍ରମେ ଏହି ଗୁରୁତ୍ୱପୂର୍ଣ୍ଣ ସିରିଜ ଲାଗି ଭେଟେରାନ ଦ୍ରୁତ ବୋଲର ଭୁବନେଶ୍ୱର କୁମାର (ଭୁବି)ଙ୍କୁ ଦଳରେ ସାମିଲ କରିଛି। ଫଳରେ ୩୬ ବର୍ଷୀୟ ଭୁବନେଶ୍ୱର ଦୀର୍ଘ ୪ ବର୍ଷର ବ୍ୟବଧାନ ପରେ ଜାତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଭୁବି ଶେଷଥର ଲାଗି ୨୦୨୨ ନଭେମ୍ବର ୨୨ ତାରିଖରେ ସମାନ ନ୍ୟୁଜିଲାଣ୍ଡ ବିପକ୍ଷରେ ଏକ ଟି-୨୦ ମ୍ୟାଚ୍ ଖେଳିଥିଲେ। ତେବେ ଆଇପିଏଲ୍‌ର ଗତ ଦୁଇଟି ସିଜନରେ ୪୫ଟି ୱିକେଟ ନେଇ ଦମ୍‌ଦାର ପ୍ରଦର୍ଶନ କରିବା ପରେ ଚୟନସମିତି ତାଙ୍କୁ ଶେଷରେ ଦଳରେ ସାମିଲ କରିଛି। ଭାରତୀୟ କ୍ରିକେଟ୍ ଦଳ ଅକ୍ଟୋବର ୨୨ ତାରିଖରେ ଖ୍ରୀଷ୍ଟଚର୍ଚ୍ଚରେ ଘରୋଇ ନ୍ୟୁଜିଲାଣ୍ଡ ବିପକ୍ଷରେ ପ୍ରଥମ ଟି-୨୦ ମ୍ୟାଚ୍ ଖେଳିବ।

ଘୋଷିତ ଭାରତୀୟ ଦଳ: ଶ୍ରେୟସ ଆୟର (ଅଧିନାୟକ), ଅଭିଷେକ ଶର୍ମା, ସଞ୍ଜୁ ସାମସନ, ଇଶାନ କିଶାନ (ଉଭୟ ୱିକେଟକିପର), ବୈଭବ ସୂର୍ଯ୍ୟବଂଶୀ, ତିଳକ ବର୍ମା (ଉପ-ଅଧିନାୟକ), ଅକ୍ଷର ପଟେଲ, ଶିବମ ଦୁବେ, ନୀତୀଶ ରେଡ୍ଡୀ, ନମନ ଧୀର, ପ୍ରିନ୍ସ ଯାଦବ, ମୟଙ୍କ ଯାଦବ, ଅର୍ଶଦୀପ୍ ସିଂହ, ଭୁବନେଶ୍ୱର କୁମାର, ବରୁଣ ଚକ୍ରବର୍ତ୍ତୀ ଓ କୁଲଦୀପ୍ ଯାଦବ।

## ଗାଙ୍ଗୁଲି ଦିଲ୍ଲୀ କ୍ୟାପିଟାଲ୍ସର ହେଡ୍ କୋଚ୍

ନୂଆଦିଲ୍ଲୀ,୬।୧୦(ଏଜେନ୍ସି): ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ତଥା ପୂର୍ବତନ ବିସିସିଆଇ ସଭାପତି ଏବଂ ବର୍ତ୍ତମାନ କ୍ରିକେଟ



ଆସୋସିଏସନ ଅଫ୍ ବେଙ୍ଗଲର ସଭାପତି ଥିବା ସୌରଭ ଗାଙ୍ଗୁଲିଙ୍କୁ ଆଇପିଏଲ୍ ଫ୍ରାଞ୍ଚାଇଜ୍ ଟିମ୍ ଦିଲ୍ଲୀ କ୍ୟାପିଟାଲ୍ସର ହେଡ୍ କୋଚ୍ ନିଯୁକ୍ତ କରାଯାଇଛି। ୨୦୧୯ରୁ ସେ ଏହି ଟିମ୍‌ର ଆଡଭାଇଜର ବା ଉପଦେଷ୍ଟା ଭାବେ କାମ କରିଆସୁଛନ୍ତି। ନିକଟରେ ପ୍ରିଟୋରିଆ କ୍ୟାପିଟାଲ୍ସର କୋଚ୍ ଦାୟିତ୍ୱ ନେଇ ସାଉଥଆଫ୍ରିକା ଟି-୨୦ରେ ଏହି ଟିମ୍‌କୁ ଫାଇନାଲରେ ପ୍ରବେଶ କରାଇବା ପରେ ତାଙ୍କ କୋଚିଂ ପ୍ରତିଭା ବିକଶିତ ହୋଇଛି। 'ଦିଲ୍ଲୀ ଟିମ୍ ଓ ଖେଳାଳିଙ୍କ ସହ ମୁଁ ଦୀର୍ଘଦିନ ହେବ ଅତି ନିକଟରୁ କାମ କରିଆସୁଛି। ଏହି ଟିମ୍ ମୋ ହୃଦୟରେ ସର୍ବଦା ରହିଛି ଓ ସମ୍ପର୍କ ନିବିଡ ଅଛି। ଏପରିସ୍ଥିତିରେ ମୁଁ ଦିଲ୍ଲୀ ଟିମ୍‌ର ହେଡ କୋଚ ଦାୟିତ୍ୱ ସଫଳତାର ସହ ତୁଲାଇପାରିବି ବୋଲି ଗାଙ୍ଗୁଲି କହିଛନ୍ତି।

## ଉରୁଗୁଏଠାରୁ ହାରିଲା ଭାରତ



କୋଲକାତା, ୬।୧୦ (ଏଜେନ୍ସି): ଦୀର୍ଘ ୪୪ ବର୍ଷର ବ୍ୟବଧାନ ପରେ ଭାରତ ଓ ଉରୁଗୁଏ ଫୁଟବଲ ଦଳ ପରସ୍ପର ବିପକ୍ଷରେ ମ୍ୟାଚ୍ ଖେଳିଛନ୍ତି। ମଙ୍ଗଳବାର ସ୍ଥାନୀୟ ବିବେକାନନ୍ଦ ଯୁବା ଭାରତୀ କ୍ରୀଡ଼ାଙ୍ଗନରେ ଖେଳାଯାଇଥିବା ଏହି ପ୍ରତୀକ୍ଷିତ ବନ୍ଧୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଉରୁଗୁଏ ୬-୧ ଗୋଲ୍‌ରେ ଏକପାଖିଆ ଭାବରେ ବିଜୟୀ ହୋଇଥିଲା। ଦୁଇ ଦୁଇଥର ଫିଫା ବିଶ୍ୱକପ୍ ଜିତିଥିବା ବିଶ୍ୱର ୨୦ତମ ମାନ୍ୟତା ଦଳ ଉରୁଗୁଏ ପକ୍ଷରୁ ମାକ୍ସି ଜାଭିଅର ଆରାଜୁଓ ଦୁଇଟି ଗୋଲ୍ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡାରୱିନ ନୁନେଜ, ରୋଡ୍ରିଗୋ ଜାଲାଜାର, ଜୁଆନ ମାନୁଏଲ ସାନାବ୍ରିଆ ଓ ରୋଡ୍ରିଗୋ ଆଗୁଏର ଗୋଟିଏ ଲେଖାଏ ସ୍କୋର କରିଥିଲେ। ମ୍ୟାଚର ୨୨ତମ ମିନିଟରେ ଭାରତ ପକ୍ଷରୁ ଅନିରୁଦ୍ଧ ଥାପ୍ପା ଏକମାତ୍ର ଗୋଲଟି ଶୁଝିଥିଲେ। ଉଲ୍ଲେଖଯୋଗ୍ୟ, ଭାରତ ଏଥିପୂର୍ବରୁ ୧୯୮୨ରେ ଉରୁଗୁଏ ବିପକ୍ଷରେ ପ୍ରଥମ ଓ ଶେଷ ମ୍ୟାଚ୍ ଖେଳିଥିଲା। ଏହି ମ୍ୟାଚକୁ ମଧ୍ୟ ଉରୁଗୁଏ ୩-୧ ଗୋଲରେ ବିଜୟୀ ହୋଇଥିଲା। ଭାରତୀୟ ଦଳ ଚଳିତ ସପ୍ତାହରେ ଦ୍ୱିତୀୟଥର ଲାଗି ଫିଫା ବିଶ୍ୱକପ୍ ବିଜେତା ଦଳ ସହ ଖେଳିଛି। ଏଥିପୂର୍ବରୁ ବ୍ରାଜିଲ ବିପକ୍ଷରେ ରବିବାର ଖେଳିଥିବା ଅନ୍ୟ ଏକ ମ୍ୟାଚକୁ ମଧ୍ୟ ଭାରତ ୪-୦ ଗୋଲରେ ହାରିଯାଇଥିଲା।

### ପ୍ରଥମ ଟି-୨୦ରେ ୱେଷ୍ଟଇଣ୍ଡିଜ ପରାସ୍ତ

# ଆୟରଙ୍କ ବିସ୍ଫୋରକ ଶତକରେ ଭାରତର ଜିତ୍

ଲକ୍ଷ୍ନୌ,୬।୧୦(ଏଜେନ୍ସି)

ଅଧିନାୟକ ଶ୍ରେୟସ ଆୟରଙ୍କ ବିସ୍ଫୋରକ ଶତକ ବଳରେ ଏଠାରେ ମଙ୍ଗଳବାର ଅନୁଷ୍ଠିତ ପ୍ରଥମ ଟି-୨୦ ମ୍ୟାଚରେ ଘରୋଇ ଭାରତ ୮ ୱିକେଟରେ ଭ୍ରମଣକାରୀ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଛି। ୱେଷ୍ଟଇଣ୍ଡିଜ ପକ୍ଷରୁ ଧାର୍ଯ୍ୟ ୧୭୨ ରନର ଲକ୍ଷ୍ୟକୁ ଭାରତ ୩୨ଟି ବଲ୍ ଓ ୮ଟି ୱିକେଟ ବଳକାଥାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଫଳରେ ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜରେ ଭାରତ ୧-୦ରେ ଅଗ୍ରଣୀ ରହିଛି। ଶୁକ୍ରବାର ରାଞ୍ଚିରେ ଦ୍ୱିତୀୟ ମ୍ୟାଚ୍ ଖେଳାଯିବ।

୧୭୨ ରନକୁ ପିଛା କରିଥିବା ଭାରତ ପାୱାର ପ୍ଲେ'ରେ ଦୁଇ ଓପନର୍ ଅଭିଷେକ ଶର୍ମା (୨୧ରନ) ଓ ସଞ୍ଜୁ ସାମସନ (୧୧ ରନ)ଙ୍କୁ ହରାଇଥିଲା। ଅଧିନାୟକ ଆୟରଙ୍କ ସହ ଇନଫର୍ମ ବ୍ୟାଟର ଇଶାନ କିଶାନ ଦଳକୁ ଆଉ କୌଣସି କ୍ଷତି ହେବାକୁ ନ ଦେଇ ୧୪.୪ ଓଭରରେ ବିଜୟୀ କରାଇଥିଲେ। ଆୟର ଏଠାରେ କ୍ୟାରିୟରର ପ୍ରଥମ ଟି-୨୦ ଶତକୀୟ ପାଳି ଖେଳି ଦଳକୁ ବିଜୟୀ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଛକା ମାରି ୪୨ ବଲରେ ଶତକ ପୂରଣ କରିଥିବା ଆୟର ମୋଟ୍ ୪୩ ବଲରେ ୧୦୨ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ।





ଏହି ବିସ୍ଫୋରକ ପାଳିରେ ସେ ୧୦ଟି ଚୌକା ଓ ୬ଟି ଛକା ମାରିଥିଲେ। ତାଙ୍କୁ ଉପଯୁକ୍ତ ସହାୟତା ଦେଇଥିବା ଇଶାନ ୫ ଚୌକା ସହାୟତାରେ ୨୭ ବଲରୁ ୩୭ ରନ କରିଥିଲେ। ଅସମାପ୍ତ ତୃତୀୟ ୱିକେଟରେ ଏହି ଦୁଇ ବ୍ୟାଟର ୬୭ ବଲରୁ ୧୩୭ ରନ ଭାଗୀଦାରି ଗଢ଼ି ଦଳକୁ ଏକପାଖିଆ ବିଜୟୀ କରାଇଥିଲେ।

ପୂର୍ବରୁ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ୱେଷ୍ଟଇଣ୍ଡିଜ ଅଧିନାୟକ ସାଇ ହୋପ୍ (୩୭ ବଲରେ ୫୨ ରନ) ଓ ଶେରଫାନ ରଦରଫୋର୍ଡ (୩୪ ବଲରେ ୫୬ ରନ)ଙ୍କ ଅର୍ଦ୍ଧଶତକ ବଳରେ ୧୯.୧ ଓଭରରେ ୧୭୧ ରନ୍ କରିଥିଲା। ଅନ୍ୟତମ ବ୍ୟାଟର କାମିଲ ପୁରନ (୧୨ ରନ)ଙ୍କୁ ଛାଡ଼ିଦେଲେ ଅନ୍ୟକୌଣସି ଇଣ୍ଡିଜ ଖେଳାଳି ଦୁଇଅଙ୍କ ଛୁଇଁପାରି ନ ଥିଲେ। ଭାରତ ପକ୍ଷରୁ ଡେବ୍ୟୁଟାଣ୍ଟ ସ୍ପିନ-ଅଲରାଉଣ୍ଡର ନମନ ଧୀର ସର୍ବାଧିକ ୩ଟି ୱିକେଟ ପାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅକ୍ଷର ପଟେଲ ଓ କୁଲଦୀପ ଯାଦବଙ୍କୁ ୨ଟି ଲେଖାଏଁ ୱିକେଟ ମିଳିଥିଲା।

**ସଂକ୍ଷିପ୍ତ ସ୍କୋର**

ୱେଷ୍ଟଇଣ୍ଡିଜ : ୧୭୧/୧୦, ୧୯.୧ଓଭର (ହୋପ୍-୫୨, ରଦରଫୋର୍ଡ- ୫୬, ଶେଫର୍ଡ- ୭, ଚେଜ- ୫, ନମନ- ୩/୩୧, ଅକ୍ଷର- ୨/୨୬, କୁଲଦୀପ୍- ୨/୩୩)।

ଭାରତ : ୧୭୨/୨, ୧୪.୨ ଓଭର (ଆୟର- ଅପରାଜିତ ୧୦୨, ଇଶାନ- ଅପରାଜିତ ୩୭, ଅଭିଷେକ- ୨୧, ସାମସନ- ୧୧, ଚେଜ- ୧/୩୭)।

## ୧୦୨ତମ ଟାଇଟଲ୍ ଜିତିଲେ ଜୋକୋଭିଚ୍

ବେଜିଂ, ୬।୧୦ (ଏଜେନ୍ସି): ଚାଇନା ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟର ୨୫ତମ ସଂସ୍କରଣରେ ନୋଭାକ ଜୋକୋଭିଚ୍ ଚାମ୍ପିଅନ ହୋଇଛନ୍ତି। ମଙ୍ଗଳବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଜୋକୋଭିଚ୍‌ଙ୍କ ମୁକାବିଲା ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନାଉରଙ୍କ ସହ ହୋଇଥିଲା। ୨୪ଥରର ଗ୍ରାଣ୍ଡସ୍ଲାମ ବିଜେତା ଜୋକୋଭିଚ ପ୍ରଥମ ସେଟ୍‌କୁ ୭-୬ (୭/୩) ଗେମରେ ଜିତିଥିଲେ। ଏହାପରେ ଦ୍ୱିତୀୟ ସେଟ୍‌କୁ ମିନାଉର ୧-୦ରେ ଅଗ୍ରଣୀ ରହିଥିବାବେଳେ ଜଂଘରେ ଆଘାତଜନିତ ସମସ୍ୟା ଲାଗି ଅଧାରୁ ଓହରିଯାଇଥିଲେ। ଫଳରେ ୩୯ ବର୍ଷୀୟ ଜୋକୋଭିଚ୍‌ଙ୍କୁ ବିଜୟୀ ଘୋଷିତ କରାଯାଇଥିଲା। ସର୍ବିଆ ତାରକା ଜୋକୋଭିଚଙ୍କ କ୍ୟାରିୟରର ଏହା ୭ମ ଚାଇନା ଓପନ୍ ଓ ଓଭରଅଲ୍ ୧୦୨ତମ ସିଙ୍ଗଲ ଟାଇଟଲ୍ ବିଜୟ ହୋଇଛି। ପୁରୁଷ ସିଙ୍ଗଲ୍ସ ଟେନିସ ଖେଳାଳି ଭାବରେ ସର୍ବାଧିକ ଟାଇଟଲ୍ ଜିତିବାରେ ଆମେରିକାର ଜିମ୍ମି କନର୍ସ (୧୦୯ଟି) ଓ ରୋଜର ଫେଡେରର (୧୦୩ଟି) ପ୍ରଥମ ଦୁଇଟି ସ୍ଥାନରେ ରହିଛନ୍ତି। ଜୋକୋଭିଚ୍ ମଧ୍ୟ ଗତ ୨୧ ବର୍ଷ ହେବ କ୍ରମାଗତ ଭାବରେ ପ୍ରତି ସିଜନରେ ଅତିକମରେ ଗୋଟିଏ ଟାଇଟଲ୍ ଜିତିବାର ରେକର୍ଡକୁ ବଜାୟ ରଖିଛନ୍ତି।

## ଆଲ୍‌କାରାଜଙ୍କ ବାଜିମାତ୍

ଟୋକିଓ, ୬।୧୦ (ଏଜେନ୍ସି): ସ୍ପାନିଶ ତାରକା କାର୍ଲୋସ ଆଲ୍‌କାରାଜ ଏଠାରେ ଚାଲିଥିବା ଜାପାନ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟର ୫୨ତମ ସଂସ୍କରଣରେ ଚାମ୍ପିଅନ ହୋଇଛନ୍ତି। ମଙ୍ଗଳବାର ଖେଳାଯାଇଥିବା ଫାଇନାଲରେ ବିଶ୍ୱର ୩ ନମ୍ବର ଖେଳାଳି ଆଲ୍‌କାରାଜ ୭-୬ (୭/୪), ୬-୪ ସେଟରେ ଚେକ୍ ଗଣରାଜ୍ୟର ଜିରି ଲେହେକାଙ୍କୁ ପରାସ୍ତ କରିଥିଲେ। ଚଳିତ ସିଜନରେ ଆଲ୍‌କାରାଜଙ୍କ ଏହା ୩ୟ ଟାଇଟଲ୍ ହୋଇଛି। ଏଥିପୂର୍ବରୁ ସେ ବର୍ଷ ଆରମ୍ଭରେ ଅଷ୍ଟ୍ରେଲିଆନ୍ ଓପନ୍ ଜିତି କ୍ୟାରିୟର ଗ୍ରାଣ୍ଡସ୍ଲାମ ପୂରଣ କରିଥିଲେ।

## ଓହରିଲେ ହରମନପ୍ରୀତ୍; ମନ୍ଧାନାଙ୍କୁ ନେତୃତ୍ୱ

ଗୌହାଟୀ,୬।୧୦(ଏଜେନ୍ସି): ହରମନପ୍ରୀତ କୌର ଭାରତୀୟ ମହିଳା କ୍ରିକେଟ ଦଳର ସମସ୍ତ ଫର୍ମାଟ ନେତୃତ୍ୱରୁ ଓହରିଯାଇଛନ୍ତି। ଆଜି ଏଠାରେ ମହିଳା କ୍ରିକେଟ ଦଳର ପ୍ରଦର୍ଶନ ଲାଗି ଅନୁଷ୍ଠିତ ବିସିସିଆଇ ରିଭ୍ୟୁ ମିଟିଂ ପରେ ହରମନପ୍ରୀତ୍ ନେତୃତ୍ୱରୁ ଓହରିଯିବାକୁ ଘୋଷଣା କରିଥିଲେ। ଏହାର କିଛି ଘଣ୍ଟା ପରେ ହରମନପ୍ରୀତ୍‌ଙ୍କ ଡେପୁଟି ସ୍ମୃତି ମନ୍ଧାନାଙ୍କୁ ବିସିସିଆଇ ମହିଳା ଦଳର ସମସ୍ତ ଫର୍ମାଟ ଲାଗି ଅଧିନାୟିକା ମନୋନୀତ କରିଛନ୍ତି। ଏଣୁ ସବୁକିଛି ଯୋଜନାବଦ୍ଧ ଭାବେ ହୋଇଥିବା ଜଣାଯାଉଛି।

ହରମନପ୍ରୀତ୍ କୌରଙ୍କ ନେତୃତ୍ୱରେ ଗତବର୍ଷ ଭାରତ ଦିନିକିଆ ବିଶ୍ୱକପ୍, ଚଳିତବର୍ଷ ଏସିଆ କପ୍ ଟି-୨୦ରେ ଚାମ୍ପିଅନ ହୋଇଥିଲା। ଏହା ପରେ ଜାପାନରେ ଅନୁଷ୍ଠିତ ଏସିଆନ ଗେମ୍ସରେ ମଧ୍ୟ ତାଙ୍କ ନେତୃତ୍ୱରେ ଭାରତ ସ୍ୱର୍ଣ୍ଣପଦକ ଜିତିଥିଲା। କିନ୍ତୁ ଇଂଲଣ୍ଡରେ ଅନୁଷ୍ଠିତ ଟି-୨୦ ବିଶ୍ୱକପ୍‌ରେ ଭାରତ ନକ୍‌ଆଉଟକୁ ଯାଇ ନ ପାରିବାରୁ ହରମନପ୍ରୀତ୍‌ଙ୍କୁ ନେତୃତ୍ୱରୁ ହଟାଇବା ଲାଗି ଦାବି ହୋଇଆସୁଥିଲା। ହରମନପ୍ରୀତ ୫ଟି ଟେଷ୍ଟ, ୫୧ଟି ଦିନିକିଆ ଓ ୧୫୫ଟି ଟି-୨୦ରେ ଦଳର ନେତୃତ୍ୱ ନେଇଥିଲେ। ଏଥିରେ ଯଥାକ୍ରମେ ୪ ଟେଷ୍ଟ, ୩୦ଦିନିକିଆ ଓ ୯୨ ଟି-୨୦ରେ ବିଜୟୀ ହୋଇଛି। କିନ୍ତୁ ଦଳ ଗୋଟିଏ ଟେଷ୍ଟ, ୧୯ଟି ଦିନିକିଆ ଓ ୫୭ଟି ଟି-୨୦ରେ ହାରିଯାଇଛି।



ବିସିସିଆଇ ଆଜି ମନ୍ଧାନାଙ୍କ ନେତୃତ୍ୱରେ ଜିମ୍ବାୱେ ବିପକ୍ଷ ଘରୋଇ ସିରିଜ୍ ଲାଗି ଭାରତୀୟ ଦଳ ଘୋଷଣା କରିଛି। ଏହି ଟୁର୍‌ରେ ପ୍ରଥମେ ୩ଟି ଟି-୨୦ ମ୍ୟାଚ୍ ରାୟପୁରରେ ଯଥାକ୍ରମେ ଅକ୍ଟୋବର ୧୬, ୧୮ ଓ ୨୦ ରେ ଖେଳାଯିବ। ଏହାପରେ ସମସ୍ତ ଦିନିକିଆ ମ୍ୟାଚ୍ ବରୋଦାରେ ଖେଳାଯିବ। ଏହି ମ୍ୟାଚ୍ ଗୁଡିକ ଅକ୍ଟୋବର ୨୩, ୨୬ ଓ ୨୮ରେ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି।

ଭାରତୀୟ ଟି-୨୦ ଦଳ : ସ୍ମୃତିମନ୍ଧାନା (ଅଧିନାୟିକା), ଶେଫାଳି ବର୍ମା (ଉପ-ଅଧିନାୟିକା), ନିକି ପ୍ରସାଦ, ହରମନପ୍ରୀତ୍ କୌର, ଅନୁଷ୍କା ଶର୍ମା, ରିଚା ଘୋଷ ଓ ଜି. କାମିନୀ (ଉଭୟ ୱିକେଟକିପର), ଦୀପ୍ତି ଶର୍ମା, ପ୍ରେମା ରାୱତ, ଶ୍ରୀ ଚରଣି, ନନ୍ଦିନୀ ଶର୍ମା, କ୍ରାନ୍ତି ଗୌଡ଼, ଅରୁନ୍ଧତି ରେଡ୍ଡୀ, ଜିତିମନି କଳିତା, ମିନୁ ମାନି।

ଦିନିକିଆ ଦଳ : ସ୍ମୃତି ମନ୍ଧାନା (ଅଧିନାୟିକା), ଶେଫାଳି ବର୍ମା, ପ୍ରତୀକା ରାୱଲ, ହରମନପ୍ରୀତ୍ କୌର, ହର୍ଲିନ୍ ଦେଓଲ, ତେଜଲ ହସବନିସ୍, ଦୀପ୍ତି ଶର୍ମା (ଉପ ଅଧିନାୟିକା), ରିଚା ଘୋଷ ଓ ଯଷ୍ଟିକା ଭାଟିଆ (ଉଭୟ ୱିକେଟକିପର), ବୈଷ୍ଣବୀ ଶର୍ମା, ଶ୍ରୀ ଚରଣି, ନନ୍ଦିନୀ ଶର୍ମା, କ୍ରାନ୍ତି ଗୌଡ଼, ସାୟାଲି ସାତଘରେ, ରେଣୁକା ଠାକୁର।

## ଅଗରକରଙ୍କ କାର୍ଯ୍ୟକାଳ ଶେଷ

### ନୂତନ ଚୟନକର୍ତ୍ତା ଲାଗି ଆବେଦନ କଲା ବିସିସିଆଇ

ମୁମ୍ବଇ, ୬।୧୦ (ଏଜେନ୍ସି): ଭାରତୀୟ ସିନିଅର ପୁରୁଷ କ୍ରିକେଟ୍ ଦଳର ମୁଖ୍ୟ ଚୟନକର୍ତ୍ତା ଭାବରେ ଅଜିତ ଅଗରକରଙ୍କ କାର୍ଯ୍ୟକାଳ ଆନୁଷ୍ଠାନିକ ଭାବରେ ଶେଷ ହୋଇଛି। ଅଗରକର ଜୁଲାଇ ୨୦୨୩ରେ ମୁଖ୍ୟ ଚୟନକର୍ତ୍ତା ପଦବୀ ଗ୍ରହଣ କରିଥିଲେ। ରିପୋର୍ଟ ଅନୁସାରେ ଗତ ଅକ୍ଟୋବର ୪ ତାରିଖରେ ତାଙ୍କ କାର୍ଯ୍ୟକାଳ ସମାପ୍ତ ହୋଇଛି। ଚୟନ କମିଟିରେ ଶୂନ୍ୟସ୍ଥାନ ପଡ଼ିଥିବା ଏହି ପଦବୀ ପାଇଁ ଭାରତୀୟ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ବିସିସିଆଇ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବର୍ତ୍ତମାନର ଚୟନ କମିଟିରେ ପ୍ରଜ୍ଞାନ ଓଝା, ଆରପି ସିଂ, ଶିବ ସୁନ୍ଦର ଦାସ ଏବଂ ଅଜୟ ରାତ୍ରା ରହିଛନ୍ତି। ଅଗରକରଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ପ୍ରଜ୍ଞାନ ବର୍ତ୍ତମାନ ଅନ୍ତରୀଣ ମୁଖ୍ୟ ଚୟନକର୍ତ୍ତା ଦାୟିତ୍ୱ ସମ୍ଭାଳିଛନ୍ତି। ଭାରତୀୟ ଚୟନକର୍ତ୍ତା ଲାଗି ବିସିସିଆଇ ଏକାଧିକ ଯୋଗ୍ୟତା ମାନଦଣ୍ଡ ଧାର୍ଯ୍ୟ କରିଛି। ଆବେଦନକାରୀଙ୍କ ନିକଟରେ ଅତି କମରେ ୭ଟି ଟେଷ୍ଟ ମ୍ୟାଚ୍ ଖେଳିବାର ଅଭିଜ୍ଞତା ରହିଥିବ। ଅଥବା ସେ ୩୦ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳିଥିବେ। କିମ୍ବା ଅତିକମରେ ୧୦ଟି ଦିନିକିଆ ଓ ୨୦ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳିବାର ଅଭିଜ୍ଞତା ତାଙ୍କ ନିକଟରେ ରହିଥିବ। ସେହିଭଳି ଆବେଦନକାରୀ ଅତି କମରେ ୫ ବର୍ଷ ପୂର୍ବରୁ ଅବସର ନେଇଥିବା ଆବଶ୍ୟକ। ପ୍ରଥମ ତିନୋଟି ବିକଳ୍ପ ମଧ୍ୟରୁ ଗୋଟିଏ ପୂରଣ କରିବାକୁ ପଡିବ, ଏବଂ ଅବସର ପରେ ୫ ବର୍ଷର କୁଲ୍-ଅଫ୍ ପିରିୟଡ୍ ବାଧ୍ୟତାମୂଳକ ରହିଛି। ଏହି ନୂତନ ଖାଲି ପଦବୀ ପାଇଁ ଆବେଦନ କରିବାର ଶେଷ ସମୟ ଅକ୍ଟୋବର ୧୪ ତାରିଖ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ରହିଛି।

ଜାତୀୟ ଲନ୍ ବୋଲିଂ ଚାମ୍ପିଅନସିପ୍ ୨୩ରୁ

## ସ୍ୱର୍ଣ୍ଣ ଜିତିବାକୁ ଓଡ଼ିଶାର ଆଶା

ଭୁବନେଶ୍ୱର,୬।୧୦(ସମିସ): ବଲାଙ୍ଗିରର ନବନିର୍ମିତ ଆର୍‌ଏନ୍ ସିଂହଦେଓ ଅନ୍ତର୍ଜାତୀୟ ଲନ୍‌ବଲ ଷ୍ଟାଡିୟମ୍‌ରେ ଜାତୀୟ ୧୮ ଓ ୨୫ ବର୍ଷରୁ କମ୍ ଲନ୍ ବଲ ଚାମ୍ପିଅନସିପ୍ ଆୟୋଜିତ ହେବ। ଏହି ପ୍ରତିଯୋଗିତା ଅକ୍ଟୋବର ୨୩ରୁ ଆରମ୍ଭ ହୋଇ ୨୬ରେ ଶେଷ ହେବ। ସମଗ୍ର ଦେଶରୁ ୧୮ ଟି ଲେଖାଏଁ ଟିମ୍ ଅଂଶଗ୍ରହଣ କରିବେ। ଏଥିରେ ଓଡ଼ିଶା ସ୍ୱର୍ଣ୍ଣପଦକ ଜିତିବାକୁ ଆଶା ରଖିଛି ବୋଲି ଆୟୋଜକ ଓଡ଼ିଶା ଲନ ବଲ୍ ସଂଘ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ଆଶା ପ୍ରକାଶ କରିଛନ୍ତି। ବିଶେଷକରି ଏସିଆନ ଗେମ୍ସ ଖେଳିଥିବା ରୋଶନ ସାହୁ ଓ ରାଜେଶ୍ୱରୀ ସେଠଙ୍କଠାରୁ ସ୍ୱର୍ଣ୍ଣପଦକ ଆଶା କରାଯାଉଛି। ଟୁର୍ଣ୍ଣାମେଣ୍ଟକୁ ସଫଳ କରାଇବା ଲାଗି ସମସ୍ତ ପ୍ରକାର ପଦକ୍ଷେପ ନିଆଯାଉଛି ବୋଲି ଆଜି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସଂଘର ଉପସଭାପତି ମନ୍ମଥ ସିଂଦେଓ ପ୍ରକାଶ କରିଛନ୍ତି। ରାଜ୍ୟରେ ଏହି ଖେଳକୁ ଲୋକପ୍ରିୟ କରାଇବା ଲାଗି ସିନିଅର, ଏଜ୍ ଗ୍ରୁପ୍ ଏବଂ ର୍ୟାଙ୍କିଙ୍ଗ ଟୁର୍ଣ୍ଣାମେଣ୍ଟ କରାଯାଉଛି ବୋଲି ସମ୍ମିଳନୀରେ ଉପସ୍ଥିତ ଖୋର୍ଦ୍ଧା ସଂଘ ସମ୍ପାଦକ ସୁରେଶ ସ୍ୱାଇଁ ପ୍ରକାଶ କରିଛନ୍ତି।




## ଅଷ୍ଟ୍ରେଲିଆ 'ଏ' ର ବୃହତ୍ ବିଜୟ

ପୁଡୁଚେରୀ, ୬।୧୦(ଏଜେନ୍ସି):
ପୁଡୁଚେରୀ,୬।୧୦(ଏଜେନ୍ସି): ନାଥାନ ମ୍ୟାକ୍‌ସ୍ୱିନୀ (୧୨୩ରନ୍)ଙ୍କ ଶତକ ଓ ମାହଲି ବିୟର୍ଡମ୍ୟାନ୍ (୪/୨୩)ଙ୍କ ଘାତକ ବୋଲିଂ ବଳରେ ଏଠାରେ ମଙ୍ଗଳବାର ଖେଳାଯାଇଥିବା ପ୍ରଥମ ଦିନିକିଆରେ ଅଷ୍ଟ୍ରେଲିଆ-ଏ' ୧୨୫ ରନ୍‌ରେ ଭାରତ-ଏ'କୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ମ୍ୟାକସ୍ୱିନୀଙ୍କ ଶତକ ଓ ୱିଲ ସଦରଲାଣ୍ଡଙ୍କ ୭୭ ରନ୍ ବଳରେ ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ-ଏ' ୨୭୪ ରନ୍ କରିଥିଲା। ଜବାବରେ ଭାରତ-ଏ' ୩୧.୪ ଓଭରରେ ୧୪୯ ରନ୍ କରି ଅଲଆଉଟ ହୋଇଯାଇଥିଲା। ତାରକା ଖେଳାଳିଙ୍କୁ ନେଇ ଗଠିତ ଭାରତ-ଏ' ପକ୍ଷରୁ କେବଳ ରଜତ ପାଟିଦାର ୫୩, ନିଶାନ୍ତ ସିନ୍ଧୁ ୩୧ରନ୍‌ର ଉଲ୍ଲେଖନୀୟ ଇନିଂସ ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଋତୁରାଜ ଗାଏକ୍ୱାଡ ୧୫, ସାଇ ସୁଦର୍ଶନ ୧ ଓ ଦେବଦତ୍ତ ପାଡିକଲ ୦ ରନ୍‌ରେ ଆଉଟ ହୋଇଥିଲେ।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିଭିତ୍ତିକ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

| ପୋଷ୍ଟର ନାମ | ଖାଲି ପଦବୀ | 31.07.2026 ରେ ବୟସ (ବର୍ଷ) | |
|---|---|---|---|
| | | ସର୍ବନିମ୍ନ | ସର୍ବାଧିକ |
| **ବିଜ୍ଞାପନ ସଂ. CRPD/SCO/2026-27/24 (ଚୁକ୍ତିଭିତ୍ତିକ ପଦବୀ)** | | | |
| ଡେପୁଟି ଭାଇସ୍ ପ୍ରେସିଡେଣ୍ଟ (ଆନାଲିଟିକାଲ୍ ମାର୍କେଟିଂ ଓ କ୍ୟାମ୍ପେନ୍) | 1 | 33 | 45 |
| ଡେପୁଟି ଭାଇସ୍ ପ୍ରେସିଡେଣ୍ଟ (ଡିଜିଟାଲ୍ ମାର୍କେଟିଂ) | 2 | 33 | 45 |
| କଣ୍ଟେଣ୍ଟ ସ୍ପେସିଆଲିଷ୍ଟ | 1 | 25 | 40 |
| **ବିଜ୍ଞାପନ ସଂ. CRPD/SCO/2026-27/25 (ଚୁକ୍ତିଭିତ୍ତିକ ପଦବୀ)** | | | |
| ବିକ୍ରୟ ବିଭାଗ ମୁଖ୍ୟ | 1 | 40 | 52 |
| କେନ୍ଦ୍ରୀୟ ଗବେଷଣା ଦଳ (ପ୍ରଡକ୍ଟ ଲିଡ୍) | 2 | 30 | 45 |
| ମ୍ୟାନେଜର (ବ୍ୟବସାୟିକ ପ୍ରକ୍ରିୟା) | 1 | 30 | 40 |
| ପ୍ରୋଜେକ୍ଟ ଡେଭଲପମେଣ୍ଟ ମ୍ୟାନେଜର (ଟେକ୍ନୋଲୋଜି) | 1 | 25 | 40 |
| କେନ୍ଦ୍ରୀୟ ପରିଚାଳନା ଦଳ (ସି ଓ ଟି) ସହାୟତା | 1 | 30 | 40 |

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଅଭିଜ୍ଞତା, ଜବ ପ୍ରୋଫାଇଲ୍ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ, ଅନଲାଇନ ଆପ୍ଲିକେସନ ଜମା ଏବଂ ଅନଲାଇନ ଆପ୍ଲିକେସନ ଫିସ୍ ଦେୟ ପାଇଁ ବ୍ୟାଙ୍କର ୱେବସାଇଟ **https://sbi.bank.in/web/careers/current-openings** ଲିଙ୍କ୍ ସହିତ ଲଗ ଇନ କରନ୍ତୁ । ଆବେଦନ ଏବଂ ଫି ପଠେଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟ **(https://sbi.bank.in/web/careers/post-your-query)** ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 30.09.2026 ରୁ 21.10.2026 ପର୍ଯ୍ୟନ୍ତ ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 30.09.2026

**ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)**

ସାହାଣୀ କପ୍ ଆନ୍ତଃଜିଲ୍ଲା ଫୁଟବଲ ଉଦ୍‌ଯାପିତ

## ରାଉରକେଲାକୁ ହରାଇ କଟକ ଚାମ୍ପିଅନ

ଭୁବନେଶ୍ୱର,୬।୧୦(ସମିସ)

ରାଉରକେଲା ଷ୍ଟିଲ ପ୍ଲାଣ୍ଟକୁ ୨-୦ ଗୋଲରେ ହରାଇ କଟକ ଜିଲ୍ଲା ମଧ୍ୟରେ ୬୫ତମ ସିନିଅର ପୁରୁଷ ଆନ୍ତଃଜିଲ୍ଲା ଫୁଟବଲ ଚାମ୍ପିଅନ ହୋଇଛି। ୟୁନିଟ-୧ ଭୁବନେଶ୍ୱର ଫୁଟବଲ ଏକାଡେମୀ ପରିସରରେ ଆଜି ଖେଳାଯାଇଥିବା ଫାଇନାଲରେ କଟକ ପକ୍ଷରୁ ବାପୁନି ବିନ୍ଧାଣି ଓ ଦୀନବନ୍ଧୁ ଦାସ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶା, ଭୁବନେଶ୍ୱର ଆଥଲେଟିକ୍ ଆସୋସିଏସନ ଓ କ୍ରୀଡ଼ା ଏବଂ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ଚାମ୍ପିଅନ ଦଳକୁ ସାହାଣୀ କପ୍ ସହ ଏକ ଲକ୍ଷ ଓ




ରନର୍ସ ଅପ୍ ଦଳକୁ କପ୍ ସହ ୫୦,୦୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ଏହା ବ୍ୟତୀତ ସାହାଣୀ ଟ୍ରଷ୍ଟ ପକ୍ଷରୁ ଚାମ୍ପିଅନଙ୍କୁ ୨୫ ଓ ରନର୍ସ ଅପ୍ ଟିମ୍‌କୁ ୧୫,୦୦୦ ଟଙ୍କା ପ୍ରଦାନ କରାଯାଇଛି। ଖେଳ ଶେଷରେ ବିଧାୟକ ବାବୁ ସିଂ, ଓଡ଼ିଶା ଅଲିମ୍ପିକ୍ ସଂଘ ସଭାପତି ସମୀର ମହାନ୍ତି, ସମ୍ପାଦକ ଅଭିଜିତ ପାଲ୍, ସାମାଜିକ କର୍ମୀ ଜଗନ୍ନାଥ ପ୍ରଧାନଙ୍କ ସମେତ ଫାଓ ଏବଂ ଭୁବନେଶ୍ୱର ଆଥଲେଟିକ୍ ସଂଘ ସମ୍ପାଦକ ଏସ୍‌ଆର ପରିଜା ଅତିଥିଭାବେ ଯୋଗଦେଇଥିଲେ। ରେଫରି ଶିବଶଙ୍କର ପଣ୍ଡା ଫାଇନାଲ ମ୍ୟାଚ୍ ପରିଚାଳନା କରିଥିଲେ। ତାଙ୍କୁ ସହାୟତା ଦେଇଥିଲେ ଅରୁଣ ନାୟକ, ଉତ୍କଳମଣି ବେହେରା ଓ ପ୍ରଶାନ୍ତ ବେହେରା। ଦୁର୍ଗାମାଧବ ନାୟକ ମ୍ୟାଚ୍ କମିଶନର ଓ ସୁଜିତ ପାତ୍ର ରେଫରି ଆସେସର ରହିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ରଞ୍ଜିତ୍ ମହାନ୍ତି
EXECUTIVE EDITOR: RANJIT MOHANTY